# ୟୁନିଟ୍ ୭

## ସାରଳା ସାହିତ୍ୟର ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ମୂଲ୍ୟ

**ପରିଚୟ ପର୍ବ: (ସ୍ରଷ୍ଟା ଓ ସୃଷ୍ଟି) :**

ଉତ୍କଳର ବରପୁତ୍ର, ସାରସ୍ୱତ ସାଧକ ଆଦିକବି, ଶୂଦ୍ରମୁନି ସାରଳା ଦାସଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ଐତିହାସିକ ତଥ୍ୟ ଉପଲବ୍ଧ ହୁଏ ନାହିଁ । କାରଣ ସେ ତାଙ୍କର ସ୍ୱଗ୍ରନ୍ଥମାନଙ୍କର କୌଣସି ସ୍ଥାନରେ ନିଜର ସ୍ପଷ୍ଟ ପରିଚୟ ଦେଇନାହାନ୍ତି । ଭାରତୀୟ ପରଂପରାରେ ଆତ୍ମବିବରଣୀ ପ୍ରଦାନ ହେଉଛି ଏକ ଅହଂକାରପୂର୍ଣ୍ଣ ଆତ୍ମବଡିମା ପ୍ରଖ୍ୟାପକ କାର୍ଯ୍ୟ । ସେଥିପାଇଁ ତ କାଳିଦାସ, ଅଶ୍ୱଘୋଷ, ଭବଭୂତି, ମାଘ ପ୍ରମୁଖ ପ୍ରସିଦ୍ଧ ସଂସ୍କୃତ କବିଗଣ ନିଜ ନିଜର ପରିଚୟ ପ୍ରଦାନ କରିବାକୁ କୁଣ୍ଠା ପ୍ରକାଶ କରିଛନ୍ତି । ତେବେ କେତେକ ଜନଶ୍ରୁତି ଓ ତାଙ୍କ ରଚନାବଳୀରେ ବିକ୍ଷିପ୍ତଭାବେ ରହିଥିବା ଅଳ୍ପକେତେକ ପଙ୍କ୍ତି ଓ ଭଣିତା ଆଶ୍ରୟରେ ତାଙ୍କ ଜୀବନୀ ପରିଚୟ ପର୍ବର ପୃଷ୍ଠାକୁ ଉନ୍ମୋଚନ କରାଯାଇପାରେ ।

**(୧) ଜନ୍ମସ୍ଥାନ :**

ସାରଳା ଦାସଙ୍କ ଜନ୍ମସ୍ଥାନକୁ ନେଇ ଆଲୋଚକମାନେ ଭିନ୍ନ ଭିନ୍ନ ମତ ପ୍ରଦାନ କରିଥିବାର ଲକ୍ଷ୍ୟ କରାଯାଏ । ତେବେ କବି ନିଜେ ତାଙ୍କ ମହାଭାରତର ବିରାଟପର୍ବ, ବନପର୍ବ, ଆଦିପର୍ବ, ମଧ୍ୟପର୍ବରେ ନିଜର ଜନ୍ମସ୍ଥାନର ପରିଚୟ ଦେବାକୁ ଯାଇ ଲେଖିଛନ୍ତି । ଏହିପରି –

**(୧) ବିରାଟ ପର୍ବ :**

''ଜମ୍ବୁଦ୍ୱୀପ ଭରତଖଣ୍ଡ ମଣ୍ଡଳ ଓଡ୍ରରାଷ୍ଟ୍ର
ଭୁବନ ଯାଜନଗ୍ର ପୂର୍ବଦିଗ ମହୋଦଧି ତଟ ।
ଶ୍ୱେତବାହୀ ନୀଳସୁନ୍ଦର ଗିରି ମଧ୍ୟ ସ୍ଥାନେ,
ମହେନ୍ଦ୍ର ଚନ୍ଦ୍ରଭାଗା କୋଣାର୍କ ଐଶାନେ
ସେ ପୁର ବାସ ଯଂକ୍ଷେତ୍ରପୁର ବାସିନୀ
ଗିରିଜାର ଆଜ୍ଞାରେ ତହିଁରେ ମୁହିଁ ଜନାମି ।''

**(୨) ବନପର୍ବ :**

''ଝଙ୍କଡ଼ ଯାହାକୁ ପୂର୍ବେ ବାରସ୍ୱତୀ ବୋଲି
ଗିରିଜାଙ୍କ ଆଜ୍ଞାରେ ମୁଁ ତହିଁ ଜନମିଲି ।''

**(୩) ଆଦିପର୍ବ :**

''ନୀଳସୁନ୍ଦର ଗିରି ଉତ୍ତର ଦିଗ କୋଣେ
ସାରସ୍ୱତ ଭୂମି ଭରତଖଣ୍ଡ ଐଶାନ୍ୟେ ।

ଚନ୍ଦ୍ରଭାଗା ବୋଲି କରି ନଦୀ ଏକଗୋଟି
ବୃଦ୍ଧ ମାତାଙ୍କ ପାରୁଶେ ମହୋଦଧି ଭେଟି ।
ସେ ନଦୀ ତୀରରେ ପର୍ଶୁରାମ ଯେ ଘାଟଇ
କନକାବତୀ ନାମେ ପାଟଣା ପ୍ରକାଶଇ
ତା' ଉତ୍ତରେ ଅନୁଜ ସରଳ ବୋଲି ଗ୍ରାମେ
ବିଜୟେ ମାହେଶ୍ୱରୀ ସାରଳା ଚଣ୍ଡୀ ନାମେ ।''

(୪) ମଧ୍ୟପର୍ବରେ :

''ଚିତ୍ରୋତ୍ପଳା ନଦୀ ଯେ ଉତ୍ତର ଭାଗେଣ
ଜଙ୍ଘେରପୁର ନାମେ ଅଟଇ ପାଟଣା ।
କନକପୁର ପାଟଣା ଘର ପର୍ଶୁରାମ
ମୁହିଁ ତାଙ୍କ ଅନୁଜ୍ୟ ସାରଳା ଦାସ ନାମ ।''

(କ) ବହୁପ୍ରାଚୀନ କାଳରୁ ଝଙ୍କଡ଼ ଗ୍ରାମଟି ଏକ ପ୍ରଧାନ ଶକ୍ତିପୀଠ ରୂପେ ପ୍ରାଧାନ୍ୟ ଲାଭ କରିଥିଲା। ଏହି ଗ୍ରାମଟିର ପୂର୍ବନାମ ଥିଲା 'ବାରାସ୍ୱତୀ' ବୋଲି କବି ଲେଖିଛନ୍ତି ।

(ଖ) ଝଙ୍କଡ଼ ନିକଟବର୍ତ୍ତୀ ଥିବା ଛୋଟ ନାଳଟିକୁ ସ୍ଥାନୀୟ ଲୋକେ 'ଚନ୍ଦ୍ରଭାଗା' ବୋଲି କହନ୍ତି । ପୂର୍ବେ ଏହି ନଦୀଟି କଟକ ଜିଲ୍ଲାର 'ବୃଦ୍ଧମାତା' (ମାତାମଠ) ନିକଟରେ ସମୁଦ୍ରରେ ପଡିଥିଲା ।

(ଗ) ଏହି ନଦୀକୂଳସ୍ଥ ଝଙ୍କଡ଼ ନିକଟରେ 'କନକପୁର' ଗ୍ରାମଟି ଅବସ୍ଥିତ । ସେଠାରେ ଥିବା ଘାଟଟିର ନାମ 'ପର୍ଶୁରାମ ଘାଟ' । ଏଠାରେ ସାରଳା ଦାସଙ୍କ ଅଗ୍ରଜ ପର୍ଶୁରାମ ଘାଟିଆଳ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କରି ନାମାନୁସାରେ ଘାଟଟିର ନାମ ଏପରି ହୋଇଥିବାର ଜଣାଯାଏ ।

(ଘ) ପୂର୍ବେ ''କନକପୁର'' ଗ୍ରାମଟି 'କନକାବତୀ ପାଟଣା' ନାମରେ ପରିଚିତ ଥିବାର ସୂଚନା ସାରଳାଦାସ ଦେଇଛନ୍ତି।

(ଙ) କନକାବତୀ (କନକପୁର) ଗ୍ରାମର ଉତ୍ତରରେ 'ସରଳ' ବୋଲି ଗୋଟି ଗ୍ରାମର ଅବସ୍ଥିତି ଥିଲା । ଯାହାକି 'ଝଙ୍କଡ' ନାମରେ ମଧ୍ୟ ପରିଚିତ ଥିଲା । ସେହି ଗ୍ରାମର ଆରାଧ୍ୟ ଦେବୀ ହେଉଛନ୍ତି ସାରଳା ଚଣ୍ଡୀ, ପୂର୍ବେ 'ସରଳ' ଗ୍ରାମଟି 'ସାନ ସରଳ' ନାମରେ ପରିଚିତ ଥିବାରୁ କବି ତାହାକୁ 'ଅନୁଜ ସରଳ' ବୋଲି କହିଛନ୍ତି ।

(ଚ) କଟକ ଜିଲ୍ଲାର ଏହି ଅଞ୍ଚଳର ଉତ୍ତରକୁ ମହାନଦୀର ଏକ ଶାଖା ପ୍ରବାହିତ ହୋଇ ପୂର୍ବାଭିମୁଖୀ ହୋଇ ସମୁଦ୍ରରେ ପଡିଛି । ଏହି ଶାଖାଟିକୁ 'ଚିତ୍ରୋତ୍ପଳା' କୁହାଯାଏ । ପ୍ରାଚୀନ ପୁରାଣମାନଙ୍କରେ 'ମହାନଦୀ' କୁ ଚିତ୍ରୋତ୍ପଳା କୁହାଯିବାର ଉଲ୍ଲେଖ ରହିଛି ।

(ଛ) ଏହି ପ୍ରସଂଗରେ କବି ସାରଳା ଦାସ କହିଛନ୍ତି- ଶ୍ୱେତବାହୀ ବା ବିରଜା କ୍ଷେତ୍ର (ଯାଜପୁର) ଓ ନୀଳସୁନ୍ଦର ପର୍ବତ (ପୁରୀ-ନୀଳାଚଳ) ମଧ୍ୟ ସ୍ଥଳରେ ଓ ମହେନ୍ଦ୍ର, ଚନ୍ଦ୍ରଭାଗା (କୋଣାର୍କ ନିକଟସ୍ଥ ଓ କୋଣାର୍କର ଐଶାନରେ ଯଂଘେରପୁର (ଝଙ୍କଡ଼) ଗ୍ରାମଟି ଅବସ୍ଥିତ।

ଉପରୋକ୍ତ ପ୍ରସଂଗ ଭିତ୍ତିରେ କବିଙ୍କ ବାସସ୍ଥାନ ଯେ ଝଙ୍କଡ଼ ଗ୍ରାମ- ଏଥିରେ ସନ୍ଦେହର ଅବକାଶ ନାହିଁ । ଏହି ସତ୍ୟକୁ କବିଙ୍କ ସ୍ୱୀକାରୋକ୍ତି ମଧ୍ୟରେ ପ୍ରମାଣିତ ହେଉଛି-

''ଝଙ୍କଡ଼ ଗ୍ରାମରେ ମୋର ଅଟଇ ବସତି
ମୂର୍ଖଙ୍କ ଗୋଷ୍ଠୀରେ ସଦା ଗଲା ଦିନରାତି ।'' (ବିଲଙ୍କା ରାମାୟଣ-ପୃ-୨)

**(୨) ବଂଶ ପରିଚୟ**

ସାରଳା ଦାସ ତାଙ୍କର କୌଣସି ଗ୍ରନ୍ଥରେ ନିଜ ବଂଶର ପରିଚୟ ଦେଇନାହାନ୍ତି । କେବଳ ତାଙ୍କର ଜ୍ୟେଷ୍ଠଭାଇ ପର୍ଶୁରାମ ଚିତ୍ରୋତ୍ପଳା ନଦୀରେ ଘାଟିଆ ଭାବେ କାର୍ଯ୍ୟ କରୁଥିଲେ ବୋଲି ପ୍ରକାଶ କରିଛନ୍ତି । କିନ୍ତୁ ଅନ୍ୟତ୍ର ସେ ତାଙ୍କର କୌଳିକ ବୃତ୍ତି କୃଷି ବୋଲି ସ୍ପଷ୍ଟଭାବେ କହିଛନ୍ତି-

''ଚାଷ ଚଷିଣ ଆମ୍ଭେ ନାନା କୃଷି କରି
ଧାନର ଚାଷ କାକୁଡ଼ି ମାଣ୍ଡିଆ ଆଦି କରି ।
x xx xx x
ଯେଉଁ କୃଷିରେ ମୋତେ ଲଗାଇ ଦିଅନ୍ତି
ସେ କାର୍ଯ୍ୟ ସୁଖେଣ ମୁଁ କରୁଥାଇ ନିତି ।'' (ଆଦିପର୍ବ)

ଏପରିକି ସେ ପୁରୁଷାନୁକ୍ରମେ ସାରୋଳା ଗ୍ରାମର 'ମୁଖିଆ' ଥିବାର କଥା ମଧ୍ୟ କହିଛନ୍ତି-

''ସାରୋଳ ଗ୍ରାମରେ ମୁଁ ଅଟଇ ପ୍ରଧାନ
ପୁରୁଷ ଅନୁକ୍ରମେ ଅଟୁଂ ଯେ ଗ୍ରାମୀନ । 'ଆଦିପର୍ବ' ।

ସେ ତାଙ୍କ ପୁତ୍ରମାନଙ୍କ ମଧ୍ୟରେ ସର୍ବକନିଷ୍ଠପୁତ୍ର ଥିଲେ ବୋଲି ମଧ୍ୟ ପ୍ରକାଶ କରିଛନ୍ତି- ଆଦିପର୍ବର ଗୋଟିଏ ସ୍ଥାନରେ-

''ସବୁହୁଂ ସାନ ମୁଂ ଯେ ଜଡଭାବ ମତି ।'' (ଆଦିପର୍ବ)

**(୩) କୌଳିକ ସଂଜ୍ଞା:**

ସାରଳା ଦାସଙ୍କ ପିତୃଦତ୍ତ ନାମ ଥିଲା ସିଦ୍ଧେଶ୍ୱର ପରିଡା । ସେ ଏହି ନାମରେ ପରିଚିତ ଥିଲେ '' ବିଲଙ୍କାର ରାମାୟଣ' ରଚନା ପର୍ଯ୍ୟନ୍ତ। ପରେ ସାରଳା ଦେବୀଙ୍କ ଅନୁଗ୍ରହ ଲାଭ କରି ହେଲେ ସାରଳା ଦେବୀଙ୍କର ଦାସ, ସାରଳା ଦାସ। ସେ ଜାତିରେ ଥିଲେ ଚଷା ଓ ତାଙ୍କର କୌଳିକ ସଂଜ୍ଞା ଥିଲା 'ପରିଡା'। ପ୍ରାଚୀନ 'ଓଡିଶା'ରେ 'ପରିଡା' ଏକ ବୀରଜାତିର ସଂଜ୍ଞା ଥିଲା। ଏବେ ବି 'ପରିଡା' ସଂଜ୍ଞାଧାରୀ ଖଣ୍ଡାୟତ ଜାତିର ବହୁ ପରିବାର ଓଡିଶାରେ ବସବାସ କରି ଆସୁଛନ୍ତି।

**(୪) ପାରିବାରିକ ଜୀବନ:**

କବି ନିଜର ଗ୍ରନ୍ଥଗୁଡିକର କୌଣସି ସ୍ଥାନରେ ଗୃହସ୍ଥୀ ଥିବାର ସଚୂନା ପ୍ରଦାନ କରିନାହାନ୍ତି । ତେବେ ସେ ବିବାହିତ ଥିଲେ ଓ ବହୁକୁଟୁମ୍ବୀ ପରିବାର ମଧ୍ୟରେ ରହୁଥିଲେ ବୋଲି ସାମାମ୍ୟ ସୂଚନା ନିମ୍ନୋକ୍ତ ପଦ ମଧ୍ୟରେ ପ୍ରକାଶ ପାଇଛି ।

'' ମୁହିଂ ଯାହା ଭ୍ରାନ୍ତି କଲି କୁଟୁମ୍ବ ଦେଖନ୍ତେ
ଅବଗତ ବାକ୍ୟେ ସେ ବଞ୍ଚାଇ ଦିଅନ୍ତି ମୋତେ ।'' (ଦ୍ରୋଣପର୍ବ ପ୍ର.୨୭୪)

ପୁଣି ଅନ୍ୟତ୍ର ସେ ସାଂସାରିକ ମୋହମାୟାରେ ବୁଡି ରହିଛନ୍ତି ଓ କୁଟୁମ୍ବ ଜଂଜାଳ ତାଙ୍କ ପକ୍ଷରେ ଯେ ଅସହ୍ୟ ହୋଇପଡିଛି ତାହାର ସୂଚନା ମଧ୍ୟ ଦେଇଛନ୍ତି । ଏଥିରୁ ସମ୍ୟକ ଭାବେ ତାଙ୍କ ପାରିବାରିକ ଜୀବନ ଚିତ୍ରର ପରିଚୟ ମିଳିଥାଏ ।

''ଗୃହୀ ହୋଇ ଚଲୁଅଛି ଘେନି ପୁତ୍ର ପୌତ୍ରୀ'' ପଦ ସଂଯୋଜନାରେ ।

**(୫) ବହୁଶାସ୍ତ୍ରଦର୍ଶିତା:**

କବି ସାରଳା ଦାସ ନିଜ ଗ୍ରନ୍ଥମାନଙ୍କର ଅନେକ ସ୍ଥାନରେ ନିଜକୁ ମୂର୍ଖ, ଅପଣ୍ଡିତ, ବାଳୁତ ବୁଦ୍ଧି, ଅରକ୍ଷିତ ଇତ୍ୟାଦି ଭାବରେ ପରିଚିତ ହୋଇଛନ୍ତି । ଯଥା -

(୧) ଆଦିପର୍ବ:

''ଶୁଣି ବୁଧଜନେ ନ ଧର ଆନ ଚିତ୍ତ
ଜନ୍ମେଣ ମୁରୁଖ ମୁହିଂ ନୋହଇ ପଣ୍ଡିତ ।''

(୨) ମଧ୍ୟ ପର୍ବ:

''ମୁହିଂ ଯେ ଅରକ୍ଷିତ ଅଟଇ ଅପଣ୍ଡିତ
ବିଦ୍ୟା ମାହାତ୍ମରେ ନୋହିଲି ଭଗତ ।''

(୩) ଉଦ୍‌ଯୋଗ ପର୍ବ:

"ମୁହିଂ ଶୁଦ୍ର ମୂର୍ଖ ଅଗ୍ୟାନ ଅପଣ୍ଡିତ
ମୁଂ କାହିଂ କହିବି ପୁରାଣ ଅକଳିତ ଶ୍ରୀ ମହାଭାରଥ,
ନ ପଢ଼ିଲି ନ ଶୁଣିଲି ନ ଭାବିଲି ଗତ ପୁଣ୍ୟେ ।"

ଉଦ୍ଧୃତାଂଶଗୁଡ଼ିକରେ ସାରଳା ଦାସ ନିଜକୁ ଯେତେ ମୂର୍ଖ, ଅପଣ୍ଡିତ, ଅଜ୍ଞାନ ବୋଲି କୁହନ୍ତୁ ନା କାହିଁକି, ତାଙ୍କ ସୃଷ୍ଟିଗୁଡ଼ିକ ହିଁ ତାଙ୍କର ଅସାଧାରଣ ପାଣ୍ଡିତ୍ୟର ସୂଚନା ଦେଉଛି । କାରଣ ଜଣେ ମୂର୍ଖ, ଅପଣ୍ଡିତ ଓ ଜ୍ଞାନଶୂନ୍ୟ ବ୍ୟକ୍ତି କେବଳ "ସେ ଯାହା କହଇ ମୋତେ ମୁଁ ତାହା କରଇ ଲିଖନ" ଶୈଳୀ ଭିତରେ ରହିଯିବ "ଅର୍ଥାତ୍ କେବଳ କରୁଣାରୁ ଏପରି ଏକ ବିରାଟ ମହାଭାରତ ଗ୍ରନ୍ଥର ରଚୟିତା ହୋଇପାରିବ ଏହା ବିଶ୍ୱାସ କରିବା କେବେ ସମ୍ଭବ ନୁହେଁ ବରଂ ଏଥିରେ ରହିଛି ତାଙ୍କର ସୌଜନ୍ୟ, ବିନୟଭାବ ଓ ମହାନୁଭବତାର ପରିଚୟ । ତାଙ୍କ ଅସାଧାରଣ ପାଣ୍ଡିତ୍ୟର ପରିଚୟ ମିଳେ ନିମ୍ନୋକ୍ତ ପ୍ରସଂଗ ଭିତ୍ତିରେ-

(କ) ସାରଳା ମହାଭାରତରେ ସଂଯୋଜିତ ହୋଇଥିବା ଛନ୍ଦରୀତି-ଯାହା ଦାଣ୍ଡୀ ବୃତ୍ତରେ ରଚିତ । ଏ ପ୍ରକାର ଛନ୍ଦରେ ପାଦର ଅକ୍ଷର ସଂଖ୍ୟାର ଅମେଳ ରୀତି ହିଁ ତାଙ୍କ ପାଣ୍ଡିତ୍ୟର ଏକ ଅଭ୍ରାନ୍ତ ନମୁନା ଭାବେ ଗ୍ରହଣ କରାଯାଇପାରେ ।

(ଖ) ସାରଳାଙ୍କ ଭାଷାରେ ରହିଛି ତତ୍ସମ, ତଦ୍‌ଭବ, ଦେଶଜ ଆଦି ଶବ୍ଦର ଅପୂର୍ବ ସମାବେଶ । ବିଶେଷକରି କବି ସଂସ୍କୃତ ଶବ୍ଦଗୁଡ଼ିକୁ ଗ୍ରନ୍ଥଗୁଡ଼ିକ ମଧ୍ୟରେ ଏପରି ଭାବେ ମିଶେଇ ଦେଇଛନ୍ତି ଯେ, ସେଗୁଡ଼ିକ ବୁଝିବାରେ ପାଠକକୁ କଷ୍ଟବୋଧ ହୁଏ ନାହିଁ । ଏପରିକି ନିଜର ଅଗାଧ ପାଣ୍ଡିତ୍ୟ ବଳରେ ସେ ମଧ୍ୟ ସଂସ୍କୃତ ଶବ୍ଦରୁ ଶହ ଶହ ତଦ୍‌ଭବ ଶବ୍ଦ ସୃଷ୍ଟି କରିବା ଦିଗରେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ।

(ଗ) ସାରଳାଙ୍କ ମହାଭାରତରେ ଥିବା କେତେକ ପଦର ବ୍ୟୁତ୍ପତ୍ତିକ୍ରମକୁ ଦେଖିଲେ ଜଣାଯାଏ, ଏଥି ମଧ୍ୟରୁ କେତେକ ସଂସ୍କୃତ ମହାଭାରତରେ ପ୍ରଦତ୍ତ ବ୍ୟୁତ୍ପତ୍ତିକ୍ରମ ସହ ପ୍ରାୟତଃ ସମାନ, ଆଉ କେତେକ ବିଭିନ୍ନ ପୁରାଣମାନଙ୍କରୁ ଗ୍ରହଣ କରାଯାଇ ପ୍ରସଙ୍ଗୋଚିତ ଭାବେ ବ୍ୟବହୃତ ହୋଇଛି । ପୁନଶ୍ଚ କେତେକ କ୍ଷେତ୍ରରେ କେତେକ ପଦର ସଂସ୍କୃତ ବ୍ୟୁତ୍ପତ୍ତିଠାରୁ ସାମାନ୍ୟ ଭିନ୍ନ ଏବଂ ଅନ୍ୟ କେତେକ ନୂତନ।

(ଘ) ସାରଳାଙ୍କ ପାଣ୍ଡିତ୍ୟର ଅନ୍ୟ ଏକ ଉଦାହରଣ ହେଉଛି କୌରବ ଭ୍ରାତାମାନଙ୍କର ନାମକରଣ । ସେ ସଂସ୍କୃତ ମହାଭାରତରେ ଅଥବା ଶହେଭାଇଙ୍କ ନାମକରଣକୁ ଅବିକଳ ଭାବେ ଗ୍ରହଣ ନ କରି ଏକ ନୂତନ ଦୃଷ୍ଟିକୋଣ ନେଇ, ଅର୍ଥାତ୍ ପ୍ରତ୍ୟେକ ନାମର ମୂଳ ଅକ୍ଷର 'ଦୁଃ' (ଅସତ୍ ଅର୍ଥରେ) ରଖି ନାମକରଣ କରିଛନ୍ତି ।

(ଙ) ସାରଳାଙ୍କ ମହାଭାରତରେ ଏପରି କେତେବ ପଦ ରହିଛି, ଯାହା ସଂସ୍କୃତ ମହାଭାରତ, କାଳିଦାସଙ୍କ ରଘୁବଂଶ, ଶ୍ରୀମଦ୍ ଭଗବତଗୀତା, ବାଣଙ୍କ କାବ୍ୟାବଳୀ, ଜୟଦେବଙ୍କ ଗୀତଗୋବିନ୍ଦ, ଶ୍ରୀମଦ୍‌ଭାଗବତ୍ ଏକାମ୍ରପୁରାଣ, ପଞ୍ଚତନ୍ତ୍ର ପ୍ରଭୃତି ସଂସ୍କୃତ ଗ୍ରନ୍ଥରେ ପ୍ରଦତ୍ତ କେତୋଟି ଶ୍ଳୋକର ଆକ୍ଷରିକ ଅନୁବାଦ ଭଳି ମନେହୁଏ । ଏଥିରୁ କବିଙ୍କ ଅଗାଧ ପାଣ୍ଡିତ୍ୟର ସୂଚନା ମିଳେ ।

(ଚ) ସଂସ୍କୃତ ଗ୍ରନ୍ଥରେ ନ ଥିବା ତନ୍ତ୍ରାଦି ଉପବିଦ୍ୟା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ତାଙ୍କ ଗ୍ରନ୍ଥଗୁଡ଼ିକରେ ମିଳେ । ଏଥିରୁ ମନେହୁଏ କବି ଉଲୁକ ବିଦ୍ୟା, ଭୂତ ପ୍ରେତାଦିର ଆବେଶନ, ବନ୍ଧନ ଓ ମାରଣ ପ୍ରଭୃତି ଭୌତିକ ଚିକିତ୍ସା ଓ ତାନ୍ତ୍ରିକ ବିଧି ସହିତ ପୂର୍ଣ୍ଣରୂପେ ପରିଚିତ ଥିଲେ ।

(ଛ) ସଂସ୍କୃତ ମହାଭାରତର ଶ୍ଳୋକସଂଖ୍ୟା ମୋଟ ଏକ ଲକ୍ଷ ଥିଲେ ହେଁ ସାରଳାଙ୍କ ମହାଭାରତର ପଦସଂଖ୍ୟା ହେଉଛି ଏକଲକ୍ଷ ଚାଳିଶ ହଜାର । ଯାହାକି କବିଙ୍କ ପାଣ୍ଡିତ୍ୟର ପରିଚୟ ଦେବା ସହିତ ସ୍ୱକୀୟତା ଓ ମୌଳିକତାର ପରିଚୟ ଦେଇଥାଏ ।

ବାସ୍ତବରେ "କବିଙ୍କ ମୌଳିକ କଳ୍ପନାପ୍ରବଣ ପ୍ରଚଣ୍ଡ କବିତ୍ୱ ମହାଭାରତ ଓ ଅନ୍ୟାନ୍ୟ କୃତିଗୁଡ଼ିକରେ ଯେପରି ପ୍ରକଟିତ ହୋଇଅଛି, ସେହିପରି ପ୍ରକଟିତ ହୋଇଛି ସଂସ୍କୃତ-ପ୍ରଭାବିତ ବ୍ରାହ୍ମଣ୍ୟ ସଂସ୍କୃତି ଓ ସାହିତ୍ୟ ବିରୁଦ୍ଧରେ ଏକ ବ୍ୟାପକ

ସାଂସ୍କୃତିକ ବିଦ୍ରୋହରେ । ଗୋଟିଏ ବ୍ରାହ୍ମଣ୍ୟଶାସିତ ଓ ସଂସ୍କୃତ-ସଂସ୍କୃତି- ପ୍ରଧାନ ସମାଜରେ ଶୁଦ୍ର ସିଦ୍ଧେଶ୍ୱର ପରିଡା ଆପଣାର ସାଂସ୍କୃତିକ, ଆଧାତ୍ମିକ ଓ ସାହିତ୍ୟିକ ପରିଚିତିଲାଭ କରିବାକୁ ଗଲାବେଳେ ଯେ ବହୁ ବାଧା ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିବା ଏହା ନ କହିଲେ ମଧ୍ୟ ସ୍ପଷ୍ଟ ଭାବେ ଜଣାପଡୁଛି । ଏଥିଲାଗି ବୋଧହୁଏ ସଂସ୍କୃତି ସଚେତନ ଶୁଦ୍ରକବି ସାମନ୍ତଶାସିତ ସମାଜର ଦୃଷ୍ଟି ଆକର୍ଷଣ କରିବା ଲାଗି କେବଳ ବାରମ୍ୱାର ନିଜକୁ ଜନ୍ମରୁ ମୂରୁଖ ମୁହିଁ ମୋର ନାହିଁ ଶାସ୍ତ୍ରଜ୍ଞାନ ବୋଲି କହିଛନ୍ତି ।୩୪। ପୁଣି ବ୍ରାହ୍ମଣ ସମାଜର କୋପଦୃଷ୍ଟିରୁ ଆତ୍ମରକ୍ଷା ପାଇଁ କହିଛନ୍ତି- ''ସେ ଯାହା କହଇ ମୋତେ ମୁଁ ତାହା ଲେଖଇ/ସାଧୁ ସିଦ୍ଧ ଜନେ ଏଥେ ମୋର ଦୋଷ ନାହିଁ । ଏହା କବିଙ୍କ 'ଦୟିନୀ' ଛଡା ଆଉ କ'ଣ ବା ହୋଇପାରେ ?

**(୬) ଶୁଦ୍ରମୁନି:**

କବି ନିଜର ଆରାଧ୍ୟ ଦେବୀଙ୍କ ଭକ୍ତ ବା ସେବକ ଥିବାରୁ ନିଜକୁ କେବଳ 'ସାରଳାଦାସ' ନାମରେ ଅଭିହିତ କରି ନଥିଲେ, ଅନେକତ୍ର ସେ ନିଜକୁ ମଧ୍ୟ 'ଶୁଦ୍ରମୁନି' ଭାବରେ ପରିଚିତ କରିଛନ୍ତି । ଯେପରି -

'' ଶ୍ରୀ ଚଣ୍ଡୀ ସାରେଳା ଚରଣେ ଶରଣ
ଶୂଦ୍ରମୁନି ସାରଳା ଦାସଙ୍କୁ କରିବୁ ଦେବୀ କାରଣ ।'' (ଦ୍ରୋଣ-୩)

ଏହି ଉପାଧି ହିଁ ଥିଲା ଦେବୀଦତ୍ତ - ଏହା ସେ 'ଆଦିପର୍ବରେ' ଉଲ୍ଲେଖ କରିଛନ୍ତି ଏହିପରି-

''ତୋହୋର ଆଗ୍ୟାଂୟେ କହିଲି ଶୂଦ୍ରମୁନି ମୋହର ନାମ
ଯେ କଥାକୁ ଅନ୍ତରମୋତେ ନ କରାଅ ମତିଭ୍ରମ ।''

ସାରଳାଦାସଙ୍କ ଏହି 'ଶୂଦ୍ରମୁନି' ଉପାଧିକୁ ନେଇ ଭିନ୍ନ ଭିନ୍ନ ଆଲୋଚକ ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି ।ଯଥା-

**(କ) ଗବେଷକ ଶ୍ୟାମ ସୁନ୍ଦର ରାଜଗୁରୁଙ୍କ ମତରେ-**

ସେ ବର୍ଣ୍ଣରେ ଶୁଦ୍ର ଓ ଜାତିରେ ମୁନି । ମୁନି ଜାତିର ଲୋକେ ରାଉଳମାନଙ୍କ ଭଳି ଠାକୁରାଣୀ ସେବକ । ତେଣୁ ସାରଳାଦାସ 'ଶୂଦ୍ରମୁନି' ଭାବେ ପରିଚିତ ।

**(ଖ) ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ-**

ସାରଳା ଠାକୁରାଣୀଙ୍କ ସେବକମାନଙ୍କ ମଧ୍ୟରେ 'ମୁନି' ନାମଧେୟ ଏକ ଗୋଷ୍ଠୀ ଥିବାର ଜଣାଯାଏ । ତେଣୁ ସାରଳା ଦାସ ଏମାନଙ୍କର ପୂର୍ବପୁରୁଷ ହୋଇଥିବେ ।

**(ଗ) ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ମତରେ-**

ବ୍ୟାସଦେବ ବ୍ରାହ୍ମଣତ୍ୱରୁ 'ବ୍ରହ୍ମମୁନି' ଥିବାରୁ ତାହାକୁ ଅନୁକରଣ କରି ସାରଳା ଦାସ ଦେବୀଙ୍କ ପ୍ରସାଦରୁ ମହାଭାରତ ରଚୟିତା ହୋଇଥିବା ହେତୁ 'ଶୂଦ୍ରମୁନି' ନାମ ଉପାଧି ରୂପେ ଗ୍ରହଣ କରିଥିଲେ ।

**(ଘ) ସମାଲୋଚକ ସୁରେନ୍ଦ୍ର ମହାନ୍ତିଙ୍କ ମତରେ-**ଶକ୍ତିରୂପିଣୀ ଦେବୀ, ପ୍ରଥମେ ଅବ୍ରାହ୍ମଣ ସଂପ୍ରଦାୟଦ୍ୱାରା ପୂଜିତା ହେଉଥିଲେ । ପରବର୍ତ୍ତୀ କାଳରେ ହିନ୍ଦୁତନ୍ତ୍ର ଏହି ଦେବୀମାନଙ୍କୁ ହିନ୍ଦୁ (ବୈଦିକ ଅର୍ଥରେ) ଦେବତା ଗୋଷ୍ଠୀଙ୍କ ସହିତ ସଂଯୋଜିତ କରିବା ପରେ,ସେମାନେ ବ୍ରାହ୍ମଣମାନଙ୍କ ଦ୍ୱାରା ଆରାଧିତ ହୋଇଥିଲେ ହେଁ ଅବ୍ରାହ୍ମଣ ଓ ତଥାକଥିତ ନୀଚଜାତୀୟ ଶୂଦ୍ରମାନେ ହିଁ ଦେବୀଙ୍କର ଆଦି ପୂଜକ ଥିଲେ । ସିଦ୍ଧେଶ୍ୱର ଶାରଳା ଦେବୀଙ୍କର ପୂଜକ ଥିବାରୁ ଶୂଦ୍ରମୁନି ନାମରେ ଆଖ୍ୟାତ ହୋଇଥିଲେ ।

**(ଙ) ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ-**ସାରଳା ଦାସ ସ୍ପଷ୍ଟ ଭାଷାରେ ଲେଖିଯାଇଛନ୍ତି ''ମୁନୀ ଅଂଶରେ ଜନ୍ମିଲେ ବାକ୍ୟ ପାରେ କହି ।

(୧) ନ ପଢିଣ ଏତେ ବିଦ୍ୟା ସାଧିଲଇଁ ''ମୁହିଁ ।''(ବନପର୍ବ)

(୨) ''ମୁନୀ ଅଂଶ ହୋଇ ମୁହିଁ ଜନ୍ମିଲେଇଁ ଯୋନି
ଚଣ୍ଡୀ ପଦ୍ମପାଦ ସେବି ହେଲି ଶୁଦ୍ରମୁନି ।'' (ବିରାଟ ପର୍ବ)

ଏଥିରୁ ପ୍ରମାଣିତ ହୁଏ- ସେ ଶାରଳା ଦେବୀଙ୍କ ସେବା କରି ତାଙ୍କରି ଆଜ୍ଞାରେ 'ଶୂଦ୍ରମୁନି' ଆଖ୍ୟାଧାରଣ କରିଥିଲେ। ସେ ଶାସ୍ତ୍ରକାର ଥିଲେ ସୁଦ୍ଧା ଶୂଦ୍ରଥିଲେ । ଏଣୁ ଅନ୍ୟ ମୁନି ବା ଶାସ୍ତ୍ରମାନଙ୍କଠାରୁ ନିଜକୁ ପୃଥକ ଭାବରେ ଚିହ୍ନିତ କରିବା ପାଇଁ ସେ 'ଶୂଦ୍ରମୁନି' ଆଖ୍ୟା ଧାରଣ କରିଥିଲେ । ବସ୍ତୁତଃ, ତାଙ୍କ ଦ୍ୱାରା ବ୍ୟବହୃତ 'ମୁନି' ଶବ୍ଦଟିର ଅର୍ଥ ହେଉଛି କବି ବା ଶାସ୍ତ୍ରକାର।

**(ଚ) ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ-**''ଶୁଦ୍ର ସମାଜରେ ଏହି ଦେବପୂଜକ ଗୋଷ୍ଠୀ 'ମୁନି' ନାମରେ ପରିଚିତ ଥିଲେ । ବଂଶପରଂପରାକ୍ରମେ ସିଦ୍ଧେଶ୍ୱର ପରିଡାଙ୍କ ପରିବାର ଓ ନିଜେ କବି ମଧ୍ୟ ସାରଳା ଦେବୀଙ୍କ ପୂଜକ ଥିବାରୁ ନିଜକୁ 'ଶୂଦ୍ରମୁନି' ନାମରେ ଅଭିହିତ କରିଛନ୍ତି ।୩୭।

ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ ପ୍ରମାଣିତ ହୁଏ ଯେ, ''ପ୍ରକୃତରେ ସେ ଶୁଦ୍ର ନ ଥିଲେ, କିମ୍ବା ଋଷି ମଧ୍ୟ ନଥିଲେ । ସେ ଥିଲେ କୃଷକ ଓ ସୈନିକ, ସିଦ୍ଧ ଓ ସାଧକ, କବି ଓ ମୁନି । ବ୍ରାହ୍ମଣମାନଙ୍କ ସ୍ୱେଚ୍ଛାଚାର ବିରୋଧରେ ମୌନ ପ୍ରତିବାଦ କରି ନିଜକୁ ସେ 'ଶୂଦ୍ରମୁନି' ରୂପେ ଘୋଷଣା କରିଦେଲେ । ସମାଜର ନିମ୍ନ ଜାତି ଓ ନିମ୍ନ ବର୍ଗ ମଣିଷମାନଙ୍କ ସହିତ ସେ ନିଜକୁ ସାମିଲ କରିଦେଲେ । ସେହିମାନଙ୍କ ଉତ୍ତୋଳନ ପାଇଁ ପ୍ରେରଣା ଦେଲେ । ପ୍ରକୃତରେ ସେ ଥିଲେ ମୁନି। ମନକୁ ଏକାଗ୍ର କରିଦେଇ ସେ ଯଥାର୍ଥରେ 'ମୁନି' ହୋଇ ରହିଗଲେ ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠାରେ ।''

## (୭) ଧର୍ମମତ :

ସାରଳାଙ୍କ ସାହିତ୍ୟରେ ସମକାଳୀନ ସମାଜରେ ପ୍ରଚଳିତ ବିଭିନ୍ନ ଧର୍ମଧାରାର ପ୍ରତିଫଳନ ହୋଇଥିବାର ଜଣାଯାଏ । ବାସ୍ତବରେ ସାରଳା ସାହିତ୍ୟ ହେଉଛି ସେ ଯୁଗର ଓଡିଆ ଜାତିର ଉଭୟ ଆଧାତ୍ମିକ ଚେତନା ଓ ସାଂସ୍କୃତି ଚେତନାର ମୁକୁର ସ୍ୱରୂପ ।୩୯। ସାରଳା ଦାସ ବିଭିନ୍ନ ଧର୍ମଧାରା ସହିତ କିପରି ପ୍ରଭାବିତ ହୋଇଥିଲେ ବର୍ତ୍ତମାନ ତାହାର ଆଲୋଚନା କରାଯାଇପାରେ । ଯଥା :

(କ) ସାରଳା ଦାସ ମୁଖ୍ୟତଃ ଥିଲେ 'ଶାକ୍ତ' । ସେ ନିଜ ଗ୍ରନ୍ଥମାନଙ୍କରେ ବାରମ୍ବାର ଘୋଷଣା କରିଛନ୍ତି ଯେ ଦେବୀ ସାରଳାଙ୍କ କୃପାରୁ ସେ କବିତ୍ୱ ଲାଭ କରିଛନ୍ତି। ତାଙ୍କର ଦାସାନୁଦାସ ଭାବେ ନିଜକୁ ମଧ୍ୟ ପରିଚିତ କରାଇଛନ୍ତି । ସେ ସାରଳାଙ୍କୁ ଦୁର୍ଗା, ଶ୍ରୀଚଣ୍ଡୀ, ସର୍ବମଙ୍ଗଳା, ଅଭୟ ମଙ୍ଗଳା, ବିମଳା, ବଗଳା, ଅମ୍ବିକା, ଭବାନୀ, ସିଂହବାହିନୀ, ବରୁଣାଈ, ଜାଗୁଳାଇ, ଭଦ୍ରକାଳୀ, ଅଭୟା ସରସ୍ୱତୀ, ସିଦ୍ଧ ସାରଳା, ମାହେଶ୍ୱରୀ, କୈଶିଳୀ, ବିଷ୍ଣୁବଲ୍ଲଭୀ, ପରମ ବୈଷ୍ଣବୀ ଆଦି ବହୁନାମରେ ସ୍ତୁତି କରିଛନ୍ତି । ଏଥିସହିତ ଓଡିଶାରେ ଥିବା ବିଭିନ୍ନ ଶକ୍ତିପୀଠମାନଙ୍କର ମଧ୍ୟ ବର୍ଣ୍ଣନା ଦେଇଛନ୍ତି । ଜଣେ ଶକ୍ତି ଉପାସକ ଭାବେ କବି ନିଜେ ସାରଳାଦେବୀଙ୍କୁ ସ୍ତୁତି କରିବା ସହିତ ଗ୍ରନ୍ଥର ବିଭିନ୍ନ ସ୍ଥାନରେ ଆବଶ୍ୟକାନୁଯାୟୀ ବିଭିନ୍ନ ଚରିତ୍ରମାନଙ୍କ ମୁଖରେ ଦେବୀ ସାରଳାଙ୍କର ବନ୍ଦନା କରି ଆପଣାର ଐକାନ୍ତିକ ଭକ୍ତି ଭାବନାର ପରିଚୟ ଦେଇଛନ୍ତି ।

(ଖ) କବି ସାରଳାଦାସ କେତେକ ସ୍ଥଳରେ ବିଷ୍ଣୁ (ମାଧବ) ଓ ଦେବୀ ଦୁର୍ଗାଙ୍କର ଏକତ୍ର ନାମୋଲ୍ଲେଖ କରି ସମନ୍ୱୟର ସଂକେତ ପ୍ରଦାନ କରିଛନ୍ତି-

''ଦଧିବାମନ ଆବର ଲକ୍ଷ୍ମୀନାରାୟଣ
ଦୁର୍ଗାମାଧବ ନାମକୁ କରିଲେ ସ୍ମରଣ ।'' (ବିରାଟ ପର୍ବ)

(ଗ) କବି ସାରଳା ଦାସ ଜଣେ ଜାତୀୟତବୋଦୀ କବି ଭାବେ ନିଜ ଜାତିର ଆରାଧ ଦେବ ପ୍ରଭୁ ଜଗନ୍ନାଥଙ୍କର ବିଭିନ୍ନ ରୂପ ବର୍ଣ୍ଣନା କରିବା ସହିତ ତାଙ୍କର ବୁଦ୍ଧ ରୂପରେ ପରିକଳ୍ପନା କରିଛନ୍ତି-

''ସଂସାରଜନଙ୍କୁ ତାରିବା ନିମନ୍ତେ
ବଉଦ୍ଧରୂପରେ ବିଜେ ଜଗନ୍ନାଥ ।'' (ମଧ୍ୟ ପର୍ବ)

ଏହାସହିତ ସେ ଜଗନ୍ନାଥଙ୍କୁ ପରମ ବିଷ୍ଣୁ, ବଳଭଦ୍ରଙ୍କୁ ହର ଓ ଦେବୀ ସୁଭଦ୍ରାଙ୍କୁ ବ୍ରହ୍ମାଙ୍କର ଅବତାର ଭାବେ ଗ୍ରହଣ କରିଛନ୍ତି-

''ରାମକୃଷ୍ଣ ସୁଭଦ୍ରା ଯେ ଏ ତିନି ମହିମା
ଶ୍ରୀ ପୁରୁଷୋତ୍ତମ ବିଜେ ହଳୀହରବ୍ରହ୍ମା ।'' (ମୂଷଳୀ ପର୍ବ)

(ଘ) ସାରଳା ଦାସ ଗ୍ରନ୍ଥଗୁଡିକର ପ୍ରାରମ୍ଭରେ ସର୍ବବିଘ୍ନଙ୍କୁ ସ୍ତୁତି କରିଛନ୍ତି-

''ସକଳ ବିଘ୍ନବିନାଶନ ଜୟତୁ ଗଜାନନ
ମଙ୍ଗଳ ଯୋଗେଶ୍ୱର ପରମାନନ୍ଦ ପାର୍ବତୀ ନନ୍ଦନ ।
ଶ୍ରୀ ବିଘ୍ନନାଥ ଚରଣେ ମୋର ସେବା
ଯେ ଶ୍ରୀ ମହାଭାରଥ କହିବି ମୋତେ ପ୍ରସନ୍ନ ହୋଇବା ।'' (ଆଦି ପର୍ବ)

(ଙ) ସାରଳା ମହାଭାରତର ମଧ୍ୟ ପର୍ବରେ ଶ୍ରୀରାମଚନ୍ଦ୍ରଙ୍କ ମହିମା ଗାନ କରାଯାଇଛି ।

'' ଦଶରଥଙ୍କ ନନ୍ଦନ ସେ ଅଟନ୍ତି
କବି ସାରୋଳ ଦାସଙ୍କୁ ରଖ ଆଦିବନ୍ଦ ।''

(ଚ) ଆଦି ପର୍ବରେ ସେ ଶିବ ଓ ଅଗ୍ନିଦେବଙ୍କୁ ପ୍ରାର୍ଥନା କରିଛନ୍ତି-

(୧) ''ତ୍ରିପୁରାରୀ ପାଦ ପଙ୍କଜେ ଅଂକିତ ମୋର ମଣିରେ
ଶୁଦ୍ରମୁନି ସାରୋଳ ଦାସ ପ୍ରଣମିତ ବିଶ୍ୱେଶ୍ୱରେ ।''

(୨) ''ଜୟତୁ ଜୟତୁ ଦେବ ମହାବ୍ରହ୍ମ ଅଗ୍ନି,
ଜୟତୁ ଜୟତୁ ସୁର ତରଙ୍ଗ ମହାମୁନି ।''

ଏସବୁ ଦୃଷ୍ଟିରୁ ଦେଖିଲେ କବି ସାରଳା ଦାସ ଦେବୀ ସାରଳାଙ୍କ ପରମ ଭକ୍ତ ହେଲେହେଁ ତାଙ୍କ ଗ୍ରନ୍ଥଗୁଡିକରେ ସୂର୍ଯ୍ୟ, ଶିବ, ବିଷ୍ଣୁ, ଜଗନ୍ନାଥ, ରାମ ଓ ଅଗ୍ନି ପ୍ରଭୃତିଙ୍କୁ ପ୍ରାର୍ଥନା କରିଛନ୍ତି। ବୈଦିକ ସ୍ୱକ୍ତ, - ''ଏକଂ ମତ ବିପ୍ରା ବହୁଧା ବଦନ୍ତି'' ପରମାତ୍ମା ପରମେଶ୍ୱରଂ'' ପରି ମହାଭାରତୀୟ ଭାବନା ଏଥିରେ ବ୍ୟଞ୍ଜିତ ହୋଇଛି । ଉତ୍କଳୀୟଭାବେ ଜଣେ ଉଦାର ଧର୍ମଭାବନାର ପ୍ରଧାନ ପରିପୋଷକ ଭାବେ ନିଜକୁ ପ୍ରମାଣିତ କରିଛନ୍ତି ।

## (ଗ) ସୃଜନୀ ପର୍ବ (ସାରଳା ଦାସଙ୍କ ରଚନା ସମ୍ଭାର)

ଓଡିଆ ସାହିତ୍ୟର ଶୂଦ୍ରମୁନି ସାରଳା ଦାସ ଆଦି ପୁରାଣକାର ଭାବେ ପରିଚିତ । ସେ ଯେତେବେଳେ ସାହିତ୍ୟ ସୃଷ୍ଟି କରିବାକୁ ଚାହିଁଲେ, ସେତେବେଳେ ସେ ପୁରାଣ ରଚନାକୁ ଶ୍ରେୟ ମର୍ନେ କଲେ । ତାଙ୍କ ଉଦ୍ଦେଶ୍ୟ ଥିଲା ଏ ମାଟି ମଣିଷର ଭାଷାରେ ପୁରାଣ ରଚନା କରି ଧର୍ମକୁ ସେଥିରେ ମୁଖ୍ୟ ପ୍ରାଣସ୍ପନ୍ଦନ ଭାବେ ଗ୍ରହଣ କରିନେବା । ତଦ୍ଦ୍ୱାରା ସେ ଜନସାଧାରଣଙ୍କ ଦୃଷ୍ଟିକୁ ତାଙ୍କର ସାହିତ୍ୟ ପ୍ରତି ଆକର୍ଷିତ କରିବାକୁ ସମର୍ଥ ହେବେ । ଏହି ଉଦ୍ଦେଶ୍ୟ ତାଙ୍କର ସଫଳ ହେଲା । ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ, ବିଚିତ୍ର ରାମାୟଣ ଆଦି ଗ୍ରନ୍ଥଗୁଡିକ ରଚନା କରି ସେ ଓଡିଆ ଜାତି ନିକଟରେ ଏକାନ୍ତ ଆପଣାର କବି ଭାବେ ସମ୍ମାନିତ ହେଲେ । କ୍ରାନ୍ତିଦର୍ଶୀ କବି ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ସେ ମିଶାଇଦେଲେ ତାଙ୍କ ଗ୍ରନ୍ଥମାଳାରେ । ଅତୀତରୁ ପ୍ରେରଣା ଆଣି ବର୍ତ୍ତମାନ ସହିତ ମିଶେଇ ଦେଇ ନୂଆକରି ପୁରାଣ ସାହିତ୍ୟ ଗଢିଲେ ଏ ମାଟିରେ । ଭବିଷ୍ୟତ ପାଇଁ ତାହା ହେଲା ପ୍ରେରଣାର ଉତ୍ସ । ସେ ଭାରତୀୟ ପରଂପରା ଆଧାରରେ ସଂସ୍କୃତ ସାହିତ୍ୟର ପୁରାଣକୁ ଗ୍ରହଣ କରିନେଲେ ନିଜ ସାରସ୍ୱତ ଉପାଦାନ ଭାବରେ । ଅଥଚ ଅନୁବାଦକ ଭାବେ ନୁହେଁ- ବରଂ ସେସବୁର ବର୍ଣ୍ଣିତ କଥାବସ୍ତୁକୁ ନେଇ ନିଜର ନବ-ଉନ୍ମେଷଶାଳିନୀ ପ୍ରତିଭାର ଛୁଆଁରେ ଗଢିଦେଲେ କେତେ କେତେ ନୂଆକାହାଣୀ । ଏସବୁ କାହାଣୀ କିନ୍ତୁ ପୁରାଣ ଭିତରେ ହଜିଯାଇ ପୌରାଣିତ ସଂପଦରୂପେ ଗୌରବ ଲାଭ କଲା । ସବୁଠି ସେ ମଣିଷକୁ ଦେଖିଲେ । ଆଗେ ମଣିଷ-ତା'ପରେ ଦେବତା । ମଣିଷର ଆଶା-ଆକାଂକ୍ଷା, ଦ୍ୱନ୍ଦ୍ୱ ସଂଘର୍ଷ ସବୁକିଛି ହୋଇଗଲା ତାଙ୍କ ପୁରାଣର ପରିସରଭୁକ୍ତ । ସେ ହୋଇଗଲେ ସତେ ଯେପରି ପଞ୍ଚଦଶ ଶତାବ୍ଦୀ ଓଡିଶାର ଏକ ଜାଗ୍ରତ ଚେତନା । ଏହି ଚେତନା ଆଧାରରେ ତାଙ୍କ ଲେଖନୀ ଏ ଜାତିକୁ ଦେଲା- ସୃଜନୀ ପର୍ବର ସନ୍ତକ ଭାବେ କେତୋଟି ପୁରାଣ ସାହିତ୍ୟ । ଯାହା ଦିନେ ଥିଲା ଓଡିଆ ଜାତିର ରାଜନୀତିକ ବିପର୍ଯ୍ୟୟବେଳାର ରକ୍ଷା କବଚ ।

ସାରଳା ଦାସ ତାଙ୍କର 'ଚଣ୍ଡୀପୁରାଣ' ଗ୍ରନ୍ଥରେ ନିଜ ରଚନାବଳୀର ଏକ କ୍ରମିକ ରୂପ ସଂପର୍କରେ ସୂଚନା ଦେଇଛନ୍ତି, ଏହିପରି-

"ସେ ଦେବୀ ପ୍ରସନ୍ନ ହୋଇଂ କହିଲେ ଆଦି ଗ୍ରନ୍ଥ
ପ୍ରଥମେ ରାମାୟଣ ଦ୍ୱତୀଏ ଭାରଥ ।
ତୃତୀଏ ଲେଖନ ଶ୍ରୀଭାଗବତ
ମୂର୍ଖ ଅଗ୍ୟାଂନ ଯେ ମୁଂ ଅଟଇ ଅପଣ୍ଡିତ ।"

କବିଙ୍କର ଏହି ଉକ୍ତି ବହୁଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ଏଥିରୁ କବିଙ୍କ ରଚନାବଳୀର ସମୟକ୍ରମ ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ସୂଚନା ମିଳିଥାଏ । ସଂସ୍କୃତ ଭାଷାରେ ମଧ୍ୟ ରାମାୟଣ, ମହାଭାରତ ଓ ଭାଗବତ ରଚନାକାଳର ଏହାହିଁ କ୍ରମ ଥିଲା । ସେ କବି ବୋଧହୁଏ ଏହ କ୍ରମକୁ ମନରେ ରଖି ରାମାୟଣ, ଭାରଥ ଓ ଭାଗବତ ରଚନା କରିଥିଲେ । ଫଳରେ ଏସବୁ ଗ୍ରନ୍ଥ ଓଡିଆ ଭାଷାର ଆଦିଗ୍ରନ୍ଥ ଭାବେ ପ୍ରସିଦ୍ଧି ଲାଭ କରିଥିଲା ।

କବିଙ୍କ ରଚନାବଳୀର କ୍ରମିକ ଧାରାକୁ ଦେଖିଲେ- ପ୍ରଥମେ ଆସେ 'ଶ୍ରୀରାମାୟଣ' । ତାଙ୍କ ନାମରେ ତିନୋଟି ରାମାୟଣ ଦେଖିବାକୁ ମିଳେ ଯଥା -

ବିଚିତ୍ର ରାମାୟଣ, ସାତଖଣ୍ଡି ରାମାୟଣ ଓ ବିଲଙ୍କା ରାମାୟଣ । ଏହି ତିନୋଟି ମଧ୍ୟରୁ କେଉଁ ରାମାୟଣଟି ତାଙ୍କର ଓ କେଉଁଟି ପ୍ରଥମ ତାହା ଆଲୋଚନା କରିବା ଏତେଟା ସହଜ ନୁହେଁ ।

ଦ୍ୱିତୀୟରେ 'ଭାରଥ' (ଭାରତ) କହିଲେ କେବଳ-ଅଠର ପର୍ବ ବିଶିଷ୍ଟ ମହାଭାରତ ଗ୍ରନ୍ଥକୁ ହିଁ ବୁଝାଏ ।

ତୃତୀୟରେ 'ଶ୍ରୀ ଭାଗବତ' କହିଲେ ଦେବୀ ଭାଗବତ ବା ଚଣ୍ଡୀପୁରାଣକୁ ବୁଝାଏ ।

ଏସବୁ ଛଡା କବିଙ୍କ ନାମରେ "ଲକ୍ଷ୍ମୀ ନାରାୟେଣୀ ବଚନିକା' ନାମକ ଏକ କ୍ଷୁଦ୍ରଂଗ୍ରନ୍ଥର ସନ୍ଧାନ ମିଳିଛି, ଯାହାର କଳେବର ମାତ୍ର ନଅ ପୃଷ୍ଠାର । ଏହି ଗ୍ରନ୍ଥର ଶେଷ ଭାଗର ଭଣିତାରେ ଉଲ୍ଲେଖ ଅଛି-

" ଶୂଦ୍ରମୁନି ସାରୋଳା ଦାସକୁ ଗତି ମୁକତି ଦେବା ।"

ଏଥିରୁ ଏହା ସାରଳାଙ୍କ ରଚନା ବୋଲି ଡଃ ବଂଶୀଧର ମହାନ୍ତି ନିଜର ମତ ପ୍ରଦାନ କରିଛନ୍ତି ।

ଭାରତର ଅନ୍ୟ ପ୍ରାଚୀନ ପ୍ରାଦେଶିକ ସାହିତ୍ୟ ଇତିହାସରୁ ଜଣାଯାଏ- ସବୁଠି ପ୍ରଥମେ ରାମାୟଣ ରଚନା କରାଯାଇଛି । ଯଥା- ଆସାମୀ ଭାଷାର ମାଧବ କନ୍ଦଳୀ, ବଂଗଳାର କୃତିବାସ, ହିନ୍ଦୀର ତୁଳସୀ ଦାସ, ମୈଥିଳୀର ବିଦ୍ୟାପତି, ଗୁଜୁରାଟୀର ନରସିଂହ ମେହେଟ୍ଟା ପ୍ରମୁଖ କବି ରାମାୟଣ ରଚନା କରି 'ଆଦିକବିର' ଗୌରବ ଅର୍ଜନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବିଚାରକଲେ ଜଣାଯାଏ, ସମ୍ଭବତଃ ସାରଳାଦାସ ପ୍ରଚଳତି ଭାରତୀୟ ପରଂପରାବିଧିକୁ ଉପେକ୍ଷା ନକରି ମହାନ୍ ଜାତୀୟ ସ୍ରୋତରେ ନିଜକୁ ସାମିଲ କରି ପ୍ରଥମେ ରାମାୟଣ ପରେ ମହାଭାରତ ଓ ଭାଗବତ ରଚନା କରିଛନ୍ତି ।

## ସାରଳା ଦାସଙ୍କ ସ୍ରଷ୍ଟା ଓ ସୃଷ୍ଟି :

### (୧) ବିଚିତ୍ର ରାମାୟଣ:

ସିଦ୍ଧେଶ୍ୱର ଦାସଙ୍କ ନାମରେ 'ବିଚିତ୍ର ରାମାୟଣ' ନାମକ ଏକ ରାମାୟଣ ଗ୍ରନ୍ଥ ଆଲୋଚକଙ୍କ ଦୃଷ୍ଟିପଥକୁ ଆସିଛି । ଏହାକୁ ନେଇ ଆଲୋଚକମାନଙ୍କ ମଧ୍ୟରେ ମତାନୈକ୍ୟ ରହିଛି । ଡକ୍ଟର ଆଭବଲ୍ଲଭ ମହାନ୍ତି- ବିଚିତ୍ର ରାମାୟଣର ରଚୟିତା ସିଦ୍ଧେଶ୍ୱର ଦାସଙ୍କୁ ୧୭ମ ଶତାବ୍ଦୀର ଲେଖକ ଓ ତାଙ୍କ ରଚିତ 'ବିଚିତ୍ର ରାମାୟଣ' ଉଚ୍ଚ କୋଟୀର ରଚନା ନୁହେଁ ବୋଲି ମତ ପ୍ରଦାନ କରିଛନ୍ତି । ଏହି ଗ୍ରନ୍ଥଟିକୁ ୧୬ଶ ଶତାବ୍ଦୀରେ ତେଲଗୁ ସାହିତ୍ୟରେ ପଦ୍ୟାନୁବାଦ କରିଥିଲେ ତୋଙ୍କାଡ ଗୋପୀନାଥ । ଏଥିରୁ ସେ ସମୟରେ ଏହାର ଲୋକପ୍ରିୟତା ଅଧିକ ଥିବାର ପ୍ରମାଣ ମିଳେ । ତୋଙ୍କାଡା ଗୋପୀନାଥ ରଚୟିତାଙ୍କୁ ବ୍ରାହ୍ମଣ ବୋଲି ପରିଚୟ ଦେଇଛନ୍ତି । ଆଲୋଚକ ସଚ୍ଚିଦାନନ୍ଦ ମିଶ୍ର 'ଡଗର'ର ବିଭିନ୍ନ ସଂଖ୍ୟାରେ 'ବିଚିତ୍ର ରାମାୟଣ'ର ରଚୟିତାଭାବେ ସିଦ୍ଧେଶ୍ୱର ଦାସଙ୍କୁ ସାରଳା ଦାସଙ୍କ ସହିତ ଅଭିନ୍ନତା ପ୍ରତିପାଦନ କରିଛନ୍ତି । ଅପରପକ୍ଷରେ ଡଃ ବେଣୀମାଧବ ପାଢୀ ମହାଭାରତ ପ୍ରଣେତା ସାରଳା ଦାସ ଓ ବିଚିତ୍ର ରାମାୟଣ ପ୍ରଣେତା ସିଦ୍ଧେଶ୍ୱର ଦାସଙ୍କୁ ଭିନ୍ନ ବୋଲି ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି । (ଝଂକାର- ୧୯୭୧ ଫେବୃଆରୀ) ତେବେ ବିଚିତ୍ର ରାମାୟଣର କେଉଁଠି ସିଦ୍ଧେଶ୍ୱର ଦାସ ନିଜକୁ ସାରଳାଙ୍କ ଦାସ ବୋଲି ଲେଖିନାହାନ୍ତି । ଅଧିକନ୍ତୁ ଏଥିରେ କୌଣସିଠାରେ ସାରଳା ଦେବୀଙ୍କର ବର୍ଣ୍ଣନା ନାହିଁ । କେବଳ ଶ୍ରୀରାମ, ହରି, ମାଧବ, ନାରାୟଣ, ଗଣେଶ, ମଧୁସୂଦନ, ଶ୍ରୀଧର, ବାସୁଦେବ, ବିଶ୍ୱନାଥ ଓ ଶିବନାଥ ପ୍ରଭୃତି ଦେବତାଙ୍କର ସ୍ତୁତି ରହିଅଛି ।

ବିଶେଷକରି ଏଥିରେ ବିଷ୍ଣୁଙ୍କର ସ୍ତୁତିହିଁ ମୁଖ୍ୟ ହୋଇଛି। ଏଥିରୁ 'ବିଚିତ୍ର ରାମାୟଣ'ର ରଚୟିତା ଜଣେ ବୈଷ୍ଣବ ବ୍ରାହ୍ମଣ ଥିବାର ପ୍ରମାଣ ମିଳିଥାଏ । ଏଥିରେ ଜଗନ୍ନାଥଙ୍କର କୌଣସି ସୂଚନା ମଧ ନାହିଁ । ସବୁଠାରୁ ବଡକଥା ହେଲା-'ବିଚିତ୍ର ରାମାୟଣ' ନାମରେ ଯେତେଗୋଟି ପାଣ୍ଡୁଲିପି ସଂଗୃହୀତ ହୋଇଅଛି, ସେସବୁ କେବଳ ଗଂଜାମ ଅଂଚଳରୁ ହିଁ ମିଳିଛି । ଏସବୁ ଦୃଷ୍ଟିରୁ ବିଚାର କଲେ କଲେ ବିଚିତ୍ର ରାମାୟଣର ଲେଖକ ସିଦ୍ଧେଶ୍ୱର ଦାସ ସାରଳା ଦାସଙ୍କଠାରୁ ଭିନ୍ନ ଏବଂ ସେ ଓଡିଶାର ଦକ୍ଷିଣାଞ୍ଚଳର ବାସିନ୍ଦା ଥିବାର ପ୍ରମାଣ ମିଳୁଛି ।

**(୨) ସପ୍ତକାଣ୍ଡ ରାମାୟଣ :**

ସାରଳା ଦାସଙ୍କ ନାମରେ ଏ ହେଉଛି ଅନ୍ୟ ଏକ ରାମାୟଣ ଗ୍ରନ୍ଥ । ଏହା ମୂଳ ରାମାୟଣର ଅନୁବାଦ ଗ୍ରନ୍ଥନୁହେଁ, ମୂଳ କଥାବସ୍ତୁକୁ ଆଧାର କରି କବି ସେଥିରେ ନିଜର ମୌଳିକତା ଦେଖାଇଛନ୍ତି। 'ବିଚିତ୍ର ରାମାୟଣ'ର ଆରମ୍ଭରେ ମାର୍କଣ୍ଡେୟ ଋଷି ଯୁଧିଷ୍ଠିରାଦି ଭାଇମାନଙ୍କୁ ଓ ଦ୍ରୋପଦୀଙ୍କୁ ରାମାୟଣ କଥା କହିଥିଲା ପରି 'ସପ୍ତକାଣ୍ଡ'ରେ ମଧ ଅନୁରୂପ ଭାବରେ ଯୁଧିଷ୍ଠିରାଦି ଭାଇମାନଙ୍କର ବନବାସ କାଳରେ ମାର୍କଣ୍ଡେୟ ଋଷି ରାମାୟଣ କଥା କହିଛନ୍ତି । ଏଥିରେ ରାମାୟଣର ବିଷୟବସ୍ତୁର ବର୍ଣ୍ଣନା ଦୀର୍ଘ ନୁହେଁ, ସଂକ୍ଷିପ୍ତ । ଏଥିରେ ପ୍ରସଂଗକ୍ରମେ ଅନେକ କାଳ୍ପନିକ କାହାଣୀ ବି ସଂଯୋଜନା କରାଯାଇଥିବାର ଜଣାଯାଏ । ତେବେ ଏହି ରାମାୟଣ ପରିପକ୍ୱ କବି ହସ୍ତର ସଫଳ ସିଦ୍ଧି ବୋଲି ବୋଧ ହୁଏ ନାହିଁ। ତେବେ ସାରଳା ଦାସ ଚଣ୍ଡୀପୁରାଣରେ ପ୍ରଥମେ ରାମାୟଣ ରଚନା କରିଥିଲେ ବୋଲି ଉଲ୍ଲେଖ କରିଥିବାରୁ ମନେହୁଏ ଏହା ତାଙ୍କ କବିତ୍ୱର ଆଦ୍ୟ ଅର୍ଘ୍ୟ।

ତେବେ ଉପରୋକ୍ତ ଦୁଇଟି ରାମାୟଣର ଶୁଦ୍ଧ ସଂସ୍କରଣ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଏ ଦୁଇଟିଙ୍କୁ ସାରଳା ଦାସଙ୍କ ରଚନା ଭାବରେ ଗ୍ରହଣ କରିବା ଆଦୌ ସମୀଚୀନ ହେବ ନାହିଁ । ତେବେ ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ଓ ମହାଭାରତ ଆଦି ପୁରାଣଗ୍ରନ୍ଥଗୁଡିକୁ ସମାଲୋଚକଗଣ ସାରଳାଙ୍କ ନିଜସ୍ୱ କୃତିଭାବେ ଗ୍ରହଣ କରିଥିବାରୁ ନିମ୍ନରେ ସେସବୁର ପରିଚୟ ପ୍ରଦାନ କରାଗଲା

**(୩) ବିଲଙ୍କା ରାମାୟଣ:**

'ବିଲଙ୍କା ରାମାୟଣ' ଗ୍ରନ୍ଥଟିକୁ ସାରଳା ଦାସଙ୍କ ପ୍ରାଥମିକ ରଚନା ଭାବରେ ଗ୍ରହଣ କରାଯାଏ । ଏହା ସଂସ୍କୃତ ଭାଷାରେ ରଚିତ ଶାକ୍ତଧର୍ମାବଲମ୍ବୀମାନଙ୍କ ଦ୍ୱାରା ଅତ୍ୟନ୍ତ ପ୍ରିୟ 'ଅଦ୍ଭୁତ ରାମାୟଣ' ଅନୁସରଣରେ ରଚିତ ଏକ ରାମାୟଣ ଗ୍ରନ୍ଥ । ଏହି ଗ୍ରନ୍ଥର ସପ୍ତଦଶ ସର୍ଗଠାରୁ ଚତୁର୍ବିଂଶ ସର୍ଗରେ ଥିବା ପ୍ରସଂଗ ଆଧାରରେ 'ବିଲଙ୍କା ରାମାୟଣ'ର ବିଷୟବସ୍ତୁ ସଜ୍ଜିତ ହୋଇଛି ।

**(୪) ଚଣ୍ଡୀପୁରାଣ:**

ଶୁଦ୍ରମୁନି ସାରଳା ଦାସଙ୍କର 'ଚଣ୍ଡୀପୁରାଣ' ଏକ ଶାକ୍ତଧର୍ମ ପ୍ରଖ୍ୟାପକ ପୁରାଣ ଗ୍ରନ୍ଥ । ଏହା ସଂସ୍କୃତ ଭାଷାରେ ରଚିତ 'ସପ୍ତସତୀ ଚଣ୍ଡୀ' ବା 'ଶ୍ରୀ ଦେବୀ ଭାଗବତର ନିଛକ ଅନୁବାଦ ନୁହେଁ । ସ୍ଥୁଳତଃ ସଂସ୍କୃତ ଚଣ୍ଡୀପୁରାଣରେ ପ୍ରତିପାଦିତ କଥାବସ୍ତୁ ମହିଷାସୁର 'ନିଧନ' ଆଖ୍ୟାନ ଭାଗ ହେଉଛି ଏହାର କଥାବସ୍ତୁର ଆଧାର । ତେବେ ଏଥିରେ କବିଙ୍କର ଅପୂର୍ବ କଳ୍ପନାବିଳାସ ଓ ମୌଳିକତା ସ୍ପଷ୍ଟରୂପେ ବାରିହୋଇପଡେ। ଏଥିରେ ମୁଖ୍ୟ ପ୍ରତିପାଦ୍ୟ ବିଷୟ ହେଉଛି 'ଶାକ୍ତଧର୍ମ'। ଆଲୋଚ୍ୟ ପୁରାଣ ଗ୍ରନ୍ଥରେ ସେ ଯେପରି ଚଉଷଠୀ ଯୋଗିନୀ ଓ ଦେବୀମାନଙ୍କର ନାମକରଣ କରିଛନ୍ତି, ସେସବୁକୁ ଦେଖିଲେ ଏହାର ସତ୍ୟତା ହିଁ ପ୍ରମାଣିତ ହୁଏ । ବିଲଙ୍କା ରାମାୟଣରେ ଶକ୍ତି ରୂପିଣୀ ନାରୀଜାତିକୁ ଉଚ୍ଚାସନ ବସାଇ ଦେବୀ ରୂପେ ଆରାଧନା କରାଯାଇଛି। ସେହିପରି ଏଥିରେ ମଧ ସାରଳାଦାସ ନିଜର ଆରାଧ ଦେବୀ ସାରଳାଙ୍କ ମଧରେ ଚଣ୍ଡୀଦେବୀଙ୍କର ଶ୍ରେଷ୍ଠତ୍ୱକୁ କାଳ୍ପନିକ କାହାଣୀକୁ ଅପୂର୍ବ ଛନ୍ଦରେ ରସାଣିତ-ପ୍ରକାଶ ଭଂଗୀରେ ନୂତନ କରି ରଚନା କରି ନିଜ ଉଚ୍ଚାଙ୍ଗ ପ୍ରତିଭାର ପରିଚୟ ଦେଇଛନ୍ତି । ଯାହାକି ଗ୍ରନ୍ଥଟିକୁ ମୌଳିକତା ଓ ସ୍ୱକୀୟତା ଭିତ୍ତିରେ ଏକ ସ୍ୱତନ୍ତ୍ର ଗ୍ରନ୍ଥର ମର୍ଯ୍ୟାଦା ପ୍ରଦାନ କରି ଆସୁଛି ।

**କଥାବସ୍ତୁ:**

(କ) ମହାକବି ସାରଳା ଦାସ 'ଚଣ୍ଡୀପୁରାଣ'ର କଥାବସ୍ତୁ ବର୍ଣ୍ଣନା କଲାବେଳେ ପ୍ରଥମେ ମଂଗଳା ଚରଣରେ ବିଘ୍ନରାଜ ଗଣେଶଙ୍କର ବନ୍ଦନା ଗାନ କରିଛନ୍ତି । ଏହାପରେ କବି ଝଙ୍କଡ ବାସିନୀ ସାରଳାଙ୍କୁ ବନ୍ଦନା କରି ବିଷୟବସ୍ତୁ ଆରମ୍ଭ କରିଛନ୍ତି।

ଏହି ଦୁଇଟି ବନ୍ଦନା ଦେବାର ପଶ୍ଚାତ୍‌ରେ କବିଙ୍କ ଉଦ୍ଦେଶ୍ୟର ଭିନ୍ନତା ସ୍ପଷ୍ଟ । ଗଣେଶଙ୍କ ପ୍ରସନ୍ନତାରେ କବି ନିର୍ଭୟ ହୋଇ ଲେଖିବାର ଶକ୍ତି ଆହରଣ କଲେ ଏବଂ କବିଙ୍କ ମନରେ ବିଷୟବସ୍ତୁର ଯୋଜନା ପ୍ରସ୍ତୁତ କରିଥିଲେ ' ଅଭୟେ ମାତାଙ୍ଗୀ ଶ୍ରୀ ସାରୋଳା ଚଣ୍ଡୀ ଦେବୀ ।'' ଯିଏ କି ତାଙ୍କୁ ରାତିରେ କୁହନ୍ତି ଓ ଅରୁଣ ପ୍ରକାଶେ କବି ତାହାକୁ ଲେଖିପକାନ୍ତି ।

(ଖ) କବି ଚଣ୍ଡୀପୁରାଣକୁ 'ଭାଗବତ', ଅର୍ଥାତ୍, 'ବିଷ୍ଣୁଙ୍କ ପୁରାଣ' ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ସ୍ୱୟଂ ଚଣ୍ଡୀ ହେଉଛନ୍ତି ବିଷ୍ଣୁଙ୍କ ଅବତାର । ଚଣ୍ଡୀ ଓ ବିଷ୍ଣୁଙ୍କ ମଧ୍ୟରେ ଅଭେଦତ୍ୱ ପ୍ରତିଷ୍ଠା କଲାପରେ, ଚଣ୍ଡୀକଥା ହୋଇଛି ବିଷ୍ଣୁଚରିତ ଭାଗବତ । ତେଣୁ କବି ଚଣ୍ଡୀପୁରାଣକୁ ବାରମ୍ବାର ଭାଗବତ, ବିଷ୍ଣୁପୁରାଣ ଓ ହରିବଂଶ ଭାବେ ଆଖ୍ୟା ପ୍ରଦାନ କରିଛନ୍ତି ।

(ଗ) ଆଲୋଚ୍ୟ ଗ୍ରନ୍ଥରେ ସଂସ୍କୃତ ଭାଗବତର ଷଡ ସମ୍ବାଦ ମଧ୍ୟରୁ ମୁଖ୍ୟ ସମ୍ବାଦ ଭାବେ ପରିଚିତ ''ଶୁକ ପରୀକ୍ଷ ସମ୍ବାଦକୁ'' ବିଷୟବସ୍ତୁର ସଂଯୋଜନାରେ ଗ୍ରହଣ କରିଛନ୍ତି । ଏଥିରୁ ସ୍ପଷ୍ଟ ହୁଏ ଯେ, କବି ଚଣ୍ଡୀ ପୁରାଣର ବକ୍ତା ଓ ଶ୍ରୋତା ଭାବେ ସେମାନଙ୍କୁ ଗ୍ରହଣ କରିବା ମୂଳରେ ଚଣ୍ଡୀପୁରାଣକୁ ଭାଗବତରେ ରୂପାନ୍ତରିତ କରିବା ଥିଲା ବୋଧହୁଏ କବିଙ୍କ ଉଦ୍ଦେଶ୍ୟ ।

(ଘ) ଚଣ୍ଡୀ ପୁରାଣରେ ଭାଗବତର ବକ୍ତା ଓ ଶ୍ରୋତାଙ୍କୁ ଗ୍ରହଣ କରାଯାଇଥିଲେ ହେଁ ଅଧ୍ୟାୟର ବିଭାଜନ ନାହିଁ । କବି ସମୟ ସମୟରେ ନିଜର ଆରାଧ୍ୟ ଦେବୀ ବା ଦେବତାଙ୍କର ବନ୍ଦନା କରି, ନିଜ ସମ୍ବନ୍ଧରେ କିଛି ସୂଚନା ଦେଇ ପ୍ରସଙ୍ଗର ସମାପ୍ତି ଆଣିଛନ୍ତି। ଏହା ପରେ କଥା ଆରମ୍ଭ ହୋଇଛି- ଏଥୁ ଅନନ୍ତରେ ଏବଂ ବକ୍ତା ଓ ଶ୍ରୋତାଙ୍କ କଥୋପକଥନରେ ।୪୫। ଶୁକମୁନିଙ୍କ ମୁଖ ନିସୃତ କାହାଣୀଟି ଏହିପରି।

**କାହାଣୀ:**

**(କ) ମୂଳପ୍ରସଂଗ:** ଅସୁରରାଜ ବଜ୍ରସିଂହଙ୍କ ପୁତ୍ର କପିଳ ସିଂହ ଦୀର୍ଘ ଚଉଦ ବର୍ଷ କଠୋର ତପସ୍ୟା କରି ଶିବଙ୍କୁ ସନ୍ତୁଷ୍ଟ କରି ଦୁଇଟି ବର ଭିକ୍ଷା କରିଛନ୍ତି । ଗୋଟିଏ ହେଉଛି-ଜୀବନରେ ସମସ୍ତ ଯୁଦ୍ଧରେ ବିଜୟ ଲାଭ କରିବା ଓ ଅନ୍ୟଟି ହେଉଛି- ସ୍ତମ୍ଭନ ବିଦ୍ୟା ଦ୍ୱାରା ସ୍ତ୍ରୀମାନଙ୍କ ସହିତ ସହବାସ କ୍ରୀଡାରେ ମଜ୍ଜି ସନ୍ତୁଷ୍ଟ ଲାଭ କରିବା । ବରପ୍ରାପ୍ତ ହୋଇ ଉଦ୍ଦାମ କାମମତ୍ତାରେ ବଶୀଭୂତ ହୋଇ ସେ ଅନେକ ସ୍ତ୍ରୀଙ୍କୁ ଉପଭୋଗ କରିଛି । କପିଳ ସିଂହର ଧର୍ମପତ୍ନୀ ଧର୍ମରେଖା ସ୍ୱାମୀଙ୍କ ଉଗ୍ର ଶୃଙ୍ଗାରୀ ଭାବନାକୁ ଦେଖି ଭୟରେ ମହିଷ ରୂପ ଧରି ସିଂହଳ ଦ୍ୱୀପକୁ ଚାଲିଯାଇଛି। ସେଠାରେ ଯମରାଜାଙ୍କ ବାହନ କୃତାନ୍ତ ନାମକ ମଇଁଷି ପ୍ରତିଦିନ ବଣ ଜଂଗଲରେ ଖାଦ୍ୟ ଅନ୍ୱେଷଣରେ ବୁଲୁଥାଏ । ଦିନେ ତା'ର ସାକ୍ଷାତ ହୋଇଛି ମଇଁଷି ରୂପିଣୀ ଧର୍ମରେଖା ସହିତ । ତାକୁ ଦେଖି ସେ ଅତି କାମାତୁରା ହୋଇ ପ୍ରବଳ ପରାକ୍ରମର ସହିତ ରମଣକ୍ରିୟାରେ ରତ ହୋଇଛି। ଫଳରେ ଧର୍ମରେଖା ମହାବଳବନ୍ତ ଓ ମହାତେଜ ସଂପନ୍ନ ଏକ ପୁତ୍ର ସନ୍ତାନର ଜନନୀ ହୋଇଛି । ତା'ର ନାମ ରଖାଯାଇଛି 'ମହିଷାସୁର' କବିଙ୍କ ଭାଷାରେ-

''ମଇଁଷିର ମୁଣ୍ଡଗୋଟା ଶରୀର ଦନୁଜ ।''

ମାତା ରାକ୍ଷସୀ ଏବଂ ପିତା ମଇଁଷି ହୋଇଥିବାରୁ, ସେମାନଙ୍କ ପୁତ୍ର ମହିଷ ମୁଣ୍ଡଧାରୀ ଗୋଟାଏ ରାକ୍ଷସ ଭାବେ କବିଙ୍କ ଦ୍ୱାରା ଯାହା ପରିକଳ୍ପିତ ହୋଇଛି, ତାହା ଯଥାର୍ଥ ।

ଏଣେ ପତ୍ନୀହରା ଦୁଃଖରେ ମ୍ରିୟମାଣ କପିଳ ସିଂହ ନିଜ ପତ୍ନୀଙ୍କୁ ଚାରିଆଡେ ଖୋଜି ବୁଲୁଛି । ବାଟରେ କପିଳ ମହର୍ଷିଙ୍କଠାରୁ ପତ୍ନୀର ସନ୍ଧାନ ପାଇ ତାଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ସିଂହଳ ଦ୍ୱୀପରେ ପହଞ୍ଚିଛି । ସେଠାରେ ଜେନାବଳୀପୁର ନାମକ ଏକ ନଗର ପ୍ରତିଷ୍ଠା କରି ପତ୍ନୀ ଓ ପୁତ୍ର ସହିତ ବାସ କରିଛି । ଏହାପରେ ମହିଷାସୁରର ବୀରତ୍ୱ କାହାଣୀ ବର୍ଣ୍ଣିତ ହୋଇଛି-

**(ଖ) ମହିଷାସୁରର ବୀରତ୍ୱ କାହାଣୀ :**

ମହିଷାସୁର ଅଜେୟ ବୀର ହେବା ପାଇଁ ନିରାହାରରେ ଅଶୀସହସ୍ର ବର୍ଷ ଧରି ବ୍ରହ୍ମାଙ୍କୁ ତପସ୍ୟା କରିଛି । ବ୍ରହ୍ମା ତା'ର କଠୋର ସାଧନାରେ ପ୍ରୀତ ହୋଇ ତାଙ୍କୁ ଅମର ବର ଛଡା ଅନ୍ୟ ସମସ୍ତ ବର ପ୍ରଦାନ କରି କହିଛନ୍ତି-ସେ କେବଳ ମରିବ ଜଣେ ସ୍ତ୍ରୀ ହାତରେ । ମହିଷା ଏହାଶୁଣି ପୁନଶ୍ଚ ମାଗିଛି- ଯେଉଁ ସ୍ତ୍ରୀ ହାତରେ ସେ ମରିବ- ସେ ତା'ର ଉଲଗ୍ନ ରୂପକୁ ଦର୍ଶନ କରି ହିଁ ମରିବ । ବ୍ରହ୍ମା ତଥାସ୍ତୁ କହି ଅନ୍ତର୍ଦ୍ଧାନ ହୋଇଛନ୍ତି ।

### (ଗ) ମହିଷାସୁରର ଦିଗବିଜୟ ଯାତ୍ରା :

ବ୍ରହ୍ମାଙ୍କ ବରରେ ବଳୀୟାନ ମହିଷାସୁର ବିଜୟଗର୍ବରେ ଉତ୍‌ଫୁଲ୍ଲିତ ହୋଇ ସୈନ୍ୟସାମନ୍ତଙ୍କ ସହ ଦିଗବିଜୟ ଯାତ୍ରାରେ ବାହାରିଛି । କୁରାଞ୍ଜନ ରାଜ୍ୟର ରାଜା ଯୁଦ୍ଧରେ ନିହତ ହୋଇଛନ୍ତି । ବଜ୍ରନାମକ ରାଜ୍ୟର ରାଜାଙ୍କଠାରୁ ମହିଷା ଯୁଦ୍ଧରେ ହାରିଯାଇଛି । ତାପରେ ଚଣ୍ଡମୁଣ୍ଡ, ଶୁମ୍ଭ ନିଶୁମ୍ଭ ଆଦି ଦୈତ୍ୟଙ୍କ ସହ ଯୁଦ୍ଧ କରି ପରାସ୍ତ ହୋଇ ସେମାନଙ୍କ ସହିତ ମିତ୍ରତା ସମ୍ବନ୍ଧ ସ୍ଥାପନ କରିଛି । ତା'ର ଶକ୍ତିବୃଦ୍ଧି ହୋଇଛି । ପରେ ପରେ ଦକ୍ଷିଣ ଦିଗକୁ ଯାତ୍ରା କରି ସ୍ୱୟଂବର ସଭାରେ ନିଜର ବୀରତ୍ୱ ପ୍ରଦର୍ଶନ କରି ଚନ୍ଦ୍ରଦ୍ୱୀପ ନୃପତିଙ୍କ କନ୍ୟା ଚନ୍ଦ୍ରାବତୀର ପାଣିଗ୍ରହଣ କରିଛି । ଏହାପରେ ମହିଷା ସମୟକ୍ରମେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ନିଜର ଆଧିପତ୍ୟ ବିସ୍ତାର କରିଛି ।

ନାରଦଙ୍କଠାରୁ ଶୁମ୍ଭ ନିଶୁମ୍ଭ ଜାଣିବାକୁ ପାଇଛନ୍ତି ଯେ, ସ୍ୱର୍ଗ ସହିତ ସମାନ ହେବାକୁ ହେଲେ ସେମାନଙ୍କୁ ସ୍ୱର୍ଗର ପାରିଜାତ ତରୁ, ରମ୍ଭା ଅପ୍ସରୀ, ଐରାବତ ହସ୍ତୀ ଓ ଉଚ୍ଚୈଶ୍ରବା ଅଶ୍ୱ ଆଣିବାକୁ ହେବ । ଏହି ଲକ୍ଷ୍ୟରେ ସେମାନେ ଏକ ଆଜ୍ଞାପତ୍ରିକା ଦୂତ ହାତରେ ଇନ୍ଦ୍ରଙ୍କ ନିକଟକୁ ପଠାଇଛନ୍ତି । ଇନ୍ଦ୍ର ଏହି ପତ୍ରଟି ପାଇ ମହିଷା ପ୍ରତି ଅବଜ୍ଞା ପୂର୍ବକ ନିରୀହ ଦୂତ ଦୁଇଜଣଙ୍କୁ ବଧ କରିଅଛନ୍ତି । ଏହା ଜାଣିପାରି ଶୁମ୍ଭ ନିଶୁମ୍ଭ ସ୍ୱର୍ଗପୁର ଆକ୍ରମଣ କରିଛନ୍ତି । ଦେବତାମାନେ ଭୟରେ ଆତ୍ମଗୋପନ କରିଛନ୍ତି । ମହିଷା ସ୍ୱର୍ଗପୁରରେ ନିଜର ଆଧିପତ୍ୟ ସାବ୍ୟସ୍ତ କରି ନିଜର ରାକ୍ଷସବର୍ଗଙ୍କୁ ଶାସନକର୍ତ୍ତାଭାବେ ସେଠାରେ ନିଯୁକ୍ତ କରିଛି ।

### (ଘ) ମହିଷାସୁରର ନିଧନ ପର୍ଯ୍ୟାୟ :

ଦୁଷ୍ଟ ଦାନବ ମହିଷାର କିପରି ବିନାଶ କରାଯିବ ତା'ର ଉପାୟ ଦେବତାମାନେ ସ୍ଥିର କରିପାରିନାହାନ୍ତି । ସେମାନେ ଅନନ୍ୟୋପାୟ ହୋଇ ଶେଷରେ ବିଷ୍ଣୁଙ୍କ ଶରଣାଗତ ହୋଇଛନ୍ତି । ଯେହେତୁ ପୂର୍ବରୁ ମହିଷା ବ୍ରହ୍ମାଙ୍କଠାରୁ ବର ପାଇଛିଯେ ସେ କୌଣସି ପୁରୁଷ ହାତରେ ବଧ ନ ହୋଇ କେବଳ ଏକ ଶକ୍ତିମୟୀ ନାରୀ ହାତରେ ନିଧନ ହେବ । ଏହିଭଳି ସଂଗୀନ ଅବସ୍ଥାରେ ସମସ୍ତ ଦେବକୂଳ ମେରୁ ପର୍ବତରେ ଉପସ୍ଥିତ ରହି ବିଚାର ଆଲୋଚନା କରିଛନ୍ତି । ଏହି ସମୟରେ ମହିଷା ମେରୁପର୍ବତ ତଳେ ଲୁଚ ରହି ଏ ସମସ୍ତ ଆଲୋଚନା ଶୁଣି କ୍ରୋଧରେ ମେରୁଶୃଙ୍ଗ ପୂର୍ବତକୁ ଦେହଲାଇ ଦେଇଛି । ଦୁଷ୍ଟ ରାକ୍ଷସର ଏଭଳି ଆଚରଣରେ ତେତିଶକୋଟି ଦେବତା କ୍ରୁଦ୍ଧ ହୋଇଉଠିଛନ୍ତି । ଫଳରେ ସମସ୍ତଙ୍କ ମୁଖରୁ ଅଗ୍ନି ନିର୍ଗତ ହୋଇ ମହାନଳ ସୃଷ୍ଟି ହୋଇଛି । ମହାନଳର ତେଜକୁ ଦେଖି ମହିଷା ଖୁବ୍ ଭୟଭୀତ ହୋଇପଡ଼ିଛି । ତତ୍‌କ୍ଷଣାତ୍ ସେ ସ୍ଥାନ ଛାଡ଼ି ଚାଲିଯାଇଛି । ଦେବତାମାନେ ମହାନଳକୁ ଶାନ୍ତ ହେବା ପାଇଁ ଅନୁରୋଧ କରିଛନ୍ତି । ବ୍ରହ୍ମା ଆହୂତି ଦେଇ ଅନଳକୁ ଶାନ୍ତ କରାଇଛନ୍ତି । ଶାନ୍ତ ଅନଳରୁ ଜାତ ଜ୍ୟୋତିରୁ ଜନ୍ମ ହୋଇଛନ୍ତି ଅନାଦି ଶକ୍ତିସଂପନ୍ନା ଅଭୟା କାତ୍ୟାୟିନୀ, ମହାବୈଷ୍ଣବୀ, 'ଦୁର୍ଗା' । ଦେବୀଙ୍କ ନିକଟରେ ସମସ୍ତ ଦେବତା ସେମାନଙ୍କ ଦୁଃଖ ଜଣାଇଛନ୍ତି । ପରେ ଦେବତାଗଣ ନିଜ ନିଜର ଅସ୍ତ୍ରଶସ୍ତ୍ର ଓ ବାହନ ଦେବୀଙ୍କୁ ପ୍ରଦାନ କରିଛନ୍ତି । ଦେବୀ ସମସ୍ତ ବାହନ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ହୋଇ ରାକ୍ଷସ ନିଧନାର୍ଥେ ଯୁଦ୍ଧଯାତ୍ରା ଆରମ୍ଭ କରିଛନ୍ତି ।

ଦେବୀ ଦୁର୍ଗାଙ୍କ ସହିତ ମହିଷାର ଭୀଷଣ ଯୁଦ୍ଧ ଆରମ୍ଭ ହୋଇଛି । ମାତ୍ର ମହିଷାସୁରକୁ ପରାସ୍ତ କରିବା ଅସମ୍ଭବ ବୋଲି ଦେବୀ ଅନୁଭବ କରି ସର୍ବମଙ୍ଗଳାଙ୍କୁ ପ୍ରାର୍ଥନା କରିଛନ୍ତି । ସର୍ବମଙ୍ଗଳା ମହିଷାର ନିଧନ ପାଇଁ ଦେବୀ ତାଙ୍କର ଜାନୁ, ଯୌବନ ମହିଷାକୁ ଦେଖାଇବାକୁ ପରାମର୍ଶ ଦେଇଛନ୍ତି । ପ୍ରଥମେ ଦେବୀଦୁର୍ଗା ଲଜ୍ଜାବଶତଃ ଉଲଗ୍ନ ହେବା ନିମିତ୍ତ ନିଜର ଅସମ୍ମତି ପ୍ରକାଶ କରିଛନ୍ତି । ବିବସ୍ତ୍ରା ଦୁର୍ଗାଙ୍କର ଜାନୁଯୌବନ ଦେଖି ମହିଷା ବିମୋହିତ ହୋଇଛି । ଏହି ଅବସରରେ ଦୁର୍ଗା ତାହାର ବକ୍ଷରେ ଶୂଳ ବିଦ୍ଧ କରିଛନ୍ତି । ଫଳରେ ମନ୍ଦମତି ରାକ୍ଷସର ନିଧନ ପର୍ବର ପରିସମାପ୍ତି ଘଟିଛି ।

### (ଙ) ଉଗ୍ରରୂପା ଦୁର୍ଗାଙ୍କ କୋପ ଶାନ୍ତ, 'ପାର୍ବତୀ' ରୂପେ ପରିଚୟ:

ମହିଷାସୁରର ନିଧନ ପରେ ଦେବଗଣ ଅତ୍ୟନ୍ତ ଆନନ୍ଦିତ ହୋଇ ଦେବୀଙ୍କ ନିକଟକୁ ଅଗ୍ରସର ହୋଇଅଛନ୍ତି, ମାତ୍ର ଦେବୀଙ୍କୁ ବିବସନା ଥିବାର ଦେଖି ତାଙ୍କ ନିକଟକୁ ଯିବାକୁ ସଂକୋଚବୋଧ କରିଛନ୍ତି । ଦେବଗଣଙ୍କୁ ଦେଖି ଦେବୀ କ୍ରୋଧାନ୍ୱିତା ହୋଇପଡ଼ିଛନ୍ତି । କାରଣ ଦେବଗଣ ଦୈତ୍ୟଙ୍କୁ ବରପ୍ରଦାନ କରିଥିବାରୁ ତାଙ୍କୁ ଦୁରାଚାରୀ ଦୈତ୍ୟ ସମ୍ମୁଖରେ ଉଲଗ୍ନା ହେବାକୁ ପଡ଼ିଛି । ଉଲଗ୍ନା ଦେବୀ ପ୍ରତିଶୋଧପରାୟଣା ହୋଇ ବିକଟାଳ ରୂପ ଧାରଣ କରି ଦେବଗଣଙ୍କ ଆଡ଼କୁ ଆଗେଇଆସିଛନ୍ତି ।

ଦେବଗଣ ଭୟରେ ଆତ୍ମଗୋପନ କରିଛନ୍ତି । କେବଳ ଦେବ ଦେବ ମହାଦେବ ପଳାଇ ନ ପାରି ତାଣ୍ଡବ ନୃତ୍ୟରେ ବିଭୋର ଥାନ୍ତି । ମହାମାୟାତାଙ୍କୁ ଭକ୍ଷଣ କରିବାକୁ ଉଦ୍ୟତ ହୁଅନ୍ତେ ସେ ତାଙ୍କୁ ସ୍ତୁତି କରିଛନ୍ତି । ମାତ୍ର ନୃତ୍ୟ ତ୍ୟାଗ କରି ନ ଅଛି । ଯେ ନୃତ୍ୟ ଦେଖି ଦେବୀ ଦୁର୍ଗା । ବିମୋହିତ ହୋଇପଡିଛନ୍ତି । ଏଣୁ ମହାଦେବଙ୍କ ପ୍ରତି ତାଙ୍କର ଦୟା ଭାବ ଜାଗ୍ରତ ହୋଇଛି । ସେ ଈଶ୍ୱରଙ୍କୁ ଏକ ବର ମାଗିବାକୁ କହିଛନ୍ତି । ଈଶ୍ୱର ଦୁର୍ଗାଙ୍କୁ କହିଛନ୍ତି- "ହେବୁ ତୁ ମୋର ଭାରିଯା । ଏହାପରେ ଦେବୀ ଭବାନୀଙ୍କୁ ଈଶ୍ୱର ପତ୍ନୀ ଭାବେ କୋଳାଗ୍ରତ କରିଛନ୍ତି । ସମସ୍ତ ଦେବତା ସେଠାରେ ଉପସ୍ଥିତ ହୋଇ ସେମାନଙ୍କୁ ବନ୍ଦନା କରିଛନ୍ତି ।

ଏହା ସଂସ୍କୃତ 'ସପ୍ତସତୀ ଚଣ୍ଡୀ'ର ବିଷୟ ପରି ନୁହେଁ । ମୂଳ ପୁରାଣର କଥାବସ୍ତୁକୁ କବି ଅନୁସରଣ କରିଥିଲେ ହେଁ ସେଥିରେ ସେ ଛାଡ଼ିଯାଇଛନ୍ତି ନିଜର ସୃଜନୀ ପ୍ରତିଭା ।

## ସୃଷ୍ଟି-ସୌରଭ:

### ବର୍ଣ୍ଣନା ବିଳାସ :

ସାରଳା ଦାସଙ୍କ ପରି ଜଣେ ସିଦ୍ଧହସ୍ତ କବି ବର୍ଣ୍ଣନ କୌଶଳ ଦ୍ୱାରା ପୁରାଣର ଇତିବୃତ୍ତାତ୍ମକ ଅଂଶକୁ କରିଛନ୍ତି ସରସ ଓ ସଜୀବ । ନାରୀ ରୂପ ବର୍ଣ୍ଣନାରେ କବି କିପରି ସିଦ୍ଧହସ୍ତ ଥିଲେ ତା'ର କେତୋଟି ଦୃଷ୍ଟାନ୍ତ ଏଠାରେ ଅବତାରଣା କରାଯାଇପାରେ । କବି ଅମ୍ବିକା ଚଣ୍ଡାଳର କନ୍ୟା ଅରୁନ୍ଧତିକୁ ବେଶ କରି ବେଦୀଙ୍କୁ ଆଣିବା ସମୟରେ ତା'ର ଅପରୂପ ଶୋଭା ବର୍ଣ୍ଣନାରେ କବିଙ୍କ ଲେଖନୀ ହୋଇଛି ଚଳଚଞ୍ଚଳ । ଏହିପରି -

"କମଳ ନୟନୀ ମତ୍ତ ମରାଳଗମନୀ
ପିକଭାଷୀ ଚନ୍ଦ୍ରହାସୀ ସୁଘନଜଘନୀ ।
ମଝାସଂକୀର୍ଣ୍ଣ ବିକ୍ରମସିଂହ ତା'ର ଠାଣି
ବନ୍ଧୁଲୀ ଅଧରୀ ସେ ଯେ ଧରିତ୍ରୀ ଶୋଭନୀ,
ଜାତି ପଦ୍ମିନୀ ତାହାକୁ ନାହିଁ ପଟାନ୍ତର,
ବେଶ କରି ଆଣିଦେଲା ବଶିଷ୍ଠ ଆଗର ।" (ପୃ:୬୨)

ସେହିପରି ଚଣ୍ଡମୁଣ୍ଡ ମହିଷାସୁର ନିକଟରେ ଦେବୀ ଦୁର୍ଗାଙ୍କର ଯେଉଁପରି ଭାବେ ଶୋଭା ବର୍ଣ୍ଣନା କରିଛନ୍ତି- ତାହା ଏହିପରି-

"ଆରକ୍ତ ନୟନୀ ବାମା କୁଟିଳା ତା ଦୃଷ୍ଟି
ବକ୍ର ନୟନେ ଚାହିଁଲେ ଶୈଳ ଯିବ ଫୁଟି ।
ତରଙ୍ଗ ତରଳ ନେତ୍ର ଚଞ୍ଚଳ କୁରଙ୍ଗୀ
ସଂଗ ବିହୀନରେ ସେହୁ ଦିଶଇ ବିଭଙ୍ଗୀ ।
ସ୍ୱାମୀ ହେମ ଘଟଣ ଯେ ତିଳପୁଷ୍ପ ନାସା
ତାକୁ ଦେଖିଲେ ଆନକୁ ନ ବଳିବ ଆଶା ।" (ପୃ:୬୪)

'ଚଣ୍ଡୀପୁରାଣରେ' ନଗର ବର୍ଣ୍ଣନା ଏହି ଲକ୍ଷ୍ୟରେ ବେଶ୍ ଆକର୍ଷଣୀୟ-

" ସୁବର୍ଣ୍ଣ କଳସ ପାତାଙ୍ଗେ ଉଡ଼ନ୍ତି
ସମସ୍ତ ସୁବର୍ଣ୍ଣମୟେ ମଣ୍ଡପ ଜଗତୀ
ସମାଦଣ୍ଡ ସଇନି ଦୁନ୍ଦୁଭି ଶବଦ ବାଜେ
ସନ୍ୟ ଘେନିଣ ମହିଷା କରଇ ଦିଗବିଜେ ।

ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ସେନାବାହିନୀର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ଏହିପରି-

"ଖଡଗ କୋନ୍ତ ନାରାଚ ଅସିପତ୍ର ଯଷ୍ଟି
ଖାଦେଳି କୋଦାଳ କୋଠାର ତେଜ ଯାଠୀ

ଝଟକନ୍ତି ନାକିଂଆ ଯେ ବିଜୁଳିତେଜ ଜାଣି
ସେହ୍ମାଙ୍କର ଜଡିଲା ଅଛି ବାଲଅକ ମଣି ।''

'ଚଣ୍ଡୀପୁରାଣ' ଏକ ଯୁଦ୍ଧ ଗ୍ରନ୍ଥ । ଏଥିରେ ଯୁଦ୍ଧବର୍ଣ୍ଣନାରେ କବିଙ୍କ ବର୍ଣ୍ଣନ-ଋତୁରୀ ବେଶ୍ ମନୋହର । ଯୁଦ୍ଧ ଶେଷରେ ଚଣ୍ଡୀମାନେ ଶବଗୁଡିକ ପ୍ରତି ଏହିପରି ବ୍ୟବହାର କରିଛନ୍ତି-

''ଦାନ୍ତେଣ ବିଦାରିଣ କାଢନ୍ତି କାହାର ବୁକୁ
ଖଣ୍ଡେଣ କାମୋଡ଼ି ଖଣ୍ଡେ ଦିଅନ୍ତି ଆରେକକୁ
ରକତ ମାଂସ ଖାଇଣ ସେ ପକାନ୍ତି ହାଡ଼
ପୃଥିବୀ କମ୍ପଇ ଯେ ବାଜଇ ରଡ଼ମଡ଼ ।''

**ଭାଷା:**

'ଚଣ୍ଡୀପୁରାଣ'ରେ ସାରଳା ଦାସଙ୍କ ଭାଷାରେ ବୈଚିତ୍ର୍ୟକ୍ରମରେ ଦେଖିବାକୁ ଗଲେ- ଏଥିରେ କଠିନ ସଂସ୍କୃତ ଶବ୍ଦଗୁଡିକୁ ପଦ ଛନ୍ଦ ଭିତରେ ଏପରି ସ୍ଥାନିତ କରାଯାଇଛି- ଯାହାକି ବେଶ୍ ଆକର୍ଷଣୀୟ ହୋଇଛି । ଉଦାହରଣ ସ୍ୱରୂପ-

''ଦୁରାପଦ କଷ୍ଟରେ ସେ ଜୀବନ ପରିତ୍ୟାଗୀ,
ଶାସ୍ତ୍ରେଣ ନିର୍ଜୀତା ମୁଂ ସେ ଦେବୀ ନାମ ଧରି,

ଲାବଣ୍ୟ ହୋଇ ସେ ବନେ ପ୍ରକାଶଇ, ନୀଳ ସମୁଦ୍ର ଜିଣି ମୋହନ୍ତି , ରାକ୍ଷସଇ.... ''ଇତ୍ୟାଦି।'' ଏଥିରେ ପୁଣି କେତେକ ଖାଣ୍ଟି ଓଡିଆ ଶବ୍ଦର ବ୍ୟବହାର ହୋଇଛି । ଯଥା -

ପିଚାସୁଣୀ, ଅନିର୍ଯାପ, ଏହାନ୍ତ, ତତକ୍ଷଣାତି, ପୁତ୍ରନ୍ତ ପ୍ରାକର୍ମ, ନିକଳି, ଜିଣିମି, ଛଣକେ ଭ୍ରକ୍ଷନା, ଘାଏଣ, ଓପ୍ରୋଧି, ଦୁସୁକୃତ, ଆଗିଆଣି ଥାଠ, ଚୋଖାର ତୁରଙ୍ଗମ, ମଡାନ୍ତ, ନୁଆରିବ, କେଳେସ, ସମକଛ, ଦରାଣ୍ଡି, ମୁଧୁଜା, ଡାଙ୍କେଣି, ଜଣକଇ, ଟହଟହ ହସ, ପରିକ୍ଷ, ହାଦେ, କେନ୍ତେ (କେମନ୍ତେ), ବିବାନ (ବିମାନ), ଯଗୁଜନ, ଧାବିବି, ଦୋଚାରୁଣୀ ଇତ୍ୟାଦି ।

**ସମାଜ ଚିତ୍ର:**

ଆଲୋଚ୍ୟ 'ଚଣ୍ଡୀପୁରାଣ' ଗ୍ରନ୍ଥରେ ସାରଳାଦାସ ତତ୍କାଳୀନ ସାମାଜିକ ରୀତିନୀତିକୁ ପ୍ରସଂଗକ୍ରମେ ଉଲ୍ଲେଖ କରିଛନ୍ତି । ଏଥିସହିତ କବିଙ୍କ ସମାଜ ସଂସ୍କାର ମନୋବୃତ୍ତିର ବିଶେଷ ଝଲକ ଦେଖିବାକୁ ମିଳେ ।

(କ) ଚଣ୍ଡୀପୁରାଣରେ ଅମ୍ବିକା ଜାତିରେ ଚଣ୍ଡାଳ ହେଲେ ବି ବହୁ ଧାନର ମାଲିକ । ନଘୋଏଙ୍କ ରାଜ୍ୟରେ ବର୍ଷ ବର୍ଷ ଧରି ଅପାଳକ ହେବାରୁ ଲୋକେ ଖାଦ୍ୟାଭବର ହାହାକାର କରିବାକୁ ଲାଗିଲେ । ସେତେବେଳେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ନାରଦ ରାଜ୍ୟପରେ ରାଜ୍ୟ ବୁଲି ଶେଷରେ ଅମ୍ବିକା ଚାଣ୍ଡାଳ ଘରେ ଧାନର ସନ୍ଧାନ କରିଛନ୍ତି । ସେ କିନ୍ତୁ ଧାନ ପାଇଁ ଏକ ସର୍ତ୍ତ ରଖିଛି- ଏ ଧାନ ହେଉଛଇ ଯଉତୁକ । ଯିଏ ତାଙ୍କ କନ୍ୟାକୁ ବିବାହ କରିବ ସେ ଏ ଧାନ ନେବ। ପରିଶେଷରେ ବ୍ରହ୍ମାଙ୍କ ଆଦେଶରେ ବଶିଷ୍ଠ ଯାଇ ଅରୁନ୍ଧତୀଙ୍କୁ ବିବାହ କରିଛନ୍ତି ଏବଂ ଧାନ ସବୁକୁ ଯଉତୁକ ରୂପେ ଗ୍ରହଣ କରିଛନ୍ତି। ଏ ପ୍ରସଂଗରେ ସାରଳାଙ୍କ ଉକ୍ତି ହେଉଛି- ''ସଂକଟ କାଳରେ ଦେଶକୁ ରକ୍ଷା କରିବାକୁ ହେଲେ ବ୍ରାହ୍ମଣ ଓ ଚାଣ୍ଡାଳର ଜାତିଗତ ଭେଦଭାବକୁ ଭୁଲିଯିବାକୁ ହେବ । ଏହା ତାଙ୍କ ସମାଜ-ସଂସ୍କାରୀ ପ୍ରଣତାର ଏକ ବଳିଷ୍ଠ ନମୁନା ।

(ଖ) ସେସମୟରେ ଚାଣ୍ଡାଳମାନଙ୍କ ପରି ନାରୀମାନେ ମଧ୍ୟ ଅବହେଳିତ ଥିଲେ । ନାରୀମାନଙ୍କୁ ପାମରୀ, ଦୁରାନ୍ତରୀ, ସ୍ତିରୀ ମାତ୍ର ଛାର, ମୋହୀ ଓ ନାଗରୀ କହି ତାଚ୍ଛଲ୍ୟ କରାଯାଉଥିଲା । ସମାଜର ଏତାଦୃଶ ଚିତ୍ର କବିଙ୍କୁ ବେଶୀ ଯନ୍ତ୍ରଣା ଦେଇଛି। ସେ ଉପାଖ୍ୟାନ ଛଳରେ ସମାଜକୁ ସତର୍କ କରିଦେଇଛନ୍ତି-ନାରୀମାନେ ପ୍ରକୃତରେ ଅବହେଳାର ପାତ୍ରୀ ନୁହନ୍ତି, ସେମାନେ ଦେବୀ, ଜଗତର ରକ୍ଷାକର୍ତ୍ତ୍ରୀ-ପାଳନକର୍ତ୍ତ୍ରୀ ।

(ଗ) ଏ ପୃଥିବୀ ହେଉଛି ସଜ୍ଜନ ଓ ଦୁର୍ଜ୍ଜନଙ୍କ ଲୀଳାସ୍ଥଳୀ । ଦୁର୍ଜ୍ଜନଙ୍କ ପାଦଭାରରେ ପୃଥିବୀ ଭାରାକ୍ରାନ୍ତ ହୁଏ । ଲୋକମାନଙ୍କ ମଧ୍ୟରେ ଦେବତ୍ୱଭାବ ଦୂରେଇ ଯାଇ ପଶୁପ୍ରବୃତ୍ତି ଜାଗ୍ରତ ହୋଇଉଠେ ।ଲୋକେ ଭଲମନ୍ଦ ବିଚାର ନ କରି

ନିଜ ନିଜ ଭିତରେ ହଣାହଣି ହୋଇମରନ୍ତି । ନାନା ଅନ୍ଧବିଶ୍ୱାସର ଶୀକାର ହୁଅନ୍ତି। ତେଣୁ ଦେବୀ ଦୁର୍ଗା ଏ ପୃଥିବୀରେ ଦୁଷ୍ଟଜନଙ୍କୁ ନିପାତ କରି ସନ୍ଥଜନଙ୍କୁ ଉଦ୍ଧାର କରିବାପାଇଁ ଅବତୀର୍ଣ୍ଣ ହେବାର ଆଖ୍ୟାନ ଛଳରେ କବିଙ୍କ ଆବେଦନ ତାଙ୍କର ସମାଜ ସଚେତନତାର ଏକ ଅଭ୍ରାନ୍ତ ନମୁନା ଭାବେ ବିବେଚିତ ହୋଇଥାଏ।

(ଘ) ଜନମଙ୍ଗଳ ଲକ୍ଷ୍ୟରେ ଚଣ୍ଡୀପୁରାଣରେ ବହୁ ଗୁରୁ ଗମ୍ଭୀର ଦାର୍ଶନିକ ତତ୍ତ୍ୱଗୁଡ଼ିକୁ ଅତି ସହଜ ଓ ସାଧାରଣ ଭାଷାରେ ପ୍ରକାଶ କରାଯାଇଛି । ଯଥା -

ହରାଇଣ ବୁଦ୍ଧି ଶିଖିଲି
ନାଶନ୍ତ କାଳକୁ ଧର୍ମ ଚାଡଇ
ଜାତ ହୋଇଗଲେ ଅବଶ୍ୟ ମୃତ୍ୟୁଅଛି
ମିଛରୁ ପାପ ନାହିଁ...... ପ୍ରଭୃତି ।

ସାରଳାଦାସ ପ୍ରସଂଗ ସହିତ ଏସବୁକୁ ମିଶାଇ ନଜର ସମାଜ ସଚେତନତାର ପରିଚୟ ପ୍ରଦାନ କରିଛନ୍ତି।

(ଙ) ହିନ୍ଦୁ ସମାଜରେ ନାରୀମାନେ ବିଶେଷଭାବେ ସମ୍ମାନିତା। ନାରୀହତ୍ୟା ଏକ ମହାପାପ। ପୁଣି ସବୁ ନାରୀ ବି ସମାନ ନୁହନ୍ତି-ସେଥିରେ ଦୁରାଚାରୀ, ପାମରୀ ନାରୀମାନେ ବି ଅଛନ୍ତି । ଏପରି ନାରୀଙ୍କୁ ଦଣ୍ଡ ଦେଇ ସମାଜକୁ ଅବଶ୍ୟ ଶୃଙ୍ଖଳିତ କରାଯାଇପାରେ। ମାତ୍ର ନାରୀ ଯେକୌଣସି ପରିସ୍ଥିତିରେ ଅବଧ୍ୟ । ସାରଳାଙ୍କ ଭାଷାରେ -

''ମାରନ୍ତେଣ ସ୍ତିରୀ ହତ୍ୟା ଜୀବନ୍ତେ ନାହିଁ ଯଶ ।''

(ଚ) ସାରଳା ଦାସ ତାଙ୍କ ପ୍ରିୟ ଦେଶବାସୀଙ୍କୁ କାମନାବାସନାଠାରୁ ଦୂରେଇ ରହିବା ପାଇଁ ସଚେତନ କରାଇଛନ୍ତି ଉପାଖ୍ୟାନର ସଂଯୋଜନା କ୍ଷେତ୍ରରେ। ଏସବୁଥିରେ ସେ କେବଳ ଗୋଟିଏ ତତ୍ତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି, ତାହା ହେଉଛି-

''ପରସ୍ତିରୀ ଲୁବୁଧେ ବହୁତ କଷ୍ଟ ପାଇ ।''

(ଛ) ସାରଳାଙ୍କ ପ୍ରଦତ୍ତ ନୀତି ବଚନର ସାରକଥା ହେଉଛି- ପାପକର୍ମରୁ ଦୂରେଇ ରୁହ, ମିଛର ଆଶ୍ରୟ ନିଅ ନାହିଁ। ଏ ସଂସାର ସତ୍ୟ ଉପରେ ପ୍ରତିଷ୍ଠିତ। ଅଜ୍ଞାନତାକୁ ଦୂରକରି, ଅହଂଗୁଣକୁ ବିନାଶ କରି, କର୍ମକୁ ଆଦରି, ଦଇବ କହିଲା କଥାକୁ ମନରେ ରଖି ଦାନଧର୍ମରେ କାଳାତିପାତ କର।

ଜଣେ ସମାଜ ସଚେତନ ଶିଳ୍ପୀଭାବେ ସାରଳା ଦେବୀ ମହିମା ପ୍ରଖ୍ୟାବାକ ଆଲୋଚ୍ୟଗ୍ରନ୍ଥରେ କେବଳ ଗୁରୁଗମ୍ଭୀର ନୀତିବଚନ ଦେଇ ଭାରାକ୍ରାନ୍ତ କରି ନାହାନ୍ତି। ପୁଣି ବଡ ବଡ ଦାର୍ଶନିକ ତତ୍ତ୍ୱ ନ ଶୁଣାଇ, ଯାହା ସବୁଦିନେ ସମସ୍ତଙ୍କ କାମରେ ଆସିବ, ସେହିପରି ନୀତିକଥା ସବୁ କହି ଜଣେ ସାଧାରଣ ସାମାଜିକ ବ୍ୟକ୍ତିଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି।

### (୪) ଧର୍ମମତର ଉଦାରତା:

ସାରଳା ଦାସ ଗ୍ରନ୍ଥ ମଧ୍ୟରେ ଦେବୀଙ୍କର ବନ୍ଦନା ଗାନ କରିବା ସଂଗେ ସଂଗେ ଅନ୍ୟ ଦେବତାମାନଙ୍କର ଯେଉଁ ସ୍ତୁତିଗାନ କରିଛନ୍ତି, ତାହା ତାଙ୍କର ଧର୍ମମତର ଉଦାହରଣର ନିଦର୍ଶନ। ଏଥିରେ କବି ପ୍ରସଂଗକ୍ରମେ ଦୁର୍ଗାଙ୍କୁ ବିଷ୍ଣୁ ବା ନାରାୟଣଙ୍କ ଅବତାର ଭାବରେ ବର୍ଣ୍ଣନା କରିଛନ୍ତି। ଏହା ହିନ୍ଦୁ ଦର୍ଶନ ପ୍ରଣୋଦିତ। ସେଥିପାଇଁ ତ ଗୀତାରେ କୁହାଯାଇଛି- ''ଦୁର୍ଗେତି ଭଦ୍ରକାଳୀତି ବିଜୟା ବୈଷ୍ଣବୀତି ଚଂ ।'' ବୈଷ୍ଣବତନ୍ତ୍ର ନାରଦ ପଞ୍ଚରାତ୍ରରେ ମଧ୍ୟ ଦୁର୍ଗାଙ୍କ ମହିମା ପ୍ରଖ୍ୟାପନ ଛଳରେ କୁହାଯାଇଛି- ''କେବଳ ପରାଶକ୍ତି ହିଁ ଶ୍ରୀକୃଷ୍ଣଙ୍କୁ ଜାଣେ, କାରଣ ସେ ତାଙ୍କରି ରୂପ। ସେହି ଦୁର୍ଗା ହିଁ ପରମଶକ୍ତି, ମହାବିଷ୍ଣୁରୂପିଣୀ। ଚଣ୍ଡୀ ପୁରାଣରେ ଶ୍ରୀଗଣେଶାୟ ନମଃ, ଶ୍ରୀ ଚଣ୍ଡୀ ଦେବ୍ୟୈ ନମୋ ନମଃ ଓ ପରେ ଓଁ ଭଗବତେ ବାସୁଦେବାୟ ନମଃ ଆଦି ବନ୍ଦନା ଛଳରେ କବି ନିଜର ଉଦାର ସମନ୍ୱୟବାଦୀ ଧର୍ମଭାବନାର ସତ୍ତାକୁ ଉପସ୍ଥାପନ କରିଛନ୍ତି।

### (୫) ମହାଭାରତ :

'ମହାଭାରତ' ମାଟିର ମହାକବି ସାରଳା ଦାସଙ୍କ ସାରସ୍ୱତ ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ । ପଞ୍ଚଦଶ ଶତାବ୍ଦୀରେ ଓଡିଆ ଭାଷା- ଉନ୍ମେଷ-ଉତ୍ତରଣ କାଳରେ ସାରଳା ଦାସ ସଂସ୍କୃତକୁ ଛାଡି ଜନମୁଖର ଭାଷାରେ ଏପରି ଏକ ବିପୁଳାକାୟ ଗ୍ରନ୍ଥ ରଚନା କରି ଓଡିଆ ସାହିତ୍ୟରେ ଯେ ଏକ ସୁଦୃଢ ଭିତ୍ତି ସ୍ଥାପନ କରିଦେଲେ ତାହା ନୁହେଁ , ଶତାବ୍ଦୀ ଶତାବ୍ଦୀ ଧରି ଓଡିଆ

ସାହିତ୍ୟର ପ୍ରେରଣା ଦାତା ହୋଇ ରହିଗଲେ । ସତରେ ସାରଳା ଦାସ ଯେପରି ଏକ ବିସ୍ମୟକର ପ୍ରତିଭା, ସେହିପରି ତାଙ୍କର ମହାଭାରତ ମଧ୍ୟ ଓଡ଼ିଆ ସାହିତ୍ୟର ଇତିହାସରେ ଏକ ବିସ୍ମୟ ଉଦ୍ରେକକାରୀ ସାରସ୍ୱତ ଗ୍ରନ୍ଥ ।

ସାରଳାଙ୍କ ମହାଭାରତ ବ୍ୟାପ୍ତି ଓ ଦୀପ୍ତିରେ ମହିମାନ୍ୱିତ । ଏହା ସଂସ୍କୃତ ମହାଭାରତର ଏକ ଅନୁବାଦ ଗ୍ରନ୍ଥ ନୁହେଁ, ବରଂ ଅନୁସୃଷ୍ଟି । ଏଥିରେ ମୂଳ କାହାଣୀ ଓ ଚରିତ୍ରକୁ ଆଶ୍ରୟ କରି କବି ନିଜର କଳ୍ପନାର ଐନ୍ଦ୍ରଜାଲିକ ଫାଶରେ ତାକୁ ବାନ୍ଧି ନୂତନ ଭାବରେ ଉପସ୍ଥାପନ କରି ନିଜର ଶ୍ରେଷ୍ଠତ୍ୱକୁ ହିଁ ପ୍ରମାଣିତ କରିଛନ୍ତି । କେଉଁଠି କେଉଁଠି ମୂଳ କାହାଣୀ ବଦଳି ଯାଇଛି ତ, କେଉଁଠି ପୁଣି ମୂଳକାହାଣୀକୁ ଛାଡି ଦିଆଯାଇଛି । ସେହିପରି ମୂଳ ଚରିତ୍ର ମଧ୍ୟ କେଉଁଠି ବଦଳା ଯାଇଛନ୍ତି ତ, କେଉଁଠି ପୁଣି ମୂଳ ଚରିତ୍ର ସହିତ ବହୁ କାଳ୍ପନିକ ଚରିତ୍ରମାନେ ମିଶିଯାଇଛନ୍ତି । ଏହିପରି ପରିବର୍ତ୍ତନ ଧାରାରେ ସମକାଳୀନ ସମାଜର ରୀତିନୀତି ସବୁ ଜୀବନ୍ତ ରୂପରେ ପାଠକଙ୍କ ସମ୍ମୁଖରେ ଉଭା ହୋଇଛି । ସର୍ବୋପରି ଏଥିରେ ଜଣେ ଜାତୀୟ ପ୍ରାଣ କବି ଭାବରେ ଏ ଜାତିର ଇଷ୍ଟଦେବ ଜଗନ୍ନାଥଙ୍କର ମହିମା ଓ ମହତ୍ତ୍ୱର ବର୍ଣ୍ଣନା ରହିଛି । ଏପରିକି ତତ୍କାଳୀନ ସମାଜରେ ତନ୍ତ୍ରମନ୍ତ୍ର, ଜଡ଼ିବୁଟିଠାରୁ ଆରମ୍ଭ କରି ସାମାଜିକ ଓ ସାଂସ୍କୃତିକ ଜୀବନର କେତେ କେତେ ଆଚାର ବିଚାର, ବିଭିନ୍ନ ଜାତିମାନଙ୍କର କେତେ କେତେ ଚଳଣୀ, ସବୁକିଛି ତାଙ୍କ ମହାଭାରତ ପୃଷ୍ଠରେ ଖଞ୍ଜିହୋଇଯାଇଛି । ତେଣୁ ତାଙ୍କର ମହାଭାରତ ହୋଇଛି ଓଡ଼ିଆ ଜାତୀୟ ଜୀବନର ମହାକାବ୍ୟ, ଓଡ଼ିଆ ସାହିତ୍ୟର ପ୍ରଥମ ଗାୟତ୍ରୀ, ଓଡ଼ିଆ ସଂସ୍କୃତିର ଦୀପ୍ତିମୟୀ ଆଲେଖ୍ୟ ।୪୮।

**ମୌଳିକତା:**

**(କ) ସଂସ୍କୃତ ମହାଭାରତ ଓ ସାରଳା ମହାଭାରତର ତୁଳନାତ୍ମକ ବିଚାର:**

**(୧) ପର୍ବ ବିଭାଜନରେ ସ୍ୱତନ୍ତ୍ରତା:**

| ସଂସ୍କୃତ ମହାଭାରତ | ସାରଳା ମହାଭାରତ |
|---|---|
| ୧. ଆଦିପର୍ବ | ୧. ଆଦିପର୍ବ |
| ୨.ସଭାପର୍ବ | ୨. ମଧ୍ୟପର୍ବ |
| ୩. ବନପର୍ବ | ୩.ସଭା ପର୍ବ |
| ୪. ବିରାଟ ପର୍ବ | ୪.ବନପର୍ବ |
| ୫. ଉଦ୍‌ଯୋଗପର୍ବ | ୫. ବିରାଟ ପର୍ବ |
| ୬.ଭୀଷ୍ମ ପର୍ବ | ୬. ଉଦ୍‌ଯୋଗ ପର୍ବ |
| ୭. ଦ୍ରୋଣ ପର୍ବ | ୭. ଭୀଷ୍ମ ପର୍ବ |
| ୮. କର୍ଣ୍ଣ ପର୍ବ | ୮. ଦ୍ରୋଣ ପର୍ବ |
| ୯. ଶଲ୍ୟ ପର୍ବ | ୯. କର୍ଣ୍ଣ ପର୍ବ |
| ୧୦. ସୌପ୍ତିକ ପର୍ବ | ୧୦. ଶଲ୍ୟ ପର୍ବ |
| ୧୧. ସ୍ତ୍ରୀ ପର୍ବ | ୧୧. ଗଦା ପର୍ବ |
| ୧୨. ଶାନ୍ତି ପର୍ବ | ୧୨.କାଇଁଶିକା ବା ଐଷିକପର୍ବ |
| ୧୩. ଅନୁଶାସନିକ ପର୍ବ | ୧୩. ନାରୀ ପର୍ବ |
| ୧୪. ଆଶ୍ରମିକ ପର୍ବ | ୧୪. ଶାନ୍ତି ପର୍ବ |
| ୧୫. ମହାପ୍ରାସ୍ଥାନିକ ପୂର୍ବ | ୧୫. ଆଶ୍ରମିକ ପର୍ବ |
| ୧୬. ଅଶ୍ୱମେଧିକ ପର୍ବ | ୧୬. ଅଶ୍ୱମେଧ ପର୍ବ |
| ୧୭. ମୌଷଳୀ ପର୍ବ | ୧୭. ମୂଷଳୀ ପର୍ବ |
| ୧୮. ସ୍ୱର୍ଗାରୋହଣ ପର୍ବ | ୧୮. ସ୍ୱର୍ଗାରୋହଣ ପର୍ବ |

ଏଥିରେ ପର୍ବ ସଂଖ୍ୟା ସମାନ ଅଛି । କେବଳ ପର୍ବମାନଙ୍କର ନାମକରଣରେ କେତେକ ବ୍ୟତିକ୍ରମ ଅଛି । ମୂଳଗ୍ରନ୍ଥର ସୌପ୍ତିକ ପର୍ବ, ଆନୁଶାସନିକ ପର୍ବ, ମହାପ୍ରାସ୍ଥାନିକ ପର୍ବର ନାମ ସାରଳା ଦାସଙ୍କ ପର୍ବ ବିଭାଜନରେ ନାହିଁ । ଅପରପକ୍ଷରେ

ମଧ୍ୟପର୍ବ, ଗଦା ପର୍ବ, କାଳିଣିକା ବା ଐଷିକ ପର୍ବ ନାମରେ ତିନିଗୋଟି ନୂତନ ଓ ପ୍ରଧାନ ପର୍ବ ସାରଳା ଦାସଙ୍କ ଗ୍ରନ୍ଥରେ ଅଛି। ମୂଳଗ୍ରନ୍ଥରେ ଗଦା ପର୍ବ, ଶଲ୍ୟପର୍ବ ଦୁଇଟି ହୋଇଛି ଉପପର୍ବ। ମୂଳଗ୍ରନ୍ଥର ବିଷୟକ୍ରମ ସହିତ ସାରଳା ମହାଭାରତର ବିଷୟକ୍ରମ ଅଭିନ୍ନ ନ ଥିବାରୁ ବିଭିନ୍ନ ପର୍ବମାନଙ୍କର ବିଷୟ ଓ ବିଷୟକ୍ରମରେ ଉଭୟ ଗ୍ରନ୍ଥରେ ବୈଷମ୍ୟତା ଦେଖିବାକୁ ମିଳେ। ଏ ସଂପର୍କରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ମତ ବେଶ୍ ପ୍ରଣିଧାନଯୋଗ୍ୟ। ତାଙ୍କ ଭାଷାରେ– '' xxxxx କବି ମୂଳ ଗ୍ରନ୍ଥର ଅନୁବାଦ କରିନାହାନ୍ତି କିମ୍ବା ଅବିକଳାନୁକରଣରେ ଲେଖି ନାହାନ୍ତି। ମୂଳ ଗ୍ରନ୍ଥର ପ୍ରଗାଢ ଶୁଶ୍ରୂଷାରେ ଏକାନ୍ତ ଅନୁରକ୍ତ ଥାଇ ସମଗ୍ର ଭାରତର ସ୍ଥୂଳ ସ୍ଥୂଳ ବିଷୟ ଓ ଅନୁକୂଳ ଘଟନାଂଶମାନ ମାତ୍ର ସ୍ୱୀୟ ଅବ୍ୟାହତ ସ୍ମୃତିକୋଷରେ ପ୍ରଦୀପ୍ତ ରଖି ଅସାମାନ୍ୟ କଳ୍ପନାଶକ୍ତି ଓ ବିଷୟ-ସନ୍ନିଧାନ ପ୍ରବୀଣତାର ବଳରେ ବଳୀୟାନ ହୋଇ ଅଙ୍ଗୀକରଣ, ବିସ୍ତୃତୀକରଣ, ଅନୁକ୍ତ ପ୍ରକ୍ଷେପ ଓ ଉକ୍ତ ନିକ୍ଷେପାଦି କ୍ରମରେ ଏହି ପ୍ରକାଣ୍ଡ ଗ୍ରନ୍ଥକୁ ଲେଖିଯାଇଛନ୍ତି। ଉପରୋକ୍ତ କ୍ରମ ଭିତ୍ତିରେ ଦୁଇ ମହାଭାରତର ତୁଳନା କରାଯାଇପାରେ।

**ପ୍ରସଂଗଭିତ୍ତିକ ସ୍ୱତନ୍ତ୍ରତା:**

**(କ) ଅଙ୍ଗୀକରଣ:**

ଅଙ୍ଗୀକରଣ, ଅର୍ଥାତ୍ ମୂଳଗ୍ରନ୍ଥରେ ବିଶଦ ରୂପେ ବର୍ଣ୍ଣିତ ଥିବା ଅନେକ ପ୍ରସଂଗକୁ ସାରଳା ଦାସ ଅତି ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି। ଯଥା–

(୧) ସଂସ୍କୃତ ମହାଭାରତର ମୂଳ ଅଂଶରେ ତତ୍ତ୍ୱଜ୍ଞାନ ସଂପର୍କୀୟ ଅନେକ କଥା ବର୍ଣ୍ଣିତ ହୋଇଥିବା ସ୍ଥଳେ ସାରଳା ଦାସ ସେ ସବୁ ତତ୍ତ୍ୱଜ୍ଞାନ ବିଷୟଗୁଡ଼ିକୁ ଅତି ସଂକ୍ଷେପରେ ସାଧାରଣ ଜନତାଙ୍କ ବୁଝିବାଭଳି ଶୈଳୀରେ ଉପସ୍ଥାପନା କରିଛନ୍ତି।

(୨) ସଂସ୍କୃତ ମହାଭାରତର ଆଦିପର୍ବରେ ୮୦ ଗୋଟି ଅଧ୍ୟାୟରେ ବିସ୍ତୃତଭାବେ ଅନୁକ୍ରମଣିକା ପ୍ରଦତ୍ତ ହୋଇଛି। କିନ୍ତୁ ସାରଳା ଦାସ ଅନୁକ୍ରମଣିକା ଅଧ୍ୟାୟର କାହାଣୀକୁ ଅଧିକ ସୁସଂଗତ ଓ ସୁଗମ କରିବା ପାଇଁ ଅତି ସଂକ୍ଷିପ୍ତ ରୂପ ଦେଇ କେବଳ କୁରୁବଂଶ ଉତ୍ପତ୍ତିଠାରୁ ଗ୍ରନ୍ଥଟିର ଆରମ୍ଭ କରିଛନ୍ତି।

(୩) ସଂସ୍କୃତ ମହାଭରତର 'ବନପର୍ବ'ରେ ଥିବା ପାଣ୍ଡବମାନଙ୍କର ତୀର୍ଥ ଭ୍ରମଣ ବୃତ୍ତାନ୍ତକୁ ଅତି ସଂକ୍ଷିପ୍ତ ଭାବରେ ସଂଯୋଜିତ କରିଛନ୍ତି।

(୪) ସଂସ୍କୃତ ମହାଭାରତରେ 'ଶାନ୍ତିପର୍ବ' ଏକ ବିଶାଳ ଗ୍ରନ୍ଥ। ଏଥିରେ ୩୬୫ ଅଧ୍ୟାୟ ରହିଛି, ମାତ୍ର ସାରଳା ଦାସଙ୍କ ଶାନ୍ତିପର୍ବ ମାତ୍ର ଚାରିଗୋଟି ଅଧ୍ୟାୟରେ ରଚିତ ଏକ କ୍ଷୁଦ୍ରତମ ପର୍ବ। ଏଥିରେ କୋଣାର୍କ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି।

(୫) ସଂସ୍କୃତ ମହାଭାରତର ଭୀଷ୍ମ ପର୍ବରେ ସ୍ଥାନିତ ହୋଇଥିବା 'ଅଷ୍ଟାଧ୍ୟାୟୀ ଗୀତା ' କୁ ସାରଳା ଦାସ ଖୁବ୍ ସଂକ୍ଷିପ୍ତ ଆକାରରେ ପ୍ରକାଶ କରିଛନ୍ତି।

(୬) ସଂସ୍କୃତ ମହାଭାରତର ଭୀଷ୍ମ ପର୍ବରେ ସ୍ଥାନିତ ହୋଇଥିବା 'ଅଷ୍ଟାଧ୍ୟାୟୀ ଗୀତା' କୁ ସାରଳା ଦାସ ଖୁବ୍ ସଂକ୍ଷିପ୍ତ ଆକାରରେ ପ୍ରକାଶ କରିଛନ୍ତି।

(୬) ସଂସ୍କୃତ ମହାଭାରତରେ ବର୍ଣ୍ଣିତ ବିରାଟ ରାଜ୍ୟରେ ପାଣ୍ଡବମାନେ ଅବସ୍ଥାନ କରୁଥିବା ଅବସରରେ ଗୋହରଣ ପ୍ରସଂଗକୁ ସାରଳାଦାସ ସଂକ୍ଷିପ୍ତାକାରରେ ପ୍ରକାଶ କରିଛନ୍ତି।

(୭) ସଂସ୍କୃତ ମହାଭାରତରେ ବର୍ଣ୍ଣିତ ଅଶ୍ୱତ୍ଥାମା ପିତୃହନ୍ତା ପାଣ୍ଡବମାନଙ୍କୁ ବଧ କରିବା ପାଇଁ ନାରାୟଣାସ୍ତ୍ର ପ୍ରୟୋଗ କରିବାର ବର୍ଣ୍ଣନା ବିସ୍ତୃତ ଭାବରେ ଥିବାବେଳେ ସାରଳା ମହାଭାରତରେ ତା'ର ସଂକ୍ଷିପ୍ତ ରୂପ ଦିଆଯାଇଛି।

(୮) ସଂସ୍କୃତ ମହାଭାରତରେ ଥିବା ମହାଦେବଙ୍କ ସହିତ ଅର୍ଜୁନଙ୍କ ଯୁଦ୍ଧ, ନଳୋପାଖ୍ୟାନ, ପୃଥୁଳଗାଭୀ ଚରିତ, ନହୁଷ ଉପାଖ୍ୟାନ, ଯଯାତି ଉପାଖ୍ୟାନାଦିକୁ ସାରଳା ମହାଭାରତରେ ସଂକ୍ଷିପ୍ତ ଆକାରରେ ସ୍ଥାନିତ କରାଯାଇଛି।

**(ଖ) ବିସ୍ତୃତୀକରଣ: (ସଂକ୍ଷିପ୍ତରୁ ବିସ୍ତୃତ ରୂପ ବର୍ଣ୍ଣନ):**

ମୂଳ ଗ୍ରନ୍ଥରେ ସଂକ୍ଷିପ୍ତ ଆକାରରେ ଥିବା ବହୁ ପ୍ରସଂଗକୁ ସାରଳାଦାସ ବିସ୍ତୃତ ରୂପରେ ବର୍ଣ୍ଣନା କରିଛନ୍ତି। ଏହିପରି-

(୧) ସଂସ୍କୃତ ମହାଭାରତର ଆଦିପର୍ବରେ ବର୍ଣ୍ଣିତ ସୁଭଦ୍ରା ହରଣ ପ୍ରସଂଗକୁ କବି ନିଜର ଅପୂର୍ବ କଳାକୁଶଳତା ଓ କାଳ୍ପନିକ ପ୍ରଲେପ ଦେଇ ଏକ ନୂତନ ରୂପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ଏଥିରେ ମୂଳ କାହାଣୀ ପରିବର୍ତ୍ତିତ ହୋଇଯାଇଛି। ବେଶ୍ ନାଟକୀୟ ହୋଇଛି ସାରଳା ମହାଭାରତର ସୁଭଦ୍ରା ହରଣ ପ୍ରସଂଗ।

(୨) ସଂସ୍କୃତ ମହାଭାରତରେ ଜରାସନ୍ଧ ଭୀମଙ୍କ ଦ୍ୱାରା ନିହତ ହୋଇଥିବା ପ୍ରସଂଗ ବର୍ଣ୍ଣିତ । କିନ୍ତୁ ସାରଳା ମହାଭାରତରେ ଏହି ପ୍ରସଂଗ ସହିତ ତିନିଗୋଟି କାଳ୍ପନିକ କାହାଣୀ ଯଥା- ଭେରୀର ପୂର୍ବ ଚରିତ, ଶିମିଳିପୁରର ବୃତ୍ତାନ୍ତ ଓ ଗଧ ଚରିତ ସଂଯୋଜିତ ହୋଇ ପାଠକ ମନକୁ ବେଶ୍ ଆନନ୍ଦ ଦେଇଛି ।

(୩) ସଂସ୍କୃତ ମହାଭାରତରେ ପାଣ୍ଡବଙ୍କ ଦିଗବିଜୟ, ରାଜସୂୟ ଯଜ୍ଞ, ଶିଶୁପାଳ ବଧ ପ୍ରସଂଗ ଖୁବ୍ ସଂକ୍ଷିପ୍ତାକାରରେ ବର୍ଣ୍ଣିତ,କିନ୍ତୁ ସାରଳା ମହାଭାରତରେ ଏହି ପ୍ରସଂଗଗୁଡିକ ସହିତ କେତେକ କପୋଳ କଳ୍ପିତ କାହାଣୀର ସଂଯୋଜନା କରାଯାଇଛି ।

(୪) ସଂସ୍କୃତ ମହାଭାରତରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ପ୍ରସଂଗ ସଂକ୍ଷିପ୍ତ, ସାରଳା ମହାଭାରତରେ ଏହି ପ୍ରସଂଗ ସହିତ ଅନ୍ୟ କେତେକ ପ୍ରସଂଗ ସଂଯୁକ୍ତ କରି ଏକ କରୁଣ ରସାପ୍ଲୁତ ପରିବେଶକୁ ସୃଷ୍ଟି କରାଯାଇଛି ।

(୫) ସଂସ୍କୃତ ମହାଭାରତରେ ଭୀମଙ୍କ ଜନ୍ମ ବୃତ୍ତାନ୍ତ ସଂକ୍ଷିପ୍ତ, ମାତ୍ର ସାରଳା ମହାଭାରତରେ ଏ ସଂପର୍କରେ ବିସ୍ତୃତ ଓ ମନୋରମ ବର୍ଣ୍ଣନା ଦିଆଯାଇଛି । ଏ ପ୍ରସଂଗରେ କବିଙ୍କ କଳ୍ପନାପ୍ରବଣତା ବେଶ୍ ମଂଜୁଳ ।

(୬) ସଂସ୍କୃତ ମହାଭାରତରେ ବିଦୂରଙ୍କ ଜଣେ ବିଶ୍ୱସ୍ତ ଖନକ ଜତୁଗୃହରୁ ଗଂଗାନଦୀ ତୀର ପର୍ଯ୍ୟନ୍ତ ଗୋଟିଏ ସୁପ୍ରଶସ୍ତ ଗର୍ତ୍ତ ଖନନ ପ୍ରସଂଗ ସାରଳା ମହାଭାରତରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି ।

(ଗ) **ଅନୁକ୍ତ ପ୍ରକ୍ଷେପ: (କଳ୍ପନା -ପ୍ରସୂତ ଆଖ୍ୟାୟିକାର ସଂଯୋଜନା)**

ଏହି ପର୍ଯ୍ୟାୟରେ ସାରଳା ମହାଭାରତରେ ଏପରି କେତେକ ପ୍ରସଂଗ ବା ଉପାଖ୍ୟାନ ସ୍ଥାନ ପାଇଛି ଯାହାର ବର୍ଣ୍ଣନା ମୂଳ ମହାଭାରତରେ ଆଦୌ ନାହିଁ। ଏଗୁଡିକ କବିଙ୍କ କଳ୍ପନା- ପ୍ରସୂତ । ସେଥିରୁ କେତୋଟିର ସଂକ୍ଷିପ୍ତ ରୂପ ନିମ୍ନରେ ପ୍ରଦାନ କରାଗଲା । ଯଥା -

### ପ୍ରବାଦ ଓ ପ୍ରବଚନ:

### (୧) ଶାହାଡା ବୃକ୍ଷର ମାହାତ୍ମ୍ୟ :

ସାରଳା ମହାଭାରତର ଆଦିପର୍ବରେ ସାହାଡା ଗଛ ମାହାତ୍ମ୍ୟ ପ୍ରସଂଗ ବେଶ୍ ଆକର୍ଷଣୀୟ ପ୍ରସଂଗ ।

ଦିନକର କଥା । ଶିବ ତାଙ୍କର ପ୍ରିୟ ବାହନ ବୃଷଭ ପୃଷ୍ଠରେ ଆରୋହଣ ପୂର୍ବକ ଭ୍ରମଣରେ ଯିବା ଅବସରରେ ବୃଷଭ ପଥପାର୍ଶ୍ୱରେ ଥିବା ଏକ ଶାହାଡା ଗଛରୁ ପତ୍ରଟିଏ ତୋଳି ନିଜ ମଥାରେ ଘେନିଛି । ଶିବ କୌତୁହଳ ସହକାରେ ଏହାର କାରଣ ପଚାରିଛନ୍ତି । ବୃଷଭ ଉତ୍ତର ଦେଇଛି ଯେ ଶାହାଡା ପତ୍ର ମଥାରେ ଘେନିଲେ ଅମୃତତୁଲ୍ୟ ଖାଦ୍ୟ ଭୋଜନ କରିବାକୁ ମିଳେ। ଶିବ ଏହାର ସତ୍ୟତା ପରୀକ୍ଷା କରିବା ପାଇଁ ସେଦିନ ବୃଷଭକୁ ଦିନସାରା ଉପବାସରେ ଚାରିଆଡେ ବୁଲାଇଛନ୍ତି। ଏଣେ ଘରକୁ ଫେରିବାର ବିଳମ୍ବ ହେବାରୁ ପାର୍ବତୀ ଭୋକ ସମ୍ଭାଳି ନପାରି ଶିବଙ୍କ ପାଇଁ ପ୍ରସ୍ତୁତ ଅନ୍ନବ୍ୟଞ୍ଜନକୁ ଖାଇବାକୁ ଆରମ୍ଭ କରିଛନ୍ତି । ଠିକ୍ ଏହି ସମୟରେ ଦୂରରୁ ଶିବଙ୍କର ଡମ୍ବରୁ ନାଦ ଶୁଭିଛି । ଲଜ୍ଜା ଓ ସଂକୋଚରେ ପାର୍ବତୀ ତର ତର ହୋଇ ଭୁଞ୍ଜୁଥିବା ଅନ୍ନବ୍ୟଞ୍ଜନକୁ ବୃଷଭ କୁଣ୍ଡରେ ନିକ୍ଷେପ କରିଦେଇଛନ୍ତି । ଶିବ ଗୃହକୁ ଫେରି ବୃଷଭକୁ କିଛି ଖାଦ୍ୟପଦାର୍ଥ ନ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଣେ ବୃଷଭ ମହାଆନନ୍ଦରେ ତା'କୁଣ୍ଡରେ ଥିବା ସ୍ୱାଦିଷ୍ଟ ଅନ୍ନବ୍ୟଞ୍ଜନକୁ ଭକ୍ଷଣ କରି ପରମ ଆନନ୍ଦରେ ନିଦ୍ରା ଯାଇଛି। ପରଦିନ ଶିବ ଏକଥା ଜାଣିପାରି ଶାହାଡା ଗଛର ମାହାତ୍ମ୍ୟ ବୁଝିପାରିଛନ୍ତି ।

### (୨) ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ବିବାହ ପ୍ରସଂଗ: (ଆଦି ପର୍ବ):

ଆଲୋଚ୍ୟ ପ୍ରସଂଗଟି ସାରଳା ମହାଭାରତ ଏକ ଆକର୍ଷଣକାରୀ ମୌଳିକ ବିଭବ । ଯାହାକି ଓଡିଶାର ଜନ-ତୁଣ୍ଡରେ 'ଧୃତରାଷ୍ଟ୍ରକୁ କନ୍ୟା ନାହିଁ, କି ଗାନ୍ଧାରୀକୁ ବର ନାହିଁ-ପ୍ରବଚନ ରୂପେ ବହୁଳ ବ୍ୟବହୃତ । ବରକନ୍ୟାର ବିବାହ ଯୋଗାଡ଼ ହୋଇ ନ ପାରି ବା ଯୋଗାଡ ହୋଇ ବାରମ୍ବାର ଭାଙ୍ଗିଯାଉଥିଲେ - ଏହି ପ୍ରବଚନଟି ପ୍ରଚଳିତ ।

ଜନ୍ମକାଳର ନକ୍ଷତ୍ର ଗଣନାନୁସାରେ ଧୃତରାଷ୍ଟ୍ରଙ୍କୁ ବ୍ରହ୍ମରାକ୍ଷସ ଦୋଷ ଲାଗିଥିଲା । ଏଣୁ ସେ ଯେଉଁ କନ୍ୟାକୁ ବିବାହ କରୁଥିଲେ- ସେ ଅକାଳରେ ମୃତ୍ୟୁବରଣ କରୁଥିଲା । ସେହିପରି ଗାନ୍ଧାର ଦେଶର କନ୍ୟା ଗାନ୍ଧାରୀ ଅମାବାସ୍ୟା (ଉଆଁସ) ତିଥିରେ ଜନ୍ମିଥିବାରୁ ତାଙ୍କୁ ଯିଏ ବିବାହ କରୁଥିଲା ସେ ମଧ୍ୟ ମୃତ୍ୟୁବରଣ କରୁଥିଲା । ଦୈବଯୋଗରୁ ଧୃତରାଷ୍ଟ୍ରଙ୍କ ସହିତ ଗାନ୍ଧାରୀଙ୍କ ବିବାହ ସ୍ଥିର ହୋଇଥିଲା । ବିବାହ ଅନୁଷ୍ଠିତ ହେବା ପୂର୍ବରୁ ଗାନ୍ଧାରୀଙ୍କୁ ବ୍ୟାସଙ୍କ ନିର୍ଦ୍ଦେଶାନୁସାରେ ଏକ ଶାହାଡା ବୃକ୍ଷ ସହିତ ପ୍ରଥମେ ବିବାହ ଦିଆଯାଇଥିଲା । ସଂଗେ ସଂଗେ ସାହାଡା ଗଛଟି ଜଳିଗଲା । ତା'ପରେ ଧୃତରାଷ୍ଟ୍ରଙ୍କ ସହିତ ଗାନ୍ଧାରୀଙ୍କ ବିବାହ କାର୍ଯ୍ୟ ସଂପନ୍ନ ହେଲା ।

**(୩) ଗଂଗା ବୋଇଲେ ଥିବି, ଗାଙ୍ଗୀ ବୋଇଲେ ଯିବି: (ଆଦି ପୂର୍ବ):**

ଆଲୋଚ୍ୟ ପ୍ରସଂଗଟି ମଧ୍ୟ କବି ପ୍ରତିଭାର ଅନ୍ୟ ଏକ ବହୁଆଲୋଚିତ ପ୍ରବାଦ । ଏହା ଗଢ଼ିଉଠିଛି ଗଂଗା ଓ ଶାନ୍ତନୁଙ୍କ ଦାଂପତ୍ୟ ଜୀବନର ଅଶାନ୍ତ ପରିସରକୁ ନେଇ ଶତ ଦୋଷତ୍ରୁଟି ସତ୍ତ୍ୱେ ନୀରବ ରହିବା ପୁଣି ଅତି ଅସହ୍ୟ ହେବାବେଳେ ସାମାନ୍ୟ ପ୍ରତିବାଦରେ ଅଘଟଣ ଘଟିବା ଅର୍ଥରେ ଏହା ପ୍ରଚଳିତ ।

ମହାରାଜା ଶାନ୍ତନୁ ଗଂଗାଙ୍କୁ ବିବାହ କରିବାପୂର୍ବରୁ ପ୍ରତିଜ୍ଞା କରିଛନ୍ତି- ଜୀବନରେ କେବେହେଲେ ଗଂଗାଙ୍କ ଇଚ୍ଛା ବିରୁଦ୍ଧରେ ନ ଯାଇ ତାଙ୍କୁ ତିରସ୍କାର କରିବେ ନାହିଁ । ଗଂଗା କହିଲେ ସେ ଥିବେ, ଆଉ ଗାଙ୍ଗୀ କହିଲେ ସେ ଆଉ ଘରେ ରହିବେ ନାହିଁ । ଏହାପରେ ଗଂଗାଙ୍କର ଉଗ୍ର ସ୍ୱଭାବ ଏବଂ ସ୍ୱେଚ୍ଛାଚାରିତା ଶାନ୍ତନୁଙ୍କୁ ସର୍ବଦା ପୀଡ଼ିତ କରିଛି । ଗଂଗା ଛଅଟି ସନ୍ତାନଙ୍କୁ ନିଜ ହାତରେ ହତ୍ୟା କରିଛନ୍ତି । ପ୍ରତିଜ୍ଞା ଭଗ୍ନ ହେବା ଭୟରେ ଶାନ୍ତନୁ ସବୁ ସହ୍ୟ କରିଛନ୍ତି। ମାତ୍ର ସପ୍ତମ ପୁତ୍ରର ନିଧନ ଅବସରରେ ଶାନ୍ତନୁ ତାଙ୍କୁ ତିରସ୍କାର କରି କହିଛନ୍ତି-

"ଆଲୋ ଛଡପୁତ୍ର ମାଇଲୁ ନ ପୂରିଲା ତୋର ଅଭିଷ୍ଟି
ଆଲୋ ଆଲୋ ଗାଙ୍ଗୀ ତୁ ଅଟୁ ବଡ ମନ୍ଦ ନଷ୍ଟେ।"

ଏହାଦ୍ୱାରା ପ୍ରତିଜ୍ଞା ଭଂଗ ହୋଇଥିବା ଦର୍ଶାଇ ଗଙ୍ଗା ଶାନ୍ତନୁଙ୍କୁ ପରିତ୍ୟାଗ କରି ଚାଲିଯାଇଛନ୍ତି ।

**(୪) ମନ ଜାଣେ ପାପ, ମାଆ ଜାଣେ ବାପ:**

ଏହା ଏକ ଜନପ୍ରିୟ ପ୍ରବଚନ। ଏହା ସାରଳା ଦାସଙ୍କ ମୌଳିକ ସୃଷ୍ଟି । ମାନୀ ଦୁର୍ଯ୍ୟୋଧନ ପାଣ୍ଡବ ପାଞ୍ଚଭାଇଙ୍କୁ ଅପମାନିତ କରିବା ପାଇଁ ପ୍ରତ୍ୟେକଙ୍କୁ ସେମାନଙ୍କ ପିତାଙ୍କ ନାମ ନେଇ ରାଜସଭାରେ ସମ୍ୱୋଧନ କରୁଥାନ୍ତି । ପାଣ୍ଡବ ପାଞ୍ଚଭାଇଙ୍କୁ ଏପରି ସମ୍ୱୋଦନ ଭାରି ବାଧୁଥାଏ । ଉପାୟ କିଛି ନଥିବାରୁ ସେମାନେ ନୀରବ ରହୁଥାନ୍ତି । ସଖା ଶ୍ରୀକୃଷ୍ଣ ପାଣ୍ଡବଙ୍କର ଏଭଳି ଅପମାନ ଜନିତ ସମ୍ୱୋଦନକୁ ସହ୍ୟ କରି ନପାରି ଭୀମକୁ ଦୁର୍ଯ୍ୟୋଧନଙ୍କ ପିତାମାତାଙ୍କ ସମ୍ବନ୍ଧରେ ସୂଚନା ଦେବା ସହିତ ତାଙ୍କୁ 'ଗୋଲକ ପୁତ୍ର' ସମ୍ୱୋଧନ କରିବାକୁ ଶିଖାଇଛନ୍ତି । ପରଦିନ ରାଜସଭାରେ, ଯେତେବେଳେ ଦୁର୍ଯ୍ୟୋଧନ ଭୀମଙ୍କୁ 'ବସ ହୋ ପବନ ପୁତ୍ର' ବୋଲି କହିଛନ୍ତି, ଭୀମ ସଂଗେ ସଂଗେ ହସି ହସି ତାଙ୍କୁ କହିଛନ୍ତି- "ବସୁଛି ହୋ ଗୋଲକ ପୁତ୍ର" । ଏହାଶୁଣି ଦୁର୍ଯ୍ୟୋଧନ ଖୁବ୍ ଅପମାନିତ ବୋଧ କରିଛନ୍ତି । କାରଣ 'ଗୋଲକ ପୁତ୍ର' କହିଲେ ଶାହାଡା ବୃକ୍ଷର ପୁତ୍ରକୁ ବୁଝାଏ, ପୁଣି ବିଧବାର ଗର୍ଭଜାତ ଜାରଜ ସନ୍ତାନକୁ ବୁଝାଏ । ଏହି କ୍ରମରେ ସାରଳାଙ୍କ ଉକ୍ତି ହେଉଛି-

"ମନହିଂ ସେ ଜାଣଇ ଗୋ ହୃଦୟରେ ଯେତେ ପାପ
ମାତା ହିଂ ସେ ଜାଣଇ ପୁତ୍ରର ଯେତେ ବାପ ।"

**(୫) କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ: (ଉଦ୍‌ଯୋଗପର୍ବ):**

ମହାଭାରତ ଯୁଦ୍ଧରେ କର୍ଣ୍ଣ ଓ ଅର୍ଜୁନ ପରସ୍ପର ପ୍ରତିଦ୍ୱନ୍ଦୀ ବୀର। ଉଭୟେ କିନ୍ତୁ କୁନ୍ତୀଙ୍କର ପୁତ୍ର । ମାତ୍ର କର୍ଣ୍ଣ ତ ସର୍ବଦା ମାତାଙ୍କ ସ୍ନେହରୁ ବଂଚିତ । କୁନ୍ତୀଙ୍କ ଅବିବାହିତ ଅବସ୍ଥାରେ ସୂର୍ଯ୍ୟଦେବଙ୍କ ସହିତ ମିଳନରେ ତାଙ୍କର ଜନ୍ମ । କୁନ୍ତୀ ଦେବୀ ସାମାଜିକ କୁଟିଳ ଆଖିରୁ ନିଜର ସତୀତ୍ୱକୁ ରକ୍ଷା କରିବାକୁ ଯାଇ ସେଦିନ କର୍ଣ୍ଣଙ୍କୁ ନଦୀଗର୍ଭରେ ଭସାଇ ଦେଲେ । ତେଣୁ ସେ ମନେ ମନେ ସେଦିନରୁ ସେ ଛଅପୁତ୍ରର ଜନନୀ ବୋଲି ଗ୍ରହଣ କରିଥାନ୍ତି । ତେଣୁ ମହାଭାରତ ଯୁଦ୍ଧରେ ଯଦି କର୍ଣ୍ଣ ଓ ଅର୍ଜୁନ ମଧ୍ୟରେ ଯୁଦ୍ଧ ହୁଏ-ତେବେ କେହି ଜଣେ ତ ନିଶ୍ଚୟ ନିହତ ହେବେ । ଫଳତଃ ଜୀବିତ ପୁତ୍ର ସଂଖ୍ୟା ହେବ ପାଞ୍ଚ । ଅର୍ଥାତ୍ ଯେଉଁ ପଞ୍ଚପାଣ୍ଡବ ସେହି ପଞ୍ଚପାଣ୍ଡବ । କୁନ୍ତୀ କର୍ଣ୍ଣଙ୍କୁ କହିଛନ୍ତି- ଏହିପରି

"ଅର୍ଜୁନ ଯେବେ ତୋତେ ମାରଇ ପ୍ରମାଦେ
ସେହି ପଞ୍ଚପୁତ୍ର ମୋର ହୋଇବ ଯେ ହାଦେ ।"

**(୬) ପହିଲି ଯୁଦ୍ଧରେ ଭୀମ ହାରେ:(ଆଦିପର୍ବ)**

ଏକଦା କୁନ୍ତୀ ଗୋଟିଏ ମହାବଳ ବାଘକୁ ଦେଖି ଭୟରେ ଶତଶୃଙ୍ଗ ପର୍ବତରେ ଶିଶୁ ଭୀମକୁ ଛାଡିଦେଇ ଜୀବନବିକଳେ ନିକଟସ୍ଥ ଏକ ବୃକ୍ଷ ଉପରେ ଚଢ଼ିଯାଇଛନ୍ତି । ଭୀମ ମାତାଙ୍କ ଅନୁପସ୍ଥିତିକୁ ଦେଖି ହାତଗୋଡ ଛାଟି ଖୁବ୍ ଜୋରରେ କାନ୍ଦିବା ଆରମ୍ଭ କରିଛନ୍ତି । ଏହି ସମୟରେ ବାଘଟି ଆସି ଭୀମଙ୍କ ପାଖରେ ପହଞ୍ଚି ଯାଇଛି । କ୍ରନ୍ଦନରତ ଭୀମଙ୍କର ପାଦ ବାଘର

ମସ୍ତକରେ ଲାଗିବାରୁ ବାଘଟିର ମୃତ୍ୟୁ ଘଟିଛି । ପୁଣି ତାଙ୍କ ବାମ ପାଦର କାଣିଆଙ୍ଗୁଠି ବାଜିବା ମାତ୍ରେ ଶତଶୃଙ୍ଗ ଗିରିର ଗୋଟିଏ ଶୃଙ୍ଗ ଭାଙ୍ଗିଯାଇଛି । ଫଳରେ ଶତଶୃଙ୍ଗ ପ୍ରବଳ ମାତ୍ରାରେ ରାଗିଯାଇ ଭୀମଙ୍କୁ ଅଭିଶାପ ଦେଇଛି- ''ଆରେ ଆରେ ଭୀମା ତୁ ପ୍ରଥମ ଯୁଦ୍ଧେ ହାରେ ।'' କୁନ୍ତୀ ଏହା ଶୁଣି ଶତଶୃଙ୍ଗ ପର୍ବତକୁ ଅଭିଶାପ ଦେଇଛନ୍ତି । ପର୍ବତ ଭୟଭୀତ ହୋଇ କୁନ୍ତୀ ଦେବୀଙ୍କୁ କହିଛି- ପ୍ରଥମ ଯୁଦ୍ଧରେ ତ ଭୀମ ହାରିବ, ଆଉ ଯଦି ଶତଶୃଙ୍ଗ, ଶତଶୃଙ୍ଗ ବୋଲି କେହି ଧ୍ୱନିତ କରେ, ତେବେ ଦ୍ୱିତୀୟ ଯୁଦ୍ଧରେ ସେ ବିଜୟୀ ହେବ । ଏହାହେଉଛି ସାରଳାଙ୍କ ମୌଳିକତାର ଅନ୍ୟ ଏକ ଜନପ୍ରିୟ ପ୍ରବଚନ ।

ଏହିସବୁ ସାରଳାଙ୍କ ମୌଳିକତା ଅର୍ଥାତ୍ ନୂତନ ଭାବେ ସଜ୍ଜିତ ହୋଇ କାଳ୍ପନିକ -କାହାଣୀ ଧର୍ମୀ ପ୍ରବଚନର ଏକ ଏକ ଅଭ୍ରାନ୍ତ ନମୁନା । ଏତଦ୍‌ଭିନ୍ନ ତାଙ୍କ କବି ପ୍ରତିଭାର ଉଜ୍ଜ୍ୱଳତମ ଦିଗ ହେଉଛି- ଅନେକ ଛୋଟ ଛୋଟ ଲୋକକଥାର ସଂଯୋଜନା । ଯାହାର ଝଲକ ନିମ୍ନରେ ପ୍ରଦାନ କରାଯାଇପାରେ -

## (ଖ) ନୀତିଧର୍ମୀ କାଳ୍ପନିକ- କାହାଣୀର ସଂଯୋଜନା:

### (୧) ଭାରିଯା ଡରରେ ଶଳାକୁ ନମସ୍କାର:(ମଧପର୍ବ):

ଯୁଧିଷ୍ଠିର ଯଜ୍ଞ ସ୍ଥଳରେ ଥିବା ସମୟରେ ଜ୍ୟେଷ୍ଠ ଶାଳକ, ଦ୍ରୌପଦୀଙ୍କ ବଡଭାଇ ଧୃଷ୍ଟଦ୍ୟୁମ୍ନଙ୍କୁ ଦେଖି ନମସ୍କାର କରିଛନ୍ତି । ଏହା ଦେଖି ସେଠାରେ ଉପସ୍ଥିତ ଥିବା ଶ୍ରୀକୃଷ୍ଣ ଅତିସହ କ୍ରୋଧାନ୍ୱିତ ହୋଇଉଠିଛନ୍ତି । ଧୃଷ୍ଟଧ୍ୟୁମ୍ନଙ୍କୁ ସେ କାହିଁକି ନମସ୍କାର କଲେ ବୋଲି ପଚାରିବାରୁ ଯୁଧିଷ୍ଠିର କହିଛନ୍ତି - ସେ ଯେହେତୁ ପତ୍ନୀ ଦୌପଦୀଙ୍କ ଜ୍ୟେଷ୍ଠଭ୍ରାତ, ତେଣୁ ନମସ୍କାର ପାଇବା ପାଇଁ ହିଁ ସେ ଯୋଗ୍ୟ । ଏହା ପୁଣି ଶାସ୍ତ୍ରୋଚିତ । ''ଭାରିଯା ଡରରେ ଶଳାକୁ ନମସ୍କାର'' ଜାଣିବା ପାଇଁ ଚାହିଁଛନ୍ତି ଶୁକମୁନି । ବ୍ରହ୍ମା କହିଛନ୍ତି- ବ୍ୟାସଙ୍କ ଶାସ୍ତ୍ରରେ ଶାଳକ ହେଉଛି ଭୃତ୍ୟ ସହିତ ସମାନ । ତେଣୁ ସେ ନମସ୍କାର ପାଇବାର ଯୋଗ୍ୟ ନୁହେଁ କି ଭଗ୍ନୀପତିଙ୍କୁ କଲ୍ୟାଣ କରିବା ମଧ ବିଧେୟ ନୁହେଁ । ଏହାଶୁଣି ଶ୍ରୀକୃଷ୍ଣ କହିଛନ୍ତି- ଯୁଧିଷ୍ଠିର ଧୃଷ୍ଟଦ୍ୟୁମ୍ନଙ୍କୁ କେବଳ ଭାରିଯା ଡରରେ ନମସ୍କାର କରିଛନ୍ତି ।

### (୨) ଅଳସୁଆ, ଅନନ୍ତାକଥା:(ଉଦ୍‌ଯୋଗ ପର୍ବ):

### (୧) ଅଳସୁଆ କଥା:

କୃଷ୍ଣାବେଣୀ ନଦୀ କୂଳରେ କାମପୁର ନାମକ ଏକ ନଗର ଥିଲା । ସେଠାରେ ମେଳକା ନାମରେ ଜଣେ ଶୁଦ୍ର ବାସ କରୁଥିଲା । ସେ ଥିଲା ନିପଟ ଅଳସୁଆ । ତାକୁ ଜଂଗଲରୁ କିଛି ଶୁଖିଲା କାଠ ଭାଙ୍ଗି ଆଣିବା ଛଡା ଆଉ କିଛି ଜଣା ନଥିଲା ସେହି କାଠ ବିକି ସେ ତା' ପରିବାର ଚଳାଏ । ଦିନେ ଝଡବର୍ଷାରେ ସ୍ତ୍ରୀ ଦ୍ୱାରା ଭର୍ତ୍ସିତ ହୋଇ ଜଂଗଲକୁ କାଠ କାଟିବାକୁ ଯାଇଛି । ଯାଉ ଯାଉ ଗ୍ରାମର ପୂର୍ବ ପଟରେ ଥିବା ମନ୍ଦିରର ମଣ୍ଡପରେ ନିଦ୍ରାଳୁତାବଶତଃ ଶୋଇଯାଇଛି । ସଂନ୍ଧ୍ୟା ହେବାରୁ ମନ୍ଦିରରେ ଶଙ୍ଖ ଘଣ୍ଟା ବାଜିଛି ତା'ର ନିଦ ଭାଙ୍ଗିଯାଇଛି । ଏବେ ସେ ବା କ'ଣ କରିବ? କାଠ ନ ନେଇକି ଗଲେ ଘରେ ସ୍ତ୍ରୀଠାରୁ ଗାଳି ଶୁଣି ଉପବାସ ରହିବାକୁ ହେବ । ତେଣୁ ସେ ମନ ମାରି ବସହିରହିଛି । ମନ୍ଦିରରୁ ସମସ୍ତେ ଗଲାପରେ ସେ ମନ୍ଦିର ଭିତରକୁ ପ୍ରବେଶ କରିଛି । ସେହି ମନ୍ଦିରରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନି ଦାରୁମୂର୍ତ୍ତି ପୂଜା ପାଉଥାନ୍ତି । ସେ ସେହି ମୂର୍ତ୍ତି ମଧ୍ୟରୁ ଗୋଟିକୁ ହାଣି ସେଦିନ ଗୁଜୁରାଣ ମେଣ୍ଟାଇବ ବୋଲି ଭାବି ପ୍ରଥମେ ବିଷ୍ଣୁଙ୍କ ମୂର୍ତ୍ତିଟିକୁ ହାଣିବାକୁ ଉଦ୍ୟମ କରିଛି । ଏହି ସମୟରେ ଦାରୁମୂର୍ତ୍ତିରୁ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ବାହାରି ତାକୁ ଏଥିରୁ ନିବୃତ କରି- ଏହା ମହାପାପ ବୋଲି କହିଛନ୍ତି । ଏହାଶୁଣି ଅଳସୁଆ ମେଳକା କହିଛି-ମୁଁ ତ ମୂର୍ଖ-ମୋର ଦେବତା ବ୍ରାହ୍ମଣ ଜ୍ଞାନ କେଉଁଠୁ ଆସିବ? ଯଦି ତାକୁ ଏ ଝଡବର୍ଷା ସମୟରେ ଚଳିଯିବା ପାଇଁ ଯିଏ ପାଞ୍ଚକୋଡି କଉଡି ଆଉ ପାଞ୍ଚ ମାଣ ଚାଉଳ ଦେଇଦେବ ସେ ଆଉ ମୂର୍ତ୍ତିକୁ ହାଣିବ ନାହିଁ । ଜଗନ୍ନାଥ ତା'ର ଦୁଃଖ କଥା ଜାଣି ତାକୁ ଗଣପତି ମନ୍ଦିରକୁ ଯାଇ ସେଠାରୁ ଚାଉଳ ଓ କଉଡି ନେଇଯିବାପାଇଁ କହିଛନ୍ତି । ସେ ସେପରି କରିଛି ତା'ର ଲୋଭ ବଢିଛି । ସେ ତା'ପରଦିନ ଝଡବର୍ଷା ନ ଥିଲେ ବି ମୂର୍ତ୍ତି ହାଣିବାକୁ ଯାଉଛି-ପୂର୍ବପରି ଗଣପତି ମନ୍ଦିରରୁ ଚାଉଳ ଓ କଉଡି ନେଇ ଘରକୁ ଫେରିଛି । ସୁଖରେ ସ୍ୱାମୀ ସ୍ତ୍ରୀ ଚଳିଛନ୍ତି ।

### (୨) ଅନନ୍ତା କଥା:

ପୂର୍ବୋକ୍ତ କାହାଣୀ ସହିତ ଯୋଡି ହୋଇଛି ଏହି ଉପକାହାଣୀଟି । କାହାଣୀଟି ଏହିପରି-

ମେଳକା ଶୁଦ୍ର । ଅନନ୍ତା ନାମରେ ତା'ର ଜଣେ ପଡୋଶୀ ଥିଲେ । ସେ କର୍ମଠ, କିନ୍ତୁ ଦରିଦ୍ର । ତା' ସ୍ତ୍ରୀ ଲୀଳାବତୀ ଥିଲା ମେଳକା ସ୍ତ୍ରୀର ପିଲାଦିନର ସାଂଗ । ମେଳକାର ସୁଖର ସଂସାର ଦେଖି ଲୀଳାବତୀର ଲୋଭ ବଢିଛି । ସେ ମେଳକା ସ୍ତ୍ରୀ

ଠାରୁ ଶୁଣି ସେମାନେ ଯେଉଁଭଳି ଗଣପତି ମନ୍ଦିରରୁ ଚାଉଳ ଓ କଉଡି ଆଣୁଛନ୍ତି-ସେହି ଉପାୟ କରିବାକୁ କହିଛି। ଅଳସୁଆ ପଡୋଶୀ ଭଳି ଅନନ୍ତା ବିନା ପରିଶ୍ରମରେ ଚାଉଳ ଓ କଉଡି ରୋଜଗାର କରିବା ନିଶାରେ ବିଷ୍ଣୁ ମୂର୍ତ୍ତିକୁ ହାଣିବାକୁ ଗଲାବେଳେ ଜଗନ୍ନାଥ କରାଳ ମୂର୍ତ୍ତି ଧାରଣ କରି ତାକୁ ଦିଫାଳ କରିବାକୁ ଉଦ୍ୟତ ହୋଇଛନ୍ତି । ସମାନ ପ୍ରକାର କାର୍ଯ୍ୟ କରୁଥିଲେ ମଧ୍ୟ କାହିଁକି ଅଳସୁଆ ମେଳକା ପ୍ରତି ସଦୟ ଓ ତା' ପ୍ରତି ଏତେଟା ନିର୍ଦ୍ଦୟ -ସେ ସଂପର୍କରେ ସେ ଜାଣିବାକୁ ଚାହିଁଛି । ଜଗନ୍ନାଥ ତାଙ୍କୁ କହିଛନ୍ତି- ସେ ଅଳସୁଆ ଜ୍ଞାନହୀନ, ମୂର୍ଖ-ଅସୁର ପ୍ରକୃତିର । ଏଣୁ ତାକୁ ଦେବତା ଡରନ୍ତି; ମାତ୍ର ତୁମର ଦେବ, ବ୍ରାହ୍ମଣ ଓ ପାପ ପୁଣ୍ୟର ଜ୍ଞାନ ଅଛି। ଏଣୁ ତୁମକୁ ଦେବତା ଭୟ କରନ୍ତି ନାହିଁ ।

ଏହି ଉପାଖ୍ୟାନରୁ ଏହି ନୀତିଶିକ୍ଷା ମିଳେ ଯେ, ଭଗବାନ ଅଳସୁଆ ଅଜ୍ଞାନୀଙ୍କୁ ଘୃଣା ସହିତ ଭୟ ବି କରନ୍ତି, ମାତ୍ର କର୍ମଠ ଲୋକକୁ କାମ କରି ପେଟ ପୋଷିବାକୁ ଉପଦେଶ ଦିଅନ୍ତି ।

### (୩) ବାବନା ଭୂତ କଥା: (ଉଦ୍‌ଯୋଗ ପର୍ବ)

ତୁଙ୍ଗଭଦ୍ରା ନଦୀକୂଳରେ ଥିବା ଜ୍ଞାନପୁର ନଗରୀର ଅଧିବାସୀଙ୍କ ଦୃଢ ବିଶ୍ୱାସ ଥିଲା ଯେ-ସେଠାରେ ମୃତ୍ୟୁ ବରଣ କଲେ କେହି ମୁକ୍ତି ନ ପାଇଁ ଭୂତ ବନିଯାଆନ୍ତି । ଶୁଦ୍ରକ ନାମକ ଜନୈକ ତାନ୍ତ୍ରିକ ନିଜ ସ୍ତ୍ରୀ ସହିତ ସେହି ନଦୀକୂରେ ଘର କରି ରହିଛି । ସେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେ ସ୍ଥାନୀୟ ଅଧିବାସୀଙ୍କୁ ପାହାଡ ନିକଟସ୍ଥ ଖଣ୍ଡେ ଚାଷଜମି ମାଗିଛି। ସ୍ଥାନୀୟ ଅଧିବାସୀମାନେ ସେଠାରୁ ଭୂତମାନେ ସବୁବେଳେ ଉତ୍‌ପାତ କରୁଥିବା କଥା ତାକୁ କହିଛନ୍ତି । ଏହା ଶୁଣିବା ସତ୍ତ୍ୱେ ତାନ୍ତ୍ରିକଟି ସେଠାର ମାଫି ତିଳ ଚାଷ ଆରମ୍ଭ କରିଦେଇଛି । ସେ ପଠାଇଥିବା ହଳିଆ ଓ ବଳଦକୁ ଭୂତମାନେ ଓ ଡରାଇବାରୁ ସେମାନେ ଚାଷକାମ ନ କରି ପଳାଇଆସିଛନ୍ତି । ଏହା ଶୁଣି ଶୁଦ୍ରକ ତାନ୍ତ୍ରିକ ମହାମୁଦ୍ରା ନାମକ ତନ୍ତ୍ରବିଦ୍ୟାର ଜାଲ ବସାଇ ସମସ୍ତ ଭୂତଙ୍କୁ ବାନ୍ଧି ପକାଇଛି । ଭୂତମାନେ ଭୟଭୀତ ହୋଇ ତାନ୍ତ୍ରିକକୁ ଷାଠିଏ ପଉଟି ତିଳ ଦେଇ ମୁକ୍ତ ହୋଇଛନ୍ତି ।

କିଛିଦିନ ପରେ ଭୂତମାନଙ୍କର ରାଜା ''ବାବନାଭୂତ'' ଆସି ପହଞ୍ଚି ସାଥୀମାନଙ୍କଠାରୁ ସବୁ ଶୁଣି ସେମାନଙ୍କ ବାରଣ ସତ୍ତ୍ୱେ ପ୍ରବଳ ମାତ୍ରାରେ ରାଗିଯାଇ ତାନ୍ତ୍ରିକର ପୁଅକୁ ଗ୍ରାସିଛି । ତାନ୍ତ୍ରିକ ଶୁଦ୍ରକ ବାବନାଭୂତକୁ ନିଜ ସାଧନାବଳରେ ଲୁହାକଣ୍ଟା ସାହାଯ୍ୟରେ କିଳିବାକୁ ଚେଷ୍ଟା କରିଛି । ବାବନାଭୂତ ଡରିମରି ତାକୁ ତିନିଶହ ଷାଠିଏ ପଉଟି ଦାନ ଦେଇ ମୁକ୍ତ ହୋଇଛି ।

### (୪) ସତ୍ୟ ଆମ୍ବ ଗଛ:(ବନପର୍ବ):

ପାଣ୍ଡବମାନେ ଅଜ୍ଞାତ ବନବାସ କରୁଥିବା ସମୟରେ ସେମାନଙ୍କୁ ଚିହ୍ନଟ କରିବା ପାଇଁ ଦୁର୍ଯ୍ୟୋଧନ ଜନୈକ ବ୍ରାହ୍ମଣଙ୍କୁ ଦୂତ ରୂପେ ପଠାଇଛି । ତାଙ୍କୁ କୁହାଯାଇଛି-ସେ ପାଣ୍ଡବମାନଙ୍କୁ ସନ୍ଧାନ ପାଇଲେ ସେମାନଙ୍କୁ ଅଋତୁ ଫଳ ଭଳି ଅସମ୍ଭବ ଦ୍ରବ୍ୟ ଭିକ୍ଷା କରିବ

ଏହି ଆଦେଶ ଅନୁସାରେ ବ୍ରାହ୍ମଣ ଦୂତ ବିଭିନ୍ନ ଆଡେ ଖୋଜାଖୋଜି କରିଛି । ଶେଷରେ ଏକ ବନରେ କେତେଜଣଙ୍କୁ ଦେଖି ସେମାନେ ପଞ୍ଚପାଣ୍ଡବ କି ନୁହେଁ ଜାଣିବାପାଇଁ ସେମାନଙ୍କୁ ଗୋଟିଏ ପାଚିଲା ରସାଳ ଆମ୍ବ ମାଗିଛି । ସେହି ସମୟରେ ତ ଶରତ ଋତୁ । ଆମ୍ବ ଆସିବ କେଉଁଠୁ? ଏଣେ ଆମ୍ବ ନ ଦେଲେ ସେମାନେ ବ୍ରହ୍ମ ଅଭିଶାପଗ୍ରସ୍ତ ହେବେ । ଏଭଳି ଦୁଃସହ ପରିସ୍ଥିତିରେ ସେମାନେ ସଖା ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିଛନ୍ତି । ଶ୍ରୀକୃଷ୍ଣ ଆସି ପାଣ୍ଡବମାନଙ୍କୁ ଏକ ଆମ୍ବ ଟାକୁଆ ଦେଇ ମାଟିରେ ପୋତିଦେବା ପାଇଁ କହିଛନ୍ତି । ଆମ୍ବ ଟାକୁଆ ପୋତା ଯାଇଛି । ଗଛ ଉଠିଛି, ମାତ୍ର ଫଳ କାହିଁକି ଆସୁନାହିଁ ? ଏହା ଦେଖି ସମସ୍ତେ ଦୁଃଖରେ ଭାଙ୍ଗିପଡିଛନ୍ତି । ଲୀଳାମୟ ଶ୍ରୀକୃଷ୍ଣ ସମସ୍ତଙ୍କୁ କହିଛନ୍ତି ନିଜ ପାପ ଓ ଦୁର୍ବଳତା ସବୁ ଅକୁଣ୍ଠ ଚିତ୍ତରେ ପ୍ରକାଶ କଲେ ଅର୍ଥାତ୍ ସ୍ୱୀକାରୋକ୍ତିରେ ଥିବା ସତ୍ୟର ଶକ୍ତିରେ ହିଁ ଫଳ ଫଳିବ । ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ ମୁତାବକ ପାଞ୍ଚ ଭାଇ ଜଣ ଜଣ କରି ସମସ୍ତେ ନିଜ ନିଜର ପାପ ଓ ଦୁର୍ବଳତାସବୁ ପ୍ରକାଶ କରିଦେଇଛନ୍ତି । ଶେଷକୁ ରହିଛନ୍ତି ଦୌପଦୀ । ସେ ନିଜର ପଞ୍ଚସ୍ୱାମୀ ଓ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ସ୍ୱୀକାର କରିଅଛନ୍ତି ଯେ, ତାଙ୍କର ପଞ୍ଚସ୍ୱାମୀ ଥିଲେ ମଧ ତାଙ୍କର ବୀର କର୍ଣ୍ଣଙ୍କ ପ୍ରତି କିଛି ଦୁର୍ବଳତା ରହିଛି । ସେମାନଙ୍କ କଥାରେ ଥିବା ସତ୍ୟତା ବଳରେ ବୃକ୍ଷଟିରେ ଆମ୍ବ ଫଳିଛି । ଯାହାର ନାମ ହେଉଛି ସତ୍ୟାମ୍ବ ।

ଏହିପରି ଭାବେ ସାରଳା ମହାଭାରତରେ ଅନେକ ନୀତିଶିକ୍ଷାମୂଳକ ପ୍ରବଚନ ଓ ଲୋକ କାହାଣୀର ସଂଯୋଜନା କରାଯାଇ ଜନପ୍ରିୟ କରାଇବାରେ ସତତ ଉଦ୍ୟମ କରାଯାଇଛି । ସତେ ଯେପରି କଥା ସାଗର ହୋଇଯାଇଛି ସାରଳାଙ୍କ ମହାଭାରତ । ଏଥିରୁ କେତୋଟି ଉପାଦେୟ ପ୍ରସଂଗ ଭିତ୍ତିକ ପ୍ରମାଣ ନିମ୍ନରେ ପ୍ରଦାନ କରାଗଲା ।

## (ଘ) ଉକ୍ତ ନିକ୍ଷେପ:(ପରିତ୍ୟକ୍ତ ପ୍ରସଂଗ)

ବ୍ୟାସଙ୍କ ମହାଭାରତରେ ଏପରି ଅନେକ ବିଷୟ ଅଛି, ଯାହାକି ସାରଳା ଦାସ ତାଙ୍କ ମହାଭାରତରେ ସ୍ଥାନିତ ନ କରି ସଂପୂର୍ଣ୍ଣ ପରିତ୍ୟାଗ କରିଦେଇଛନ୍ତି । ଏହା ତାଙ୍କର ମୌଳିକ ସୃଜନୀ ପ୍ରତିଭାର ପରିଚୟ ଦିଏ ।

(୧) କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଭଗବତ୍ ଗୀତା ଶୁଣାଇଥିଲେ । ବ୍ୟାସଙ୍କ ମହାଭାରତର ଏହା ଏକ ଉପାଦେୟ ଅଂଶ । ସାରଳା ମହାଭାରତରେ ଏହାକୁ ସଂପୂର୍ଣ୍ଣ ପରିହାର କରାଯାଇଛି ।

(୨) ବ୍ୟାସ ମହାଭାରତରେ ପାଣ୍ଡବମାନେ ବନବାସ ସମୟରେ ସୋଭଦୈତ୍ୟ ଓ କିର୍ମୀର ଦୈତ୍ୟଙ୍କୁ ବଧ କରିଥିଲେ । ଏହି ପ୍ରସଂଗଟି ସାରଳା ମହାଭାରତରେ ନାହିଁ ।(ବନ)

(୩) ବ୍ୟାସ ମହାଭାରତରେ ଅଭିମନ୍ୟୁଙ୍କ ମୃତ୍ୟୁ ପରେ ବ୍ୟାସଦେବ ପାଣ୍ଡବମାନଙ୍କୁ ଉପଦେଶ ଓ ସାନ୍ତ୍ୱନା ଦେଇଛନ୍ତି । ଏହା ଦୀର୍ଘ ଷୋଡ଼ଶ ଅଧ୍ୟାୟ । ଏସବୁ ସାରଳା ପରିତ୍ୟାଗ କରିଛନ୍ତି ।

(୪) ବ୍ୟାସଙ୍କ ମହାଭାରତରେ ଅଶ୍ୱତ୍ଥାମା ଦୁର୍ଯ୍ୟୋଧନଙ୍କ ସେନାପତି ହେବାପରେ ପାଣ୍ଡବଙ୍କ ପଞ୍ଚପୁତ୍ରଙ୍କୁ ବଧ କରିଥିଲେ । ଦ୍ରୌପଦୀଙ୍କୁ ସାନ୍ତ୍ୱନା ଦେବାପାଇଁ ଅଶ୍ୱତ୍ଥାମାଙ୍କ ମସ୍ତକରୁ ମଣି ଅଣାଯିବାର ପ୍ରସଂଗ ସାରଳା ଦାସଙ୍କ ମହାଭାରତରେ ନାହିଁ । (ସୌପ୍ତିକ, କାଇଁଶିଳା)

(୫) ବ୍ୟାସଙ୍କ ମହାଭାରତରେ ଦୁର୍ଯ୍ୟୋଧନଙ୍କ ଉରୁଭଂଗ ପ୍ରସଂଗରେ ପ୍ରଦତ୍ତ ସାରସ୍ୱତ ଉପାଖ୍ୟାନ, ଗାନ୍ଧାରୀଙ୍କୁ ଶ୍ରୀକୃଷ୍ଣଙ୍କ ପ୍ରବୋଧନା, ନନ୍ଦିଘୋଷ ରଥରେ ଉପୁଜିଥିବା ଭୟଙ୍କର ଅନଳ ଶ୍ରୀକୃଷ୍ଣ ଉଦରସ୍ଥ କରିବା ପ୍ରଭୃତି ପ୍ରସଂଗ ସାରଳା ଦାସ ପରିତ୍ୟାଗ କରିଛନ୍ତି ।(ଶଲ୍ୟ ପର୍ବ) ।

## (ଙ) ସ୍ୱାଧୀନ ଚେତନାଧର୍ମୀ ଆଖ୍ୟାୟିକାର ଅ ବତାରଣା:

ଆଲୋଚ୍ୟ ମହାଭାରତର କେତେକ ପ୍ରସଂଗକୁ ଅନୁଧ୍ୟାନ କଲେ- ଏହି ସତ୍ୟରେ ପହଞ୍ଚିବାକୁ ହୁଏ ଯେ, କବି ସ୍ୱଗ୍ରନ୍ଥକୁ ସମୟୋପଯୋଗୀ ତଥା ସର୍ବଜନଗ୍ରାହ୍ୟ କରିବା ପାଇଁ ଅନେକଟା ସ୍ୱାଧୀନଚେତା ହୋଇଛନ୍ତି । ଯାହାକି ତାଙ୍କ ମୌଳିକ ପ୍ରତିଭାର ଅନ୍ୟ ଏକ ବଳିଷ୍ଠ ଦିଗକୁ ନିର୍ଦ୍ଦେଶ କରିଥାଏ । ପ୍ରସଙ୍ଗାନୁକ୍ରମେ ଏହିପରି କେତେକ ସ୍ୱାଧୀନ ତଥା ମୌଳିକ ଚେତନାଧର୍ମୀ ପ୍ରସଂଗକୁ ଏଠାରେ ଉପସ୍ଥାପନ କରାଯାଇପାରେ । ଯଥା -

### (୧) ଧୃତରାଷ୍ଟ୍ରଙ୍କ ପୁତ୍ରଲାଭ ପ୍ରସଂଗ:

ବ୍ୟାସଙ୍କ ମହାଭାରତରେ ଧୃତରାଷ୍ଟ୍ରଙ୍କ ପୁତ୍ରଲାଭ ପ୍ରସଂଗର କାହାଣୀଟି ହେଉଛି-

ଏକଦା ବ୍ୟାସଦେବ କ୍ଷୁଧା ଓ ତୃଷାର୍ତ୍ତ ଥିବା ସମୟରେ ଗାନ୍ଧାରୀ ତାଙ୍କୁ ଖାଦ୍ୟ ଓ ପାନୀୟ ଦେଇ ସନ୍ତୁଷ୍ଟ କରାଇଛନ୍ତି । ବ୍ୟାସଦେବ ସନ୍ତୁଷ୍ଟ ହୋଇ ତାଙ୍କୁ ବର ମାଗିବାକୁ କହିଛନ୍ତି ଗାନ୍ଧାରୀ ନିଜ ପତିସମ ଏକ ଶତ ପୁତ୍ର କାମନା କରିଛନ୍ତି । ବ୍ୟାସଦେବ ତଥାସ୍ତୁ କହିଛନ୍ତି । ଗାନ୍ଧାରୀ ଯଥାସମୟରେ ଗର୍ଭ ଧାରଣ କରିଛନ୍ତି । ଏହି ସମୟରେ ସଉତୁଣୀ କୁନ୍ତୀଙ୍କର ତେଜସ୍ୱୀ ପୁତ୍ର ଜନ୍ମ ହେବା ଖବର ପାଇ ସେ ନିଜକୁ ଧିକ୍କାର କରିବା ସହିତ ନିଜ ଗର୍ଭକୁ ପ୍ରବଳ ବେଗରେ ଆଘାତ କରିଛନ୍ତି । ଫଳରେ ଗାନ୍ଧାରୀଙ୍କ ଗର୍ଭରୁ ଏକ କଠିନ ମାଂସପିଣ୍ଡୁଳା ଜାତ ହୋଇଛି । ଅତ୍ୟନ୍ତ ଦୁଃଖରେ ଗାନ୍ଧାରୀ ସେସବୁକୁ ନିକ୍ଷେପ କରିବାକୁ ଉଦ୍ୟତ ହୁଅନ୍ତେ ବ୍ୟାସଦେବ ସେଠାରେ ପହଞ୍ଚି ତାଙ୍କୁ ଏଥିରୁ ନିବୃତ୍ତ କରାଇଛନ୍ତି । ପରେ ବ୍ୟାସଦେବଙ୍କ ପରାମର୍ଶକ୍ରମେ ଏକଶତ ଘୃତ କୁମ୍ଭ ଆଣି ଗୁପ୍ତ ସ୍ଥାନରେ ରଖାହୋଇଛି । ଏହାପରେ ମାଂସ ପିଣ୍ଡଳାକୁ ଶୀତଳ ଜଳରେ ପକାଇବାପରେ ତାହା ବହୁଖଣ୍ଡରେ ପରିଣତ ହୋଇଛି । ଏହି ଏକଶତ ଏକଖଣ୍ଡ ମାଂସପେଶୀକୁ ପୂର୍ବରୁ ରଖାଯାଇଥିବା କୁଣ୍ଡରେ ପକାଯାଇ ପୁଣି ଦୁଇବର୍ଷ ଲାଗି ରଖାଯାଇଛି । ଦୁଇବର୍ଷ ପରେ ସେହି ଘୃତ ପୂର୍ଣ୍ଣ କୁମ୍ଭରୁ ଜନ୍ମ ହୋଇଛନ୍ତି ଦୁର୍ଯ୍ୟୋଧନାଦି କୌରବଗଣ ଓ ଏକମାତ୍ର କନ୍ୟା ଦୁଃଶଳା । ଦୁର୍ଯ୍ୟୋଧନ ଯେଉଁଦିନ ଜନ୍ମ ହୋଇଛନ୍ତି, ସେଦିନ ହିଁ ଭୀମ ଜନ୍ମ ହୋଇଛନ୍ତି ।

ଉପରୋକ୍ତ ପ୍ରସଂଗଟି କିନ୍ତୁ ସାରଳା ମହାଭାରତରେ ଅଧିକ ଯୁକ୍ତିନିଷ୍ଠ ତଥା ମୌଳିକଧର୍ମୀ ଦୃଷ୍ଟିଭଂଗୀସହ ପ୍ରକାଶିତ ହୋଇଛି । ଏହିପରି -

ପୁତ୍ର ପ୍ରାପ୍ତି ନିମନ୍ତେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ବ୍ୟାସଦେବଙ୍କୁ ପ୍ରାର୍ଥନା କରିଛନ୍ତି। ବ୍ୟାସଦେବ ଧ୍ୟାନସ୍ଥ ହୋଇ ଜାଣିପାରୁଥାଆନ୍ତି ଯେ, ଏ ଦମ୍ପତିଙ୍କ ଭାଗ୍ୟରେ ସନ୍ତାନ ଯୋଗ ନାହିଁ । ଏଣେ ପୁତ୍ରବିନା ବଂଶରକ୍ଷା ଅସମ୍ଭବ । ଏହାର ପ୍ରତିକାର ସ୍ୱରୂପ ବ୍ୟାସଦେବଙ୍କ ନିର୍ଦ୍ଦେଶାନୁସାରେ ଏକ ମହାଯଜ୍ଞର ଆୟୋଜନ କରାଯାଇଛି । ଯଜ୍ଞରେ ପାଞ୍ଚଦିନ ଧରି ଆହୂତି ଦେବାପରେ ଅଗ୍ନିଦେବ ସନ୍ତୁଷ୍ଟ ହୋଇଛନ୍ତି । ବ୍ୟାସଦେବ ଏକ ସୁବର୍ଣ୍ଣ ପାତ୍ରରେ ଘୃତ ଓ ତଣ୍ଡୁଳ ରଖି ଅଗ୍ନିରେ ସିଦ୍ଧକ୍ରିୟା ପାଇଁ ବସାଇଛନ୍ତି ପରେ ଦେଖାଯାଇଛି ପାତ୍ରରେ ଗଣି ଗଣିକି ଏକଶହ ଗୋଟି ତଣ୍ଡୁଳ ଅନ୍ନରେ ପରିଣତ ହୋଇଯାଇଛି । ଏଣେ ଗାନ୍ଧାରୀ ସ୍ନାନ କରି ସାରି ଶୁଦ୍ଧଶୁଚି ଭାବରେ ସେଠାରେ ପହଞ୍ଚିଛନ୍ତି । ବ୍ୟାସଦେବ ସ୍ୱର୍ଣ୍ଣପାତ୍ରରୁ ଶହେଗୋଟି ଚରୁଅନ୍ନ ତାଙ୍କୁ ଖାଇବାକୁ ଦେଇଛନ୍ତି

ଚରୁଅନ୍ନ ବଳରେ ଗାନ୍ଧାରୀ ଗର୍ଭଧାରଣ କରିଛନ୍ତି। ଏଣେ ଏକକାଳୀନ ଶତପୁତ୍ର ଗର୍ଭ ଧାରଣ ତାଙ୍କ ପକ୍ଷରେ ଦୁଃସହ ହୋଇପଡ଼ିଛି। ପରେ ବୈଶାଖ ମାସର ଏକ ଗ୍ରୀଷ୍ମ ମଧ୍ୟାହ୍ନରେ ଗାନ୍ଧାରୀ ରଥ ଆରୋହ କରି ଗଙ୍ଗାକୁ ସ୍ନାନ କରିବାକୁ ଯାଇଛନ୍ତି। ଏଣେ ଗର୍ଭବେଦନା ଅସହ୍ୟ- ବହୁ କଷ୍ଟରେ ସେ ରଥରୁ ଓହ୍ଲାଇ ବାଧହୋଇ ଯଜ୍ଞ ତରୁ ଉଦ୍‌ଗାରୀ ପକାଇଛନ୍ତି ଚେତନା ଶୂନ୍ୟ ହୋଇପଡ଼ିଛନ୍ତି ଗାନ୍ଧାରୀ । ଏଣେ ଯଜ୍ଞତରୁ ଗଙ୍ଗାଜଳରେ ପଡ଼ି ସୁବର୍ଣ୍ଣ ଭଳି ଉଜ୍ଜଳି ଉଠିଛି । ଏହି ସମୟରେ ବ୍ୟାସଦେବ ସେଠାରେ ପହଞ୍ଚି ଗାନ୍ଧାରୀଙ୍କୁ ସଚେତ କରାଇଛନ୍ତି । ପୁତ୍ରଲାଭ ବଂଚିତା ହୋଇଥିବାରୁ ଗାନ୍ଧାରୀ ବିଚଳିତ ଏହା ଦେଖି ଏଣେ ତେଣେ ବିକ୍ଷିପ୍ତହୋଇପଡ଼ିଥିବା ଚରୁଅନ୍ନକୁ ଏକାଠି କରି ବ୍ୟାସ ମନ୍ତ୍ରବଳରେ ଜୀବନ୍ୟାସ ଦେଇଛନ୍ତି ଫଳରେ ଏକଶତ ପୁତ୍ରର ଉତ୍ପତ୍ତି ହୋଇଛି । ଗାନ୍ଧାରୀ ମହାଆନନ୍ଦରେ ନବଜାତ ଶିଶୁମାନଙ୍କୁ ଧରି ରାଜନଗରକୁ ଫେରିଛନ୍ତି ଧୃତରାଷ୍ଟ୍ରଙ୍କ ଆନନ୍ଦ କହିଲେ ନସରେ। ସେ ପୁତ୍ରମାନଙ୍କୁ କୋଳରେ ଧରି ନିଜ ପିତୃତ୍ୱର ତୃପ୍ତି ଅନୁଭବ କରିଛନ୍ତି ।

ଆଲୋଚ୍ୟ ଉପାଖ୍ୟାନଟି ମଧ୍ୟରେ କବିଙ୍କ ପୌରାଣିକ ଚେତନା ଯେପରି ସ୍ପଷ୍ଟ, ବାସ୍ତବତା ସେତିକି ପ୍ରକଟ । ଯାହାକି ସାଧାରଣ ଲୋକ ସମାଜରେ ଏକ ଦୃଢ଼ ପ୍ରତ୍ୟୟବୋଧ ଆଣିବା ଦିଗରେ ସହାୟକ ହୋଇଛି ।

**(୨) ଶତ ପୁତ୍ରଙ୍କ ନାମକରଣ ପ୍ରସଂଗ:**

ଧୃତରାଷ୍ଟ୍ରଙ୍କ ଶତପୁତ୍ରଙ୍କ ନାମକରଣରେ ସାରଳା ଦାସ ଅପୂର୍ବ ମୌଳିକତାର ସ୍ୱାକ୍ଷର ଛାଡ଼ିଯାଇଛନ୍ତି । ଏମାନେ ସବୁଏବେ ପାଣ୍ଡବମାନଙ୍କୁ ଅନ୍ୟାୟ ଭାବେ ରାଜ୍ୟଚ୍ୟୁତ କରି ସେମାନଙ୍କ ବିରୁଦ୍ଧରେ ଯୁଦ୍ଧଦେହି ଡାକରା ଦେଇଥିଲେ । ଏଥିରୁ ସେମାନେ ଯେ ମନ୍ଦ ପ୍ରକୃତିର ଏବଂ ଖଳ-ବୁଦ୍ଧି ସଂପନ୍ନ ଥିଲେ ବୋଲି ପ୍ରମାଣିତ ହୁଏ । ଏମାନଙ୍କ ନାମ ଶୁଣିଲେ ମନେହୁଏ ଏମାନେ ଦୁଷ୍ଟ ପ୍ରକୃତିର ବୋଲି ଜଣାଯିବା ପାଇଁ ସାରଳାଦାସ ଏମାନଙ୍କ ନାମର ପ୍ରଥମ ଅକ୍ଷର 'ଦୁଃ' ରଖିଛନ୍ତି । ଯଥା- ଦୁର୍ଯ୍ୟୋଧନ, ଦୁଃଶାସନ, ଦୁର୍ଦମ, ଦୁଃଶୀଳ ଇତ୍ୟାଦି ।

**(୩) ପଦଗୁଡ଼ିକର ବ୍ୟୁତ୍ପତ୍ତିକ୍ରମ:**

ବ୍ୟାସଙ୍କ ମହାଭାରତରେ ବର୍ଣ୍ଣିତ ଘଟଣା ପ୍ରବାହ ମଧ୍ୟରେ କେତେକ ପ୍ରସିଦ୍ଧ ପୁରୁଷ, ନଦୀ, ନଗର ଓ ସ୍ଥାନ ଇତ୍ୟାଦିର ନାମର ବ୍ୟୁତ୍ପତ୍ତି ଦର୍ଶାଯାଇଛି । ସେହିପରି ସାରଳା ଦାସ ମହାଭାରତରେ ପ୍ରସଂଗ କ୍ରମେ ଅନେକ ଗୁଡ଼ିଏ ପ୍ରସିଦ୍ଧିଲାଭ କରିଥିବା କ୍ଷେତ୍ରଗୁଡ଼ିକର ନାମକରଣର ବ୍ୟୁତ୍ପତ୍ତିକ୍ରମକୁ ଦେଖାଇଛନ୍ତି । ତାଙ୍କ ପ୍ରଦତ୍ତ ନାମକରଣର ବ୍ୟୁତ୍ପତ୍ତିଗୁଡ଼ିକୁ ଦେଖିଲେ ଜଣାଯାଏ ଯେ -

(୧) ସେଥିମଧ୍ୟରୁ କେତେକ ବ୍ୟାସ ମହାଭାରତରେ ପ୍ରଦତ୍ତ ବ୍ୟୁତ୍ପତ୍ତିର ଅନୁରୂପ ।

(୨) କେତେକ ବ୍ୟାସ ମହାଭାରତର ବ୍ୟୁତ୍ପତ୍ତି କ୍ରମଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ।

(୩) କେତେକ ତାଙ୍କର ସଂପୂର୍ଣ୍ଣ ନିଜସ୍ୱ କଳ୍ପନାପ୍ରସୂତ ।

(୪) ପୁଣି କେତେକ ପଦର ବ୍ୟୁତ୍ପତ୍ତିକ୍ରମ ବିଭିନ୍ନ ପୁରାଣ ଓ ଗ୍ରନ୍ଥରୁ ଗୃହୀତ ହୋଇ ପ୍ରସଂଗାନୁଯାୟୀ ଭିନ୍ନ ରୂପ ଗ୍ରହଣ କରିଛି । ନିମ୍ନରେ ସେଥିମଧ୍ୟରୁ କେତୋଟି ଉଦାହରଣ ଛଳରେ ପ୍ରଦାନ କରାଯାଇପାରେ। ଯଥା:-

**(କ) ଅନୁରୂପ ବ୍ୟୁତ୍ପତ୍ତିକ୍ରମ:**

**(୧) ମହାଭାରତ:**

ସାରଳା ଦାସ ମହାଭାରତର ଆଦିପର୍ବରେ 'ମହାଭାରତ' ନାମକରଣ ପଦର ବ୍ୟୁତ୍ପତ୍ତି ନିରୂପଣ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଏହିପରି-

ଦେବକୂଳ ଏ ଗ୍ରନ୍ଥର ମର୍ଯ୍ୟାଦା ଜାଣିବା ପାଇଁ ତୁଳାଦ ଣ୍ଡର ଏକ ପାର୍ଶ୍ୱରେ ଜଗତର ସମସ୍ତ ପୁରାଣ ଓ ବେଦାଦି ଶାସ୍ତ୍ର ଏବଂ ଅପର ପାର୍ଶ୍ୱରେ ମହାଭାରତ ଗ୍ରନ୍ଥକୁ ରଖିଲେ । ଏହି ଗ୍ରନ୍ଥ ଭାର ଅଧିକ ହେବାରୁ ତାହାର ନାମ 'ମହାଭାରତ' ରଖାଗଲା । ବ୍ୟାସଙ୍କ ମହାଭାରତରେ ଅନୁରୂପ ବ୍ୟୁତ୍ପତ୍ତି ରହିଛି ।

**(୨) ଭାରତଖଣ୍ଡ:-**

''ଦୁଷ୍ମନ୍ତର ଭରତ ନାମେ ପୁତ୍ର ଜନ୍ମିଲେ
ତେଣୁ କରି ଭ୍ରତଖଣ୍ଡ ମେଦିନୀର ନାମ ହେଲା (ଆଦିପର୍ବ)

**(୩) ଖାଣ୍ଡବ:**

ଖଣ୍ଡନ କରିଣ ଯେଣୁ ଲଗାଇଲେ ବୃକ୍ଷ
ଖାଣ୍ଡବ ବନ ନାମ ଦେଲେଟି ପ୍ରତ୍ୟକ୍ଷ (ମ: ପର୍ବ)

**(୪) ନାରାୟଣ:**

ନରର ଆଶ୍ରୟ ବୋଲି ନାମ ନାରାୟଣ । (ବିରାଟ ପର୍ବ)

**(୫) ନୀଳକଣ୍ଠ:**

ତୈଲୋକ୍ୟ ଉଦ୍ଧାରଣେ ଯାର ଗଣ୍ଡୁଷ କାଳକୂଟ
ତେଣୁ ବୋଲାଇଲୁ ତୁ ନାମ ନୀଳକଣ୍ଠ (ଅରଣ୍ୟ ପର୍ବ)

**(ଖ) ସୁସଂଗତ ବ୍ୟୁତ୍ପତ୍ତି କ୍ରମ:**

**(୧) ଓଡିଶା:**

ଆଦିପର୍ବରେ କବି ସୋମବଂଶର କ୍ରମୋତ୍ପତ୍ତି ବିବରଣି ଦେବାକୁ ଯାଇ ଲେଖିଛନ୍ତି ଯେ, ସୋମବଂଶ ଜାତ ପୁରୁ ନାମକ ନୃପତିଙ୍କ ପତ୍ନୀ, ଓଡଣୀ (ଓଡ଼ ଦେଶର କନ୍ୟା) ଥିବାରୁ ଓଡିଶାର ନାମ ''ଓଡ୍ରରାଷ୍ଟ୍ର' ହୋଇଛି । (ଆଦିପର୍ବ)

**(୨) କୋଣାର୍କ:**

'କୋଣ' ଓ 'ଅର୍କ'- ଏହି ଦ୍ୱୟ ଶବ୍ଦ ସାହାଯ୍ୟରେ ଐତିହାସିକ ପ୍ରଥାନୁସାରେ ସାରଳା ଦାସ 'କୋଣାର୍କ' ଶବ୍ଦର ବ୍ୟୁତ୍ପତ୍ତି ସ୍ଥିର କରିଛନ୍ତି । ଏହା ଖୁବ୍ ସଂଗତପରି ବୋଧ ହୁଏ । କାରଣ ସୂର୍ଯ୍ୟଦେବ ଚନ୍ଦ୍ରଭାଗା ନଦୀର ଏକ କୋଣରେ ଅର୍କଦୈତ୍ୟକୁ ନିହତ କରିଥିବାରୁ ଏହି ସ୍ଥାନର ନାମ 'କୋଣାର୍କ' ହେଲାବୋଲି ସିଦ୍ଧାନ୍ତ ନେଇଛନ୍ତି । (ବନ ପର୍ବ)

**(ଗ) ନାମକରଣର କଳ୍ପିତ ବ୍ୟୁତ୍ପତ୍ତିକ୍ରମ:**

**(୧) ପରୀକ୍ଷ (ପରୀକ୍ଷିତ):**

''ମୃତ୍ୟୁ ପିଣ୍ଡ ଜୀଆଇଁ ସୋମବଂଶ ରକ୍ଷା କଲେ
ପରୀକ୍ଷାରେ ତାରିଣ ପରୀକ୍ଷ ନାମ ଦେଲେ । (କାଇଁ ଶିବ ପର୍ବ)

**(୨) କର୍ଣ୍ଣ:**

''କର୍ଣ୍ଣବାଟେ ସେ ପୁତ୍ର ହୋଇଲେ ମୋର ଜାତ
କର୍ଣ୍ଣ ନାମ ଦେଲେ ତାର ଦେବ ଯେ ଆଦିତ୍ୟ ।''

(ଆ.ପ)

କିନ୍ତୁ ସଂସ୍କୃତ ମହାଭାରତରେ ଅଛି- କର୍ଣ୍ଣ ତାଙ୍କର କାନରେ ଥିବା ସହଜ କୁଣ୍ଡଳକୁ ଇନ୍ଦ୍ରଙ୍କୁ ଦାନ କରିଦେଇଥିବାରୁ ତାଙ୍କର ନାମ କର୍ଣ୍ଣ ହେଲା ।

**(୩) ପାଣ୍ଡବ:**

ପାଣ୍ଡବାସୁତକୁ ଯହୁଁ ପାଣ୍ଡବେ ବଥିଲେ
ତେଣୁ ସେ ପାଣ୍ଡବ ନାମ ପାଞ୍ଚହେଁ କହିଲେ ।

(ଆ:ପ)

ସଂସ୍କୃତ ମହାଭାରତରେ ପାଣ୍ଡୁଙ୍କ ପୁତ୍ର ହିଁ ପାଣ୍ଡବ ।

**(୪) ଯୁଧିଷ୍ଠିର:**

''ମହା ବିଷ୍ଣୁଚକ୍ର ଅବୀଯଣେ ଜ୍ଞାନ ଧର୍ମ
ଏ ନ୍ୟାୟୁ ଦେଲେ ଯୁଧିଷ୍ଠିର ନାମ ।'' (ଆ:ପ)

ସଂସ୍କୃତରେ -ଯୁଦ୍ଧରେ ସ୍ଥିର ଥିବାରୁ ଯୁଧିଷ୍ଠିର ।

**(୫) ନକୁଳ:**

ବନ ନଦୀକୂଳରେ କୁମାର ଉପୁଜିଲା
ତେଣୁ କରି ମହାତ୍ମା ନକୁଳ ନାମ ଦେଲା ।''

(ଆ:ପ)

ଏତଦ୍‌ବ୍ୟତୀତ ସାରଳା ଦାସ ଆଉ କେତେକ ପୁରାଣ ପ୍ରସିଦ୍ଧ ନାମର ବ୍ୟୁତ୍ପତ୍ତିକ୍ରମ ମଧ୍ୟ ଦର୍ଶାଇଛନ୍ତି । ଯଥା-ଗଙ୍ଗା, ଜମ୍ମଭେଦୀ, କାମ୍ୟବନ, ଚନ୍ଦ୍ରାବତୀ, ବିରାଟ, ବୈତରଣୀ, ଭୂଷଣ୍ଡ, ଧୃଷ୍ଟଦ୍ୟୁମ୍ନ, ଶ୍ୱେତବାହନ, ପାର୍ଥ, ସବ୍ୟସାଚୀ ଇତ୍ୟାଦି ଏ ସଂପର୍କରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ଅଭିମତ ହେଉଛି - '' କବି ମୂଳଗ୍ରନ୍ଥ ଓ ତଦିତର ଗ୍ରନ୍ଥମାନଙ୍କର ଶ୍ରବଣରୁ ଯାହା ଯାହା ହୃଦୟଙ୍ଗମ ପୂର୍ବକ ସ୍ମୃତିଗର୍ଭରେ ସଯତ୍ନ ରଖିପାରିଥିଲେ ଅଥଚ ନିଜ ବୁଦ୍ଧି ବଳରେ ସୁସଂପନ୍ନ କରି ପାରିଥିଲେ ସେସବୁ ସଂଗତ ରୂପେ ପ୍ରଦର୍ଶନ କରିଛନ୍ତି । ଯାହା ଯାହା ସ୍ମୃତିକୋଷରୁ ବିଚ୍ୟୁତ କିମ୍ୱା ବୁଦ୍ଧି ସମକ୍ଷରୁ ଅନ୍ତର୍ହିତ ହୋଇଯାଇଥିଲା ସେସବୁ କାଳ୍ପନିକ ଜାଲରେ ପଡିବାରୁ ସ୍ଥାନେ ସ୍ଥାନେ ଅସଂଗତ ହୋଇଯାଇଛି ।

**(୪) ଚରିତ୍ର ଚିତ୍ରଣ:**

ସାରଳା ଦାସଙ୍କ କାବ୍ୟକୃତି ହେଉଛି ଚରିତ୍ରମାନଙ୍କର ବର୍ଣ୍ଣାଢ୍ୟ ଚିତ୍ରଶାଳା। ତାଙ୍କ ଲେଖନୀରେ ରୂପାୟିତ ହୋଇଥିବା ଚରିତ୍ରଗୁଡିକ ବ୍ୟାସଦେବଙ୍କ ମହାଭାରତର ଚରିତ୍ରମାନଙ୍କ ପରି ଦୈବଶକ୍ତିସଂପନ୍ନ ତଥା ଆଭିଜାତ୍ୟ ବର୍ଗୀୟ ଚରିତ୍ର ନୁହଁନ୍ତି ଏଥିରେ ବର୍ଣ୍ଣିତ ଚରିତ୍ରମାନେ ଖାଣ୍ଟି ଓଡିଆ ପରି ମନେ ହୁଅନ୍ତି। ଦେବଦେବୀ ଚରିତ୍ରମାନଙ୍କଠାରୁ ଅଭିଜାତ ଚରିତ୍ରଗଣ ସାଧାରଣ ପଲ୍ଲୀବାସୀ ଭଳି ସରଳ । ତାଙ୍କ ଚରିତ୍ରମାନଙ୍କ ଲୀଳାଖେଳା ସାଧାରଣ 'ମନୁଷ୍ୟର ସଂସାରରେ' । ଏ ଚରିତ୍ରମାନଙ୍କ ବିଷୟ ପଢିଲାବେଳେ ସେମାନଙ୍କର ସୁଖ ଦୁଃଖରେ ନିଜର ମନ ତନ୍ମୟ ହୋଇଯାଏ । ମନେହୁଏ, ସତେ ଯେପରି ସେମାନଙ୍କ ଭିତରେ ମିଳିମିଶି ଆମେ ଚଳୁଛୁ । ଏସବୁ ଭିତରେ ଉତ୍କଳୀୟ ପରଂପରା, ସଂସ୍କୃତି, ରୀତି-ନୀତି, ଆଚାର-ବ୍ୟବହାର ସହିତ ଓଡ଼ିଆ ଘରର ଖାଦ୍ୟ ସହିତ ସାରଳା ଦାସ ଉତ୍ତମ ରୂପେ ପରିଚିତ କରାଇଦେଇଛନ୍ତି । ଯାହାକି ତାଙ୍କର ଜାତୀୟପ୍ରୀତି ତଥା ନବ ଉନ୍ମେଷଶାଳିନୀ ପ୍ରତିଭାର ସାକ୍ଷ୍ୟତାକୁ ପ୍ରମାଣିତ କରିଥାଏ । ଓଡିଆ ଜାତି ତାଙ୍କ ମହାଭାରତକୁ ନିଜର ଅମୂଲ୍ୟ ସଂପଦ ଭାବେ ଗ୍ରହଣ କରିଥାଏ ନିମ୍ନରେ ପ୍ରାମାଣିକତା ପ୍ରତିପାଦନ କରିବା ପାଇଁ ସଂକ୍ଷେପରେ କେତୋଟି ଚରିତ୍ରର ରୂପାୟନ ପ୍ରଦାନ କରାଗଲା-

**ପୁରୁଷ ଚରିତ୍ର:**

**(୧) ଶ୍ରୀକୃଷ୍ଣ:**

(କ) ସାରଳା ମହାଭାରତରେ ଶ୍ରୀକୃଷ୍ଣ ହିଁ ନୀଳାଚଳ ଜଗନ୍ନାଥ ।

(ଖ) ଏଥିରେ କୃଷ୍ଣ ଐଶୀ ଶକ୍ତି ସଂପନ୍ନ ହେଲେ ମଧ୍ୟ ଆଚରଣରେ ଜଣେ ସାଧାରଣ ମଣିଷ ।

(ଗ) ଏଥିରେ କୃଷ୍ଣ ଜଣେ ପରମ ହିତୈଷୀ ବନ୍ଧୁ ଭୂମିକାରେ ଅବତୀର୍ଣ୍ଣ । ବନ୍ଧୁର ସୁଖଦୁଃଖ, ଭଲ ମନ୍ଦ ସୁଦିନ-ଦୁର୍ଦିନ ଏପରିକି ସମସ୍ତ ପୂଜା, ଯଜ୍ଞାଦି କର୍ମ କ୍ଷେତ୍ରରେ ସେ ଅଭିଭାବକ ଭାବେ ଅବତୀର୍ଣ୍ଣ । ପାର୍ଥ ରଥରେ ସାରଥିର ଭୂମିକା ନିର୍ବାହରେ ତାଙ୍କର ବନ୍ଧୁ ବତ୍ସଳତା ଓ ଭକ୍ତବତ୍ସଳତାର ପ୍ରମାଣ ସ୍ପଷ୍ଟ ।

(ଘ) ମହାଭାରତ ଯୁଦ୍ଧର ସମସ୍ତ କାରଣ ଭିତରେ କାରଣ ହେଉଛନ୍ତି କୃଷ୍ଣ । ସେ ଜଣେ କପଟୀ ଓ କୁଚକ୍ରୀ । କୁରକୁଳ ନାଶ ନିମନ୍ତେ ସେ ଅନେକ ଅସତ୍ ଉପାୟର ମନ୍ତ୍ରଦାତା । କେବଳ ସେତିକି ନୁହେଁ ଦ୍ୱାରକାରେ କୋକୁଆ ଭୟ ସୃଷ୍ଟି କରି ନିଜ ବଂଶର ମାରକ ସାଜିଛନ୍ତି କୃଷ୍ଣ - ସାରଳା ମହାଭାରତରେ ।

(ଙ) ନିଜ ସ୍ୱାର୍ଥ ପାଇଁ ଯେକୌଣସି ପ୍ରକାରର ହୀନ କାର୍ଯ୍ୟ କରିବା ନିମନ୍ତେ ସେ କୁଣ୍ଠିତ ନୁହଁନ୍ତି । ଏପରିକି ନିଜର ଆତ୍ମସମ୍ମାନ ପ୍ରତି ଆଞ୍ଚ ଆଣିବାଭଳି କାର୍ଯ୍ୟ ବା ଯେକୌଣସି ଅପମାନକୁ ସେ ଭ୍ରୁକ୍ଷେପ କରି ନାହାନ୍ତି । ଜରାସନ୍ଧ ବଧ ପ୍ରସଂଗରେ ଗଧର ପାଦ ଛୁଇଁବା ପ୍ରସଂଗ ତା'ର ଏକ ବଳିଷ୍ଠ ନମୁନା ।

(ଚ) ସାରଳା ଦାସଙ୍କ ଶ୍ରୀକୃଷ୍ଣ ଜଣେ ଉତ୍କଳୀୟ ରୂପେ ପରିଚିତ ହୁଅନ୍ତି । ସେ ପଣିକିଆ କଡାଗଣ୍ଡା ଆଦି ଓଡିଆ ପାଠ ପଢିଛନ୍ତି । ସେ ଓଡିଶୀ ବୈଷ୍ଣବଧର୍ମର ଯୋଗସାଧନ ବିଦ୍ୟାକୁ ଅନାୟାସରେ ଆୟତ୍ତକରି ବ୍ରହ୍ମଜ୍ଞାନୀର ଗୌରବ ଲାଭ କରିଛନ୍ତି ।

(ଛ) ମହାଭାରତର ଉଦ୍‌ଯୋଗ ପର୍ବରେ ସାରଳା ଦାସ ଶ୍ରୀକୃଷ୍ଣଙ୍କୁ ଜଣେ କାମୁକ ଓ ନଷ୍ଟ ଚରିତ୍ର ରୂପେ ଚିତ୍ରଣ କରିଛନ୍ତି । ଜଣେ ସାଧାରଣ କାମୁକ ବ୍ୟକ୍ତି ପରି ସେ ରାଧାଙ୍କୁ ପାଇବା ନିମନ୍ତେ ରୁଦ୍ଧ ଦ୍ୱାରରେ ନିଜର ମସ୍ତକ ପିଟି ରକ୍ତାକ୍ତ ହୋଇଛନ୍ତି । ସାରଳା ଏଥିପାଇଁ ତାଙ୍କୁ ଜାରା ଶବର ହାତରେ ନିହତ ହେବା ଏବଂ ତାଙ୍କର ପାପପିଣ୍ଡକୁ ଅଧାପୋଡ଼ା ରହିବା ଭଳି ଦଣ୍ଡବିଧାନ କରିଛନ୍ତି ।

**(୨) ଯୁଧିଷ୍ଠିର:**

(କ) ବ୍ୟାସଦେବ ଯୁଧିଷ୍ଠିର ଚରିତ୍ରକୁ ଜଣେ ଆଦର୍ଶବନ୍ତ ନ୍ୟାୟଧର୍ମପାଳକ ଚରିତ୍ର ଭାବେ ବର୍ଣ୍ଣନା କଲାବେଳେ ସାରଳା ଦାସ ଉକ୍ତ ଚରିତ୍ରକୁ ବାସ୍ତବତାର ସୀମାରେଖା ମଧ୍ୟରେ ରଖି ଜଣେ ଆଦର୍ଶ ନାୟକ ରୂପେ ଚିତ୍ରଣ କରିଛନ୍ତି ।

(ଖ) ସାମାନ୍ୟ ଭୁଲ୍ ନିଷ୍ପତ୍ତି ଅନୁଯାୟୀ ଯୁଧିଷ୍ଠିର ସମେତ ପାଞ୍ଚ ଭାଇ ରାଜ୍ୟ ହରାଇଛନ୍ତି, ନିଜ ପତ୍ନୀ ମଧ୍ୟ ନିର୍ଯ୍ୟାତିତ ହୋଇଛନ୍ତି ରାଜସଭାରେ । ଏସବୁ ଜାଣି ମଧ୍ୟ ସ୍ଥିର । ତାଙ୍କ ମନରେ କୌଣସି ହିଂସାତ୍ମକ ବିଦ୍ୱେଷଭାବ ନାହିଁ । ବନ ପର୍ବରେ ଚିତ୍ରସେନ ଗନ୍ଧର୍ବ ଦ୍ୱାରା ରଥରେ ବନ୍ଧା ହୋଇଥିବା ଦୁର୍ଯ୍ୟୋଧନର ଦୁରବସ୍ଥା ଦେଖି ତାଙ୍କୁ ରକ୍ଷା କରିବା ପାଇଁ ସେ ଅର୍ଜ୍ଜୁନଙ୍କୁ ଆଦେଶ ଦେଇଛନ୍ତି । ଏଥିରୁ ତାଙ୍କ ବ୍ୟକ୍ତିତ୍ୱର ଦୀପ୍ତି ଅଧିକ ବିକଶିତ ହୋଇଛି ।

(ଗ) ସେ ଜଣେ ଆଦର୍ଶ ପତି ଭାବେ ଦ୍ରୌପଦୀଙ୍କ ପ୍ରତି ସମୁଚିତ ବ୍ୟବହାର ଦେଖାଇଛନ୍ତି । ତାଙ୍କର ଆଦର୍ଶ ବ୍ୟକ୍ତିତ୍ୱ ଓ ବଳିଷ୍ଠ ଚରିତ୍ରବତ୍ତାକୁ ନେଇ ଦ୍ରୌପଦୀ ବେଶ୍ ଗର୍ବିତା ଅନୁଭବ କରିଛନ୍ତି ।

(ଘ) ସାରଳାଙ୍କ ଯୁଧିଷ୍ଠିର ଜଣେ ଗ୍ରାମୀଣ ବୈଷ୍ଣବ ପରି ମନେ ହୁଅନ୍ତି । ଅନ୍ୟ ଭାଇମାନେ ଆମିଷ ଭକ୍ଷଣ କରୁଥିଲେ ମଧ୍ୟ ସେ ନିରାମିଷାଶୀ ।

(ଙ) ଯୁଧିଷ୍ଠିର ଦୟାର ଅବତାର । ସ୍ୱର୍ଗାରୋହଣ ନିମିତ୍ତ ଅନ୍ୟ ପାଣ୍ଡବ ଭ୍ରାତାଙ୍କ ସହିତ ଯାତ୍ରାରମ୍ଭ କରୁଥିବା ସମୟରେ ସେ ଯାଜପୁର ହରିସାହୁଙ୍କ କନ୍ୟା ସୁହାଣୀକୁ ସର୍ବସମ୍ମତି କ୍ରମେ ବିବାହ କରିଛନ୍ତି ।

**(୩) ଭୀମା:**

(କ) ମହାଭାରତର ଭୀମ ଚରିତ୍ର ଓଡିଶା ଗାଁ ଗହଳିରେ ଏକ ବପୁବନ୍ତ ଗୁଣ୍ଡାର ଚରିତ୍ର- ଆହାର ବିହାର ଓ ମୈଥୁନରେ ସେ ଏକ ମନୁଷ୍ୟ ରୂପୀ ରାକ୍ଷସ ।୫୩।

(ଖ) ସାରଳାଙ୍କ ଭୀମ ଚରିତ୍ର ହୁଣ୍ଡା, ଗୁଣ୍ଡା ଓ ହୁରୁମା ।

(ଗ) ଭୀମା ଅନ୍ନଲୋଭୀ ଉଦରମ୍ଭରୀ । ଷାଠିଏ ପଉଟି ଅନ୍ନରେ ସୁଦ୍ଧା ତା'ର କ୍ଷୁଧା ପ୍ରଶମିତ ହୁଏ ନାହିଁ । ସବୁବେଳେ ଭୋଜନ ପାଇଁ ତା'ର ଚିନ୍ତା । ଭୋଜନରେ କିନ୍ତୁ ତା'ର ଆରୋଚକୀ ପ୍ରବୃତ୍ତି ନାହିଁ- ସର୍ବଗ୍ରାସୀ ''ଭାତରୁ ଗୁଣ୍ଡାଏ ସେହୁ ପେଜ ସୁଡୁକାଏ'' ହିଁ ହେଲେ ହେଲା । ଏକାନ୍ତ ଭାବରେ ଏ ମାଟିର କୃଷକ ସନ୍ତାନ ଭୀମା ।

(ଘ) ଏହି ଚରିତ୍ରଠାରେ ଯୁଧିଷ୍ଠିରଙ୍କ ପରି ତାତ୍ତ୍ୱିକ ଶୀତଳତା ନାହିଁ, କିମ୍ବା ବିଚାରବନ୍ତ ପ୍ରଜ୍ଞା ନାହିଁ, ଅର୍ଜ୍ଜୁନଙ୍କ ଅଭିମାନ ସହିତ ରସିକ ଜନୋଚିତ ବୈଦଗ୍ଧତା ମଧ୍ୟ ନାହିଁ ।

(ଙ) ବାସ୍ତବରେ ଏହି ଚରିତ୍ର କର୍ମଯୋଗୀ । ଧର୍ମ, ପୂଜା, ଆଚାରରେ ତାହାର ଟିକିଏ ହେଲେ ବିଶ୍ୱାସ ନାହିଁ, ଉଦାହରଣ ସ୍ୱରୂପ ଗଣ୍ଡକୀ ନଦୀ କୂଳରେ ପାଣ୍ଡବମାନେ ଥିବାବେଳେ-ସେ ଶାଳଗ୍ରାମଙ୍କୁ ନିଜ ପାଦରେ ଗଡ଼ାଇ ନାଚୁଥିବାର ଦୃଶ୍ୟ ରହିଛି । ଯେତେବେଳେ ଶ୍ରୀକୃଷ୍ଣ ଏହା ପାପ କାର୍ଯ୍ୟ ବୋଲି ତାଙ୍କୁ ବୁଝାଉଛନ୍ତି- ସଂଗେ ସଂଗେ ସେ ଉତ୍ତର ଦେଉଛି-

''ପାଦରେ ଘଷିଲେ ଯାଙ୍କୁ ଛାଡ଼ିଯାଏ ମଳି ।'' (ବନପର୍ବ)

ବାସ୍ତବରେ ସାରଳା ମହାଭାରତରେ ଭୀମ ଗୋଟିଏ ଟାଇପ (type) ଚରିତ୍ର ।

**(୪) ଅର୍ଜ୍ଜୁନ:**

(କ) ସାରଳା ମହାଭାରତରେ ଅର୍ଜ୍ଜୁନ ହେଉଛନ୍ତି ଏକାଧାରରେ ବୀର, ପ୍ରେମିକ, ଭକ୍ତ, ଗୁରୁ, ଦେବ ଓ ମାନବ ।

(ଖ) ସାରଳା ମହାଭାରତରେ ଅର୍ଜ୍ଜୁନ ଜଣେ ସଂଯମୀ, ଯୋଗୀ ଚରିତ୍ର ଏଥିପାଇଁ କାମାତୁରା ଉର୍ବଶୀ ତାଙ୍କୁ ନପୁଂସକ ବୋଲି ବିବେଚନା କରିଛି । କାମାତୁରା ସୁଭଦ୍ରା ମଧ୍ୟ ନିଜର ଦୈହିକ କାମନାର ପୂରଣ ନିମିତ୍ତ ତାଙ୍କ ସହିତ ମିଳିତ ହେବା ପାଇଁ ବାରମ୍ବାର ଯେତେ ଚେଷ୍ଟା କଲେ ମଧ୍ୟ ବିଫଳ ହୋଇଛି । ଏଥିରୁ ସଂଯମୀ ଚରିତ୍ରଭାବେ ଅର୍ଜ୍ଜୁନଙ୍କ ସ୍ଥିତି ବେଶ୍ ସ୍ପଷ୍ଟ ।

(ଗ) ଅର୍ଜ୍ଜୁନଙ୍କର ସଖା ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଅସୀମ । ମଧ୍ୟ ପର୍ବରେ ଶ୍ରୀକୃଷ୍ଣଙ୍କ ନବଗୁଞ୍ଜର ରୂପର ରହସ୍ୟ ଭେଦ କରିଛନ୍ତି ଅର୍ଜ୍ଜୁନ । ଏଥିରୁ ଅର୍ଜ୍ଜୁନଙ୍କର ଭକ୍ତିମଭାର ରୂପ ପ୍ରକଟିତ ହୋଇଛି ।

(ଘ) ବନପର୍ବରେ ଚିତ୍ରସେନ ଗନ୍ଧର୍ବ ସହ ଯୁଦ୍ଧରେ ଦୁର୍ଯ୍ୟୋଧନ ପରାସ୍ତ ହୋଇ ରଥରେ ବନ୍ଧା ହୋଇଥିବାବେଳେ ଅର୍ଜ୍ଜୁନ ଦୁର୍ଯ୍ୟୋଧନଙ୍କୁ ଶତ୍ରୁ ଜ୍ଞାନ ନ କରି ତାଙ୍କୁ ଭାଇ ଭାବରେ ଉଦ୍ଧାର କରିଛନ୍ତି । ଦୁର୍ଯ୍ୟୋଧନ ଅର୍ଜ୍ଜୁନଙ୍କୁ ପ୍ରଶଂସା କରି କହିଛନ୍ତି –

''ମୋହର ପ୍ରାୟେ ଯେ ସୋଦର ତୋତେ ନୋହୁ
ତୋହରି ପ୍ରାୟେ ସୋଦର ମୋତେ ସବୁ ଦିନେ ହେଉ ।''

(ଙ) ସାରଳା ଦାସ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ନର-ନାରାୟଣରୂପେ ପରିଚିତ କରାଇଛନ୍ତି ।

**(୫) ଶକୁନି:**

(କ) ସାରଳା ମହାଭାରତରେ ଶକୁନି ଚରିତ୍ର ''ବିଷକୁମ୍ଭ ପୟୋମୁଖମ୍'' ଉକ୍ତିର ଏକ ଜୀବନ୍ତ ପରିପ୍ରକାଶ । ଶକୁନିର ଖଳବୁଦ୍ଧିରେ ବଶୀଭୂତ ହୋଇ ଦୁର୍ଯ୍ୟୋଧନ ନିଜର ହିତାହିତ ଓ ଧର୍ମାଧର୍ମ ସବୁ ଭୁଲିଛି । ନିଜର ମାତା ଗାନ୍ଧାରୀଙ୍କ ଶତ ବାରଣ ସତ୍ତ୍ୱେ ସେ ମାତୁଳ ଶକୁନିଙ୍କୁ ମନ୍ତ୍ରୀପଦ ଦେଇ ନିଜ ଭାଗ୍ୟ ଓ ଭବିଷ୍ୟତକୁ ଅଧଃପତନର ଗହ୍ୱର ଭିତରକୁ ଠେଲି ଦେଇ ନିଜର ସର୍ବନାଶ ନିଜେହିଁ କରିଛି ।

(ଖ) ପିତା ଗାନ୍ଧାର ସେନଙ୍କ ପ୍ରତି ପ୍ରତି ହିଂସା, ପ୍ରତିହିଂସାରେ ପରିଣତ ହୋଇଛି- ଶକୁନି ଚରିତ୍ର ମଧ୍ୟରେ । ସାରଳା ମହାଭାରତରେ ତା'ର ଦୁଷ୍ଟବୁଦ୍ଧି, ପ୍ରତିହିଂସା ପରାୟଣ ବେଶ୍ ଅଭୂତପୂର୍ବ । 'ମାମୁଁ'ର ଚରିତ୍ର କିପରି କପଟ, କୁଟିଳ ହୋଇପାରେ, ଶକୁନି ହିଁ ତା'ର ପ୍ରମାଣ ।

(ଗ) ଦୁର୍ଯ୍ୟୋଧନର ବିଶ୍ୱାସଘାତକତାରେ ଗାନ୍ଧାରସେନ ପରିବାରବର୍ଗ ବନ୍ଦୀଗୃହରେ ଥିବାବେଳେ ଅନ୍ନକଷ୍ଟ ଭୋଗିଛନ୍ତି । ଶେଷରେ ବନ୍ଦୀଗୃହରେ ସେମାନଙ୍କୁ ଥାଳିଏକ ଅନ୍ନ ଦିଆଯାଇଥିଲା । ଗାନ୍ଧାରସେନ ସ୍ୱଜନଙ୍କୁ ନିର୍ଦ୍ଦେଶ ଦେଇଥିଲେ ''ଏକ ଥାଳିକ ଅନ୍ନକୁ ଏକ ଜଣେ ଭୁଞ୍ଜ । ପିତା କାର୍ଯ୍ୟ କରି ଦୁର୍ଯ୍ୟୋଧନ ବଂଶ ଗଞ୍ଜ ।''ତାଙ୍କର ଏହିପରି ନିଷ୍ଠୁର ବିଧାନ ଅନୁସାରେ କେହି ସ୍ୱଜନ ଅନାହାରରେ ମରି ନିଜେ ବଂଚିବା ପାଇଁ ଆଗେଇ ଆସି ନଥିଲେ । କେବଳ ଏକମାତ୍ର ଶକୁନି ହିଁ ସେଦିନ ପିତାଙ୍କୁ ବଚନ ଦେଇଥିଲା -

''ତୁ ଯେମନ୍ତେ ଆଜ୍ଞାଦେଲୁ ପିତା ନୃପସାଇଁ'' ଦୁର୍ଯ୍ୟୋଧନ ବଂଶକ୍ଷୟ କରି ମୁଁ ପାଇ - ସେହିଦିନୁ ଶକୁନି, ଶ୍ମଶାନରେ ନିଜ ପିତା, ସୋଦର ଓ ସ୍ୱଜନଙ୍କ ଶବସ୍ତୁପ ମଧ୍ୟରେ ଦୁର୍ଯ୍ୟୋଧନର ଥାଳିଏ ଅନ୍ନ ଏକା ଗ୍ରାସ କରି, ପ୍ରତିଶୋଧର ଅପେକ୍ଷାରେ ସୁଯୋଗକୁ ଅପେକ୍ଷା କରିଛି ।

(ଘ) ପ୍ରତିଶୋଧ ନେବାର ଜ୍ୱାଳାରେ ଜ୍ୱାଳାମୁଖୀ ହୋଇ ସେ ନିଜ ପିତାଙ୍କ ଡାହାଣ ପାଦ ଓ ହାତର ବୁଢ଼ା ଆଙ୍ଗୁଳିରେ ପଶାକାଠି ଓ ବାଁ ହାତର ପବଗୁଡ଼ିକରେ ପଶାଗୋଟି ତିଆରି କରି କୁରୁବଂଶଙ୍କୁ ପାପାଚାରୀ କରିବାର ପ୍ରଥମ କୌଶଳ ପ୍ରୟୋଗ କରି ସଫଳ ହୋଇଛି ।

(ଙ) ଦୁର୍ଯ୍ୟୋଧନର ମନ୍ତ୍ରୀ ହୋଇ, ଦ୍ୟୁତକ୍ରୀଡା ପାଇଁ ଯୁଧିଷ୍ଠିରଙ୍କୁ ପ୍ରଣୋଦିତ କରି, କୁରୁ ସଭାରେ ଦ୍ରୌପଦୀଙ୍କୁ ବିବସନା କରାଇ, ପାଞ୍ଚ ଖଣ୍ଡି ଗ୍ରାମପାଇଁ ପାଣ୍ଡବମାନଙ୍କ ଶେଷ ଭିକ୍ଷାକୁ ପ୍ରତ୍ୟାଖ୍ୟାନ କରାଇବାର ସବୁ ଦୁର୍ବୁଦ୍ଧି ଓ ଦୁର୍ଗତିର ମୂଳରେ ହିଁ ରହିଛି- ଏହି କ୍ରୂର ଶକୁନି ।

(ଚ) ଏହି ଶକୁନି ଯୁଦ୍ଧରେ ସମସ୍ତଙ୍କୁ ମରାଇ, ନିଜେ ମହାଭାରତ ଯୁଦ୍ଧର ଅନ୍ତିମ ଚରଣ ପର୍ଯ୍ୟନ୍ତ ବଞ୍ଚି, ନିଜ ପ୍ରତିଜ୍ଞା ପୂରଣ କରି ଶେଷରେ ସହଦେବଙ୍କ ହାତରେ ନିହତ ହୋଇଛି।

**(୬) କର୍ଣ୍ଣ:**

(କ) ସାରଳା ମହାଭାରତରେ 'କର୍ଣ୍ଣ' ଚରିତ୍ରଟି ଏକ ପ୍ରତିଭାଶାଳୀ ଚରିତ୍ର ରୂପେ ବର୍ଣ୍ଣିତ ହୋଇଛି । ଏପରିକି ତାଙ୍କ ନାମାନୁସାରେ ମହାଭାରତର 'ନବମ ଖଣ୍ଡଟି' 'କର୍ଣ୍ଣ ପର୍ବ' ନାମରେ ନାମିତ ହୋଇଛି ।

(ଖ) ସମଗ୍ର ମହାଭାରତରେ କର୍ଣ୍ଣ ମହାଦାନୀ ଭାବେ ପରିଚିତ । ମାତା କୁନ୍ତୀଙ୍କୁ ବିନା ପ୍ରତିବାଦରେ ମାତୃତ୍ୱର ସମ୍ମାନ ଦେଇ ତାଙ୍କୁ ନୀଳବାଣ ଓ ଭୁଜବାଣ ଦେଇ ନିଜକୁ ନିଃସ୍ୱ କରିଦେଇଛି ।

(ଗ) ଏପରିକି ଏହି ଚରିତ୍ରଟି ଛଦ୍ମବେଶୀ ଶ୍ରୀକୃଷ୍ଣଙ୍କ ପ୍ରାର୍ଥନାରେ ନିଜ ହସ୍ତରେ ନିଜ ପୁତ୍ର ବଶିକେଶନଙ୍କୁ ନିହତ କରି ତାହାରି ମାଂସରେ ଅତିଥି ସତ୍କାର କରାଇଛି ।

(ଘ) କର୍ଣ୍ଣ - ଦେବୋପମ ଚରିତ୍ରଟିଏ ହୋଇ ମଧ୍ୟ ସମୟର ଅଖଣ୍ଡ ପ୍ରବାହରେ ନିଜକୁ ସାମିଲ କରି ବହୁ ଦୁଃଖ ନିର୍ଯ୍ୟାତନାକୁ ସହ୍ୟ କରିଛି । ବହୁ ପରୀକ୍ଷାର ବି ସମ୍ମୁଖୀନ ହୋଇଛି । ତଥାପି ନିଜ ପୌରୁଷକାର ଉପରେ ସେ ମୃତ୍ୟୁ ପର୍ଯ୍ୟନ୍ତ ଗଭୀର ଆସ୍ଥା ପ୍ରକଟ କରିରହିଛି ।

(ଙ) ଯଥାର୍ଥରେ ଏହି ଚରିତ୍ରଟି ସାରାଜୀବନ ଖାଲି ଦେଇଚାଲିଛି, ମାତ୍ର କିଛି ପାଇନାହିଁ । ଏହି ନିରହଙ୍କାରୀ ଓ ଅଭିଶପ୍ତ ଚରିତ୍ର ନିମନ୍ତେ ପାଠକର ହୃଦୟ ସତଃ ସହାନୁଭୂତିରେ ଆର୍ଦ୍ର ହୋଇଯାଏ ।

**(୭) ଦୁର୍ଯ୍ୟୋଧନ:**

(କ) ଦୁର୍ଯ୍ୟୋଧନଙ୍କୁ ସାରଳା ଦାସ 'ଦ୍ରିଯୋଧନ' ଭାବରେ ପ୍ରକାଶ କରିଛନ୍ତି । ତାଙ୍କ ଲେଖନୀରେ ଦୁର୍ଯ୍ୟୋଧନ ହେଉଛନ୍ତି 'ଚଉରାଶୀ ଲକ୍ଷଣ ଓ ଚଉଷଠି ଗୁଣବନ୍ତ ପୁରୁଷ'।

(ଖ) ଦୁର୍ଯ୍ୟୋଧନ ଚରିତ୍ରଟି ସ୍ୱଭାବ ଅନୁସାରେ ସେ ଯେତିକି ପରିମାଣରେ 'ମାନୀ' ହେବା କଥା ତା'ଠାରୁ ବହୁ ଅଧିକ ପରମାଣରେ ମାନୀ ହେବାରୁ ଅନ୍ୟାୟ ଆଚରଣ ଔଦ୍ଧତ୍ୟରେ ସେ ଅନ୍ଧ ହୋଇଯାଇଛନ୍ତି ଭୀମଙ୍କୁ ତାଚ୍ଛଲ୍ୟ କରି 'ପବନ ପୁତ୍ର' ଓ ଶ୍ରୀକୃଷ୍ଣଙ୍କୁ 'ଗଉଡ଼ବାଉଡ଼' ବୋଲି ସମ୍ବୋଧନ କରିବା ମୂଳରେ ଏହି ପ୍ରବୃତ୍ତି ବେଶ୍ ସ୍ପଷ୍ଟ ।

(ଗ) ଭୀମ ଯେତେବେଳେ ଦୁର୍ଯ୍ୟୋଧନଙ୍କୁ ଗୋଲକ ପୁତ୍ର (ସାହାଡ଼ା ବୃକ୍ଷର ପୁତ୍ର-ଜାରଜ) ବୋଲି କହିଲେ- ସେତେବେଳେ ସେ ଏହାର ଅର୍ଥ ବୁଝି-ଅସହ୍ୟ ଅପମାନ ଜ୍ୱାଳାରେ ଜଳି ଗାନ୍ଧାରସେନ ବଂଶକୁ ନିପାତ କରିବାର କାର୍ଯ୍ୟ ପନ୍ଥା ଗ୍ରହଣ କରିଛି । ଯାହାକି ତାହା ତାଙ୍କର ନିଷ୍ଠୁରତାର ଚରମ ଉଦାହରଣ ।

(ଘ) ଦୁର୍ଯ୍ୟୋଧନଙ୍କ ପ୍ରକୃତି ଅତି ଜିଦ୍‌ଖୋର ପ୍ରକୃତି । ଯେ ଯେଉଁ ନିଷ୍ପତ୍ତି ଗ୍ରହଣ କରୁଥିଲେ ତାହାକୁ ଦୃଢ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର ଏହି ଜିଦ୍‌ଖୋର ପ୍ରକୃତି ହିଁ ତାଙ୍କ ବଂଶକୁ ଧ୍ୱଂସର ପଥକୁ ଟାଣି ନେଇଛି ।

(ଙ) ମହାଭାରତ ଯୁଦ୍ଧର ନୀତି- ନିର୍ଦ୍ଧାରଣ କରିବା ପ୍ରସଂଗରୁ ଦୁର୍ଯ୍ୟୋଧନଙ୍କ ଚରିତ୍ରର ରାଜନୀତିକ ଦୃଷ୍ଟିକୋଣର ପରିଚୟ ମିଳିଥାଏ ।

(ଚ) ବାସ୍ତବରେ ଦୁର୍ଯ୍ୟୋଧନ ହେଉଛନ୍ତି ସାରଳା ମହାଭାରତର ପ୍ରତିନାୟକ । ସେ ଅନର୍ଘ ମଣିମୁକୁଟଧାରୀ ମହାମାନୀ । ତାଙ୍କ ପାଦରେ ପଦ୍ମଚିହ୍ନ, କରତଳରେ ଶଂଖନିଧି ଓ ପଦ୍ମନିଧି ।

(ଛ) ତାଙ୍କ ଚରିତ୍ରର ବିଭବଶାଳୀ ବୈଶିଷ୍ଟ୍ୟ ହେଉଛି ନିର୍ମଳ ଦାଂପତ୍ୟ ପ୍ରେମ । ଭାନୁମତୀଙ୍କ ବ୍ୟତୀତ ସେ ଅନ୍ୟ ନାରୀପ୍ରତି ଆଦୌ ଆକୃଷ୍ଟ ନୁହଁନ୍ତି ।

(ଛ) ମହାଭାରତ ଯୁଦ୍ଧକୁ ସେ ଧର୍ମଯୁଦ୍ଧ ଭାବେ ଗ୍ରହଣ କରିନେଇଛନ୍ତି । ସେ ସ୍ପଷ୍ଟ କରିଦେଇଛନ୍ତି ଭାଇ ଭାଇ ମଧ୍ୟରେ ଯେଉଁ ସଂଗ୍ରାମ ହେଉଛି ସେଥିରେ ହିଂସା ଓ ଆଚରଣ କରାଯିବା ଅନୁଚିତ । ଦୁର୍ଯ୍ୟୋଧନଙ୍କ ଏହି ଉକ୍ତି ବାସ୍ତବିକ ସବୁ ଯୁଗ ପାଇଁ ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

(ଝ) ସେ ସ୍ୱାଭିମାନୀ । ସେହି ସ୍ୱାଭିମାନ ଯୋଗୁ ସେ ଅମରବର ପାଇଥିବା ଅଶ୍ୱତ୍‌ଥମାକୁ ସେନାପତି ଆସନରେ ବସାଇ ନାହିଁ ଆଉ ଶପଥ କରିଛନ୍ତି - ''ଶରୀରେ ଜୀବନ ଥିବାଯାଏ ମୋର ସଂଗ୍ରାମ ହିଁ ସତ୍ୟ ।

(ଞ) ସର୍ବଶେଷରେ ଆଲୋଚ୍ୟ ଚରିତ୍ରର ମହନୀୟତା ପ୍ରଦର୍ଶିତ ହୋଇଛି ରକ୍ତ ନଦୀ ସନ୍ତରଣ 'ପ୍ରସଂଗରେ । ମୃତପୁତ୍ର ଲକ୍ଷ୍ମଣକୁମାରର ଶବ ଉପରେ ଆରୋହଣ କରି ରକ୍ତନଦୀ ପାର ହେବାପରେ ଅସ୍ପଷ୍ଟ ତାରା ଆଲୋକରେ ସେ ନିଜ ପୁତ୍ରକୁ ଚିହ୍ନିପାରି ବିଳାପ କରିଛି । ଆଉ ମୃତ ପୁତ୍ର ଉଦ୍ଦେଶ୍ୟରେ କହିଛି- ବାବୁରେ-ମୋ ଭଳି ପିତା ଜଗତରେ କାହାକୁ ନ ମିଳୁ, କିନ୍ତୁ ତୋ ଭଳି ପୁତ୍ର ସମସ୍ତଙ୍କୁ ମିଳୁ । ଏଥିରୁ ଜଣେ ସ୍ନେହବତ୍ସଳ ପିତୃହୃଦୟର ପରିଚୟ ମିଳେ ।

**ନାରୀଚରିତ୍ର:**

**(୧) ଗାନ୍ଧାରୀ:**

(କ) ସାରଳା ମହାଭାରତରେ ଗାନ୍ଧାରୀ ସତୀ, ସାଧ୍ୱୀ ଓ ପତିପରାୟଣା ସ୍ୱାମୀ ଅନ୍ଧ ହୋଇଥିବାରୁ ତାଙ୍କର ସହଧର୍ମିଣୀ ଭାବେ ବିବାହ ପରେ ସେ ନିଜର ଚକ୍ଷୁଦ୍ୱୟକୁ ଅନ୍ଧ ପଟଳରେ ଆବୃତ କରିଛନ୍ତି । ଗାନ୍ଧାରୀଙ୍କ ଉକ୍ତିରେ-

''ସ୍ୱାମୀର ଅନ୍ଧପଟଳ ଯେବେ ବେନି ଆଖି
ମୁହିଂ ସେ ପାମରୀ କିସ ତାହାର ଦୁଃଖ ଦେଖି ।
କପାଳେଶ୍ୱର ତୀର୍ଥେ ଦେବୀ ସଂକଳ୍ପ ଯେ କଲା
ସ୍ୱାମୀର ଦୁଃଖ ନ ଦେଖିବି ବୋଲି ଅନ୍ଧପଟଳ ବାନ୍ଧିଲା । (ଆଦି)

ଏଥିର ସ୍ୱାମୀଙ୍କ ପ୍ରତି ତାଙ୍କର ଚରମ ଭକ୍ତି ଓ ସମ୍ମାନର ପରିଚୟ ମିଳିଥାଏ ।

(ଖ) ସ୍ୱାମୀଙ୍କ ପ୍ରତି ତାଙ୍କର ଅଚଳା ଭକ୍ତି। ସ୍ୱାମୀଙ୍କର ଯେଉଁଠାରେ କିଛୁ ଭ୍ରମଭ୍ରାନ୍ତି ତାଙ୍କ ଦୃଷ୍ଟିକୁ ଆସିଛି, ସେଠାରେ ସେ ଅତି ଚତୁରତାର ସହିତ ଜଣେ ବିଚକ୍ଷଣ ମନ୍ତ୍ରୀଭାବେ ସତ୍‌ପରାମର୍ଶ ଦେଇଛନ୍ତି । ଯାହାର ପ୍ରମାଣ ମିଳେ ପଣ୍ଡୁ ସିଂହାସନରେ ଅଧିଷ୍ଠିତ ହୋଇ ଲୋକପ୍ରିୟ ହେବାର ଦେଖି ଧୃତରାଷ୍ଟ୍ର ଇର୍ଷାଳୁ ହୋଇ ତ୍ରିବେଣୀ ସଂଗମରେ ଜୀବନ ହରାଇବାକୁ ମନସ୍ଥ କରିଛନ୍ତି। ଏହା ଜାଣି ସେ ସ୍ୱାମୀଙ୍କୁ ଉପଦେଶ ଦେଇଛନ୍ତି-

''ଯାହା ସେ ଅରଜି ନାଥ ତାହା ହାଦେ ଭୁଜି
ସମସ୍ତେ ପୁଣ୍ୟବନ୍ତ ନୋହନ୍ତି ମୃତ୍ୟୁମଣ୍ଡଳ ମଝି ।'' (ଆଦି)

(ଗ) ନୀତି-ଅନୀତି ବିଚାର ଯୋଗ୍ୟା ବିଦୂଷୀ ନାରୀ ଗାନ୍ଧାରୀ । ଅନ୍ୟାୟ ଅନୀତି ପଥରୁ ପୁତ୍ର ଦୁର୍ଯ୍ୟୋଧନଙ୍କୁ ନିବୃତ୍ତ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଦୁର୍ଯ୍ୟୋଧନଙ୍କୁ ତାଙ୍କ ଉପଦେଶ ଏହିପରି-

''ଆପଣାର ଶରୀର ପଡିଛି ଅଂସାଇ
ପରକୁ ହସୁ କିମ୍ବା ନାସିକାରେ ହସ୍ତ ଦେଇ ।''

(ଆଦି ପର୍ବ)

(ଘ) ଗାନ୍ଧାରୀ ଶତପୁତ୍ରର ଜନନୀ ହେଲେ ମଧ୍ୟ ନିଜ ପୁତ୍ରମାନଙ୍କର ଦୁଷ୍ଟପଣ, ଦୁର୍ନୀତି ପରାୟଣ, ପରସ୍ୱାପହରଣ ଯୋଗୁଁ ସେ ସବୁବେଳେ ଅଶାନ୍ତି ମଧ୍ୟରେ କାଳାତିପାତ କରିଛନ୍ତି । କାରଣ ଏହି ପୁତ୍ରମାନଙ୍କ କାର୍ଯ୍ୟାଧାରା ହିଁ ଦିନେ କୁଳଧ୍ୱଂସର କାରଣ ହେବ । ଅପରପକ୍ଷରେ କୁନ୍ତୀଙ୍କ ଦେବ ପ୍ରତିମା ପୁତ୍ରମାନଙ୍କୁ ସେ କେବେ ହେଲେ ଇର୍ଷାଳୁ ଦୃଷ୍ଟିରେ ଦେଖିନାହାନ୍ତି । ସପତ୍ନୀ କୁନ୍ତିଙ୍କୁ ସେ ମନେ ମନେ ପ୍ରଶଂସା କରିଛନ୍ତି-

''ସୁପୁତ୍ର ଉପୁଜାଇ କୋଇନ୍ତା ସାଧୁ ଅରଜିଲା
ଅସଜନ ଗାନ୍ଧାରୀ ପୋୟେ କିଛୁ ହିଁ ନୋହିଲା । (ଆଦି)

ଏପରିକି ପାଣ୍ଡୁଙ୍କ ମୃତ୍ୟୁପରେ ଭଗ୍ନମନୋରଥା କୁନ୍ତୀଙ୍କୁ ସେ ସାନ୍ତ୍ୱନା ଦେବା ସହିତ ସମବେଦନା ଜଣାଇଛନ୍ତି । ଯାହାକି ତାଙ୍କ ଚରିତ୍ରର ମହନୀୟତାକୁ ପ୍ରକାଶ କରିଥାଏ ।

(ଟ) ଗାନ୍ଧାରୀ ଜଣେ ଅସାଧାରଣ ଦୂରଦୃଷ୍ଟିସଂପନ୍ନ ଚରିତ୍ରଭାବେ ଜାଣିପାରିଛନ୍ତି- ତାଙ୍କର ଭ୍ରାତା ଶକୁନି ହିଁ ଦିନେ ହେବେ କୁରୁବଂଶ ଧ୍ୱଂସର କାରଣ । ଏଥିପାଇଁ ସେ ପୁତ୍ର ଦୁର୍ଯ୍ୟୋଧନଙ୍କୁ ଉପଦେଶ ଦେଇଛନ୍ତି- ଶକୁନିଙ୍କୁ ମନ୍ତ୍ରୀପଦରେ ନ ବସାଇବାକୁ । ଏହି ମର୍ମରେ ତାଙ୍କ ଉକ୍ତି ହେଉଛି -

''ଯାହାର ବଂଶ ନାଶ କଲୁ ତାହାକୁ କଲୁ ମନ୍ତ୍ରୀ
ଉଭୟ କୁଳ ନ ପାଇକି ବୋଲି ବୋଇଲେ ମହାସତୀ ।'' (ଆଦିପର୍ବ)

(ଠ) ଜଣେ ମାତୃପ୍ରତିମ ନାରୀଭାବେ ଶ୍ରୀକୃଷ୍ଣଙ୍କ କପଟତାର ଶୀକାର ହୋଇ ନିଜର ଶେଷପୁତ୍ର ଦୁର୍ଦ୍ଧର୍ଷ ତାଙ୍କ ନୟନରୁ ନିର୍ଗତ ଅଗ୍ନିରେ ଧ୍ୱଂସ ହୋଇଯାଇଛି । ଏଥିରେ କ୍ରୋଧାନ୍ୱିତ ହୋଇ ସେ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଇଛନ୍ତି-ଭବିଷ୍ୟତରେ କୃଷ୍ଣ ହିଁ ହେବେ ଯଦୁବଂଶ ଧ୍ୱଂସର କାରଣ । ଆଉ ନିଜେ ଘୋର ଅରଣ୍ୟ ମଧ୍ୟରେ ନିହତ ହେବେ । ଏହି ପ୍ରସଂଗ ଗାନ୍ଧାରୀଙ୍କ ଅନ୍ଧପୁଟୁଳି ଖୋଲିବା ପ୍ରସଂଗରେ ବର୍ଣ୍ଣିତ ହୋଇଛି ।

(ଡ) ଗାନ୍ଧାରୀ ଚରିତ୍ରର ଅନ୍ୟତମ ବିଭବ ହେଉଛି ପରଶ୍ରୀକାତରତା । ପାଣ୍ଡବମାନଙ୍କର ରାଜ୍ୟାଭିଷେକ ଉତ୍ସବର କୋଳାହଳରେ ସେ ଅତିଷ୍ଠ ହୋଇପଡିଛନ୍ତି । ଏପରି ହିଂସାରେ ଜଳି ସ୍ୱାମୀ ଧୃତରାଷ୍ଟ୍ରଙ୍କ ସହିତ ନିଜେ ଗଙ୍ଗାସାଗରରେ ଝାସ ଦେବାକୁ ପରାମର୍ଶ ଦେଇ କହିଛନ୍ତି-

''ସାଗର ସଙ୍ଗମେ ପଶି ଝାସ ଦେବା ନିଜ ପ୍ରାଣ
ଅଭିଷେକ ସରିଲେ ଆମ୍ଭେ ଯାଇ ସିନା ପୁଣ ।'' (ଶାନ୍ତିପର୍ବ)

ଆଲୋଚ୍ୟ ଚରିତ୍ରଟି ମଧ୍ୟରେ ଦେବତ୍ତ୍ୱ ସହିତ ମାନବିକ ପ୍ରବୃତ୍ତି ସମୂହର ଏକ ମଧୁର ସମନ୍ୱୟ ଘଟିଛି ।

**(୨) କୁନ୍ତୀ:**

(କ) ସାରଳା ମହାଭାରତରେ କୁନ୍ତୀ ଏକ ଅନନ୍ୟ ଚରିତ୍ର । ଯିଏ ଯୌବନ କାଳରେ ମହାକୋପୀ, ମହାତେଜା ଦୁର୍ବାସା ଋଷିଙ୍କ ସେବାକରି ତାଙ୍କଠାରୁ ପ୍ରାପ୍ତ ଜପାମାଳିକୁ ପରୀକ୍ଷା କରିବାର କୌତୂହଳତାବଶତଃ ଜପ କରି ସୂର୍ଯ୍ୟଦେବ ସହିତ ମିଳିତ ହୋଇ ଅନ୍ତଃସତ୍ତ୍ୱା ହୋଇଛନ୍ତି । ଏଣେ କୁମାରୀ ଅବସ୍ଥା । ସେ ଏଥିପାଇଁ ବ୍ୟାକୁଳ ହୋଇଛନ୍ତି । ସେ ଅସତୀ ହେବା ଭୟରେ ତାଙ୍କ ଅନୁରୋଧ ରକ୍ଷା କରି ସୂର୍ଯ୍ୟ ତାଙ୍କ କର୍ଣ୍ଣବାଟେ ପୁତ୍ରଟିକୁ ଜାତ କରାଇଛନ୍ତି । ପୁତ୍ର ରତ୍ନଟି ପାଇ ମଧ୍ୟ ସେ ଆନନ୍ଦିତ ନ ହୋଇ ବରଂ ଆତଙ୍କିତ ହୋଇଛନ୍ତି । ତାଙ୍କ ଭାବନାରେ -

''ମାତା ପିତାଙ୍କ ଆଗରେ ମୁଁ କେମନ୍ତେ କହିବି ମିଥ୍ୟା
ସତ କହିଲେ ତ ହୋଇବ ଲଜ୍ଜ୍ୟା ଅପ୍ରମିତା ।
ପରଦାୟେଣୀ ବୋଲି କେହି ପ୍ରଦାନ ନୋହିବେ
ସମସ୍ତେ ହେଂ ଦୁର୍ବାସା ଋଷିଂକି ଦୋଷ ଦେବେ । (ଆଦ ପର୍ବ)

ଶେଷରେ ନବଜାତ ପୁତ୍ରକୁ ଏକ ମୃତ୍ତିକା ମଞ୍ଜୁଷାରେ ରଖି ଯମୁନା ନଦୀରେ ଭସାଇ ନିଜର ସତୀତ୍ୱକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ମାତ୍ର ଅନ୍ତର ଭିତରେ ଜନ୍ମିତ ସନ୍ତାନ ପ୍ରତି ମାତୃତ୍ୱର ଝଲକ ମହାଭାରତର ଘଟଣାପ୍ରବାହରେ ବେଶ୍ ବ୍ୟଞ୍ଜିତ ହୋଇଛି ।

(ଖ) କୁନ୍ତୀ ନିଜ ସ୍ୱାମୀଙ୍କ ପୌରୁଷହୀନତା ଦୁର୍ବଳତାକୁ ଆକ୍ଷେପ ନ କରି ସାଧାରଣ ନାରୀପରି ମାତୃତ୍ୱ କାମନା କରି ଦେବକୁଳ ସହିତ ସଂପର୍କ ରଖି ଯୁଧିଷ୍ଠିର, ଭୀମ, ଅର୍ଜୁନ ଆଦି ପ୍ରଭାବଶାଳୀ ତେଜସ୍ୱୀ ପୁତ୍ରମାନଙ୍କର ଜନନୀ ହୋଇଛନ୍ତି । ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ସେମାନଙ୍କ ପଛରେ ସର୍ବଦା ଛାଇ ପରି ଲାଗିରହିଛନ୍ତି । ଯାହା ଭିତରେ ସେ ସ୍ୱର୍ଗୀୟ ଆନନ୍ଦ ଅନୁଭବ କରିଛନ୍ତି ।

(ଗ) ମାଦ୍ରୀ ତାଙ୍କର ସପତ୍ନୀ ହେଲେ ମଧ୍ୟ ତାଙ୍କ ପ୍ରତି ତାଙ୍କର ଲେଶମାତ୍ର ଈର୍ଷାଳୁ ମନୋଭାବ ନାହିଁ । ବରଂ ସେ ମାଦ୍ରୀଙ୍କୁ ନିଜର କନିଷ୍ଠା ଭଗ୍ନୀଭାବେ ଦେଖିଛନ୍ତି । ତାଙ୍କ ଦୁଃଖରେ ସମଦୁଃଖିନୀ ହୋଇଛନ୍ତି । ବିଶେଷକରି ମାଦ୍ରୀ ସ୍ୱର୍ଗବାସୀ ହେବାରେ ସେ ଯେପରି ତ୍ୟାଗ ସ୍ୱୀକାର କରିଛନ୍ତି ତାହା କୌଣସି ସପତ୍ନୀ ପକ୍ଷରେ ସମ୍ଭବ ନୁହେଁ । ନିଜେ ଜଣେ ନାରୀ, ସେ ନାରୀ ହୃଦୟର ବେଦନାକୁ ସେ ମର୍ମେ ମର୍ମେ ବୁଝିଛନ୍ତି ।

(ଘ) କପାଳ ଲିଖନକୁ ଭାଗ୍ୟବାଦିନୀ କୁନ୍ତୀ ଆନନ୍ଦର ସହିତ ଗ୍ରହଣ କରି ନେଇଛନ୍ତି । ରାଜ-ଐଶ୍ୱର୍ଯ୍ୟ ଓ ଦୀନ ହୀନ ଭାବରେ ଜୀବନଯାପନ-ଏଦୁଇଟିକୁ ସେ ହସି ହସି ବରଣ କରି ନେଇଛନ୍ତି । ଯେତେବେଳେ ରାଜଦୁଲାଳି ଦ୍ରୌପଦୀ ପାଉଁଶ ଶଯ୍ୟାରେ ଶୋଇବାକୁ କୁଣ୍ଠିତ ହୋଇଛନ୍ତି, ସେତେବେଳ ସେ ତାଙ୍କୁ ବୁଝାଇନ୍ତି-

''ଯାହା ଅରଜି ମାତା ତାହା ସିନା ଭୁଜି
ସଂପଦ ବିପଦ ମା ଗୋ ସଂସାରର ମଝି ।'' (ଆଦିପର୍ବ)

(ଙ) ଅପର ପକ୍ଷରେ କୁନ୍ତୀ ଦେବୀ କିପରି ସ୍ୱାର୍ଥପର ନାରୀ ଥିଲେ-ତାହା ଜତୁଗୃହ ଦହନ ଘଟଣାରୁ ଜାଣିହୁଏ । ଜତୁଗୃହ ଦହନ ପୂର୍ବରୁ ବହୁ ଅସୁବିଧାରେ କାଳାତିପାତ କରୁଥିବା 'ଜୟନ୍ତୀ' ନାମକ ଶବରୁଣୀ ସହିତ ମିତ୍ରତା ସ୍ଥାପନ କରି ନିଜେ ରହୁଥିବା ଜତୁଗୃହରେ ସେ ଓ ତା'ର ପାଞ୍ଚପୁତ୍ରଙ୍କୁ ରହିବାକୁ ଦେଇଛନ୍ତି । ଏହାପରେ କୌଶଳରେ ଅତି ସତର୍କତାର ସହିତ ନିଜ ପୁତ୍ରମାନଙ୍କୁ ଧରି ବିବର ମଧ୍ୟ ଦେଇ ବାହାରି ଯାଇଛନ୍ତି । ଏଣେ ଅଗ୍ନିସଂଯୋଗରେ ଜତୁଗୃହ ଜଳିଯିବା ସହିତ ବିଚାରୀ ଶବରୁଣୀ ସହିତ ତା'ର ଅଲିଅଳ ପାଞ୍ଚଟି ପୁତ୍ରଙ୍କର ଅକାଳ ମୃତ୍ୟୁ ଘଟିଛି । ସୁତରାଂ ଏପରି ଘଟଣାରୁ ଜଣେ ସାଧାରଣ ନାରୀଟିଏ କିପରି ନିଜ ସ୍ୱାର୍ଥପାଇଁ ଅନ୍ୟକୁ ସ୍ୱାର୍ଥର ଯଜ୍ଞରେ ଆହୂତି ଦେଇପାରେ- ତାହା ପ୍ରାମାଣିତ ହୋଇଛି । ଯାହାକି ଏହି ଚରିତ୍ର ମଧ୍ୟରେ ଫୁଟିଉଠିଛି ।

## (୩) ଦ୍ରୌପଦୀ:

(କ) ସାରଳା ମହାଭାରତରେ ଦ୍ରୌପଦୀ ଜଣେ ଅତି ସାଧାରଣ ରକ୍ତମାଂସଧାରିଣୀ ନାରୀ ରୂପେ ଚିତ୍ରିତ ହୋଇଛନ୍ତି ।

(ଖ) ମହାଭରତରେ ଦ୍ରୌପଦୀ ତୀବ୍ର ପ୍ରତିହିଂସା ପ୍ରବୃତ୍ତିର ଏକ ଜ୍ୱଳନ୍ତ ବିଗ୍ରହ । ବିବସ୍ତ୍ରା କରିଥିବା ଅପରାଧରେ ଜଡିତ ଅତ୍ୟାଚାରୀ, ଅବିବେକୀ ଦୁଃଶାସନର ରକ୍ତପାନ କରି ପ୍ରତିଶୋଧ ନେଇଛନ୍ତି । ସେହି ସମୟରେ ତାଙ୍କର ଭୟଙ୍କର ରୂପର ବର୍ଣ୍ଣନା କବିଙ୍କ ଲେଖନୀରେ ଜୀବନ୍ତ ରୂପ ନେଇଛି । ଏହିପରି -

''ଲଲାଟେ ଫୁଟିଣ ଯେ ନାସିକା ବାଟେ ଗଳି
ସେ ରୁଧିର ଆପ୍ୟାନ କଲା ଦେବୀ ଯେ ପାଞ୍ଚାଳି ।''

(ଗ) ମହାଭାରତରେ ବର୍ଣ୍ଣିତ 'ସତ୍ୟ ଆମ୍ବ ଉପାଖ୍ୟାନ' ମାଧ୍ୟମରେ ନାରୀ ମନ ଗହନ ତଳେ ଲୁଚି ରହିଥିବା ସତ୍ୟର ଉଦ୍‌ଘାଟନ ହୋଇଛି । ସେ ପଞ୍ଚପତି ବରଣ କରି ସତୀତ୍ୱର ଚରମ ପରାକାଷ୍ଠା ପ୍ରଦର୍ଶନ କରିଥିଲେ ମଧ୍ୟ ତାଙ୍କ ଚରିତ୍ରର ଅନ୍ଧାରିଦିଗକୁ ସାରଳା ଦାସ ଉନ୍ମୋଚନ କରିବା ଦିଗରେ ନିଜ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି ।

(ଘ) ପଞ୍ଚପତିଙ୍କର ସହଧର୍ମିଣୀ ଭାବେ ସେ ସର୍ବଦା ଜଣେ ଗାଉଁଲୀ ନାରୀ ପରି ଚିନ୍ତାମଗ୍ନ ଥିଲେ । କାରଣ ପଞ୍ଚପତିଙ୍କର ପ୍ରକୃତି ଭିନ୍ନ ଭିନ୍ନ । ତେବେ ସକଳ ଭିନ୍ନତା ସତ୍ତ୍ୱେ ସେ ଜଣେ ବିଦୂଷୀ ନାରୀ ଭାବେ ସମସ୍ତଙ୍କୁ ନିଜର କରିବାକୁ ସମର୍ଥ ହୋଇଥିଲେ ।

(ଙ) ପଞ୍ଚପାଣ୍ଡବଙ୍କ ସହିତ ଦ୍ରୌପଦୀ ଆସିବାପରେ ତାଙ୍କୁ ଯେତେବେଳେ ଶାଶୁଙ୍କ ନିର୍ଦ୍ଦେଶରେ କୁମ୍ଭାରଶାଳର ଅଂଗାର ଓ ପାଉଁଶ ଗଦାରେ ରାତ୍ରିଯାପନ କରିବାକୁ ହୋଇଛି- ଜଣେ ସାଧାରଣ ନାରୀଭାବେ ସେ ଦୁଃଖରେ ଭାଙ୍ଗିପଡିଛନ୍ତି । ଏଥିପାଇଁ ସେ ବିଧାତାଙ୍କୁ ଦାୟୀ କରି କହିଛନ୍ତି-

''ପାଞ୍ଚାଳ ରାଜାର ମୁଁ ଅଟଇ ଦୁଲଣୀ
ଭୋ ଦଇବ ପୁରୁଷ ମୋତେ ଏହା କରୁଆଣି ।'' (ଆଦି ପର୍ବ)

(ଚ) ମହାଭାରତର 'ସଭାପର୍ବରେ ବର୍ଣ୍ଣିତ ସପତ୍ନୀ ହିଡ଼ମ୍ବିକା ସହିତ ତାଙ୍କର କଳି ମଧ୍ୟରେ ଏହି ଚରିତ୍ରର ଏକ ଗାଉଁଲୀ ନାରୀରୂପ ପ୍ରତିଭାତ ହୋଇଛି । ଦ୍ରୌପଦୀ ନିଜର ସମସ୍ତ ନାରୀସୁଲଭ ଶାଳିନତାକୁ ଭୁଲି 'ଘଟୋତ୍କଚ' କୁ ଅଲ୍ପାୟଷ ହୁଅ' ବୋଲି କହିବାରୁ ହିଡିମ୍ବି ସଭା ମଧ୍ୟକୁ ପ୍ରବେଶ କରି କଳି ଆରମ୍ଭ କରିଦେଇଛି । ଉଭୟଙ୍କ ଆକ୍ଷେପୋକ୍ତି ମଧ୍ୟରେ ଜଣେ ସାଧାରଣ ଗାଉଁଲୀ କଳହପ୍ରିୟା ନାରୀ ଭାବେ ଦ୍ରୌପଦୀ ଚରିତ୍ରଟି ପାଠକ ସମ୍ମୁଖରେ ଉଭା ହୋଇଛି ।

(ଛ) ରାଜ ସଭାରେ ଦ୍ରୌପଦୀ ଚରିତ୍ରଟି ଏକ କ୍ରୁଦ୍ଧା ଦଂଶନୀ ଜୀବନ୍ତ ପ୍ରତିମୂର୍ତ୍ତି ରୂପେ ଦେଖିବାକୁ ମିଳେ । ସେ ନିଜର ପଞ୍ଚପତିଙ୍କ ସମ୍ମୁଖରେ ପାପୀ ଦୁଃଶାସନ ଦ୍ୱାରା ନିର୍ଯ୍ୟାତିତା । ଏଣେ ସତ୍ୟଭଂଗ ଭୟରେ ପଞ୍ଚପତିଙ୍କ ନୀରବତା ସେ ଏହାକୁ ସହ୍ୟ କରି ନ ପାରି ସେମାନଙ୍କୁ ତିରସ୍କାର କରିଛି ।

(ଜ) ବାସ୍ତବରେ ମହାଭାରତରେ ଦ୍ରୌପଦୀ ଚରିତ୍ର ଲୌକିକତା ଓ ଅଲୌକିକତାର ସମାହାରର ଏକ ମନୋରମ ନାରୀ ଚରିତ୍ର ।

**(୪) ଗଙ୍ଗା:**

(କ) ସାରଳା ମହାଭାରତରେ ଗଙ୍ଗା ସ୍ୱେଚ୍ଛାଚାରିଣୀ, ସ୍ୱାର୍ଥପରାୟଣା କଳହ ପ୍ରିୟା ଓ ନିଷ୍ଠୁରା ନାରୀ ଭାବେ ବର୍ଣ୍ଣିତ । ବାସ୍ତବରେ ସେ ହେଉଛନ୍ତି ମହାଭାରତର ଏକ ଅନନ୍ୟ ଚରିତ୍ର । ଉଗ୍ରରୂପା ଉତ୍କଳ ରମଣୀର ଜୀବନ୍ତ ବିଗ୍ରହ ।

(ଖ) ପିତା ନିର୍ଘାତ ଭ୍ରମବଶତଃ ରୁଦ୍ରବେଶଧାରୀ ଶାନ୍ତନୁଙ୍କୁ ଶିବ ବୋଲି ମନେ କରି ନିଜ କନ୍ୟା ଗଙ୍ଗା ସହିତ ବିବାହ ଦେବାର ପ୍ରତିଶ୍ରୁତି ଦେବାପରେ ଜଣାପଡିଛି-ବାସ୍ତବରେ ସେ ଶିବ ନୁହଁନ୍ତି-ଶାନ୍ତନୁ। ଶେଷରେ ଗଙ୍ଗା ପିତୃବାକ୍ୟକୁ ସମ୍ମାନ ଜଣାଇ ନିଜ ମନର ଅକୁହା ବେଦନାକୁ ନିଜ ହୃଦୟରେ ଚାପି ରଖି ଶାନ୍ତନୁଙ୍କୁ ବିବାହ କରି - ତାଙ୍କ ପ୍ରତି ପ୍ରତିହିଂସା ପରାୟଣା ହୋଇଛନ୍ତି । ସର୍ତ୍ତଟି ରଖିଛନ୍ତି-

''ଗଙ୍ଗାବୋଲିଣ ତୁ ବୋଲୁଥିବୁ ଅନୁବ୍ରତେ
ଗାଙ୍ଗୀ ବୋଇଲେ ନ ଥାଇଟି ପୂରୋଇ ମୋର ବ୍ରତେ ।

(ଗ) ମହାଭାରତରେ ଗଙ୍ଗା ଏକ ଉଗ୍ରା, ପ୍ରତିହିଂସା ପରାୟଣା ନାରୀଭାବେ ପତ୍ନୀବ୍ରତ ପାଳନକୁ ନିଜ ଅହଂମିକାର କୁଣ୍ଡରେ ଆହୂତି ଦେଇଛନ୍ତି । ଏପରିକି ସ୍ୱାମୀଦେବଙ୍କ ପ୍ରତି ଅତି ଅମାନୁଷୀ ଭାବେ ଅତ୍ୟାଚାର କରିଛନ୍ତି । ଏଥିରେ ଖୁବ୍ ଅତିଷ୍ଠ ହୋଇପଡିଛନ୍ତି ରାଜର୍ଷି ଶାନ୍ତନୁ ।

(ଘ) ଗଙ୍ଗା ଜଣେ କ୍ରୁରାନାରୀରୂପେ ଶାନ୍ତନୁଙ୍କ ଭାବୀ ବଂଶଧର ସନ୍ତାନମାନଙ୍କୁ ନିଜ ହାତରେ ତାଙ୍କ ସମ୍ମୁଖରେ ମାରି ଆତ୍ମତୃପ୍ତି ପାଇଛନ୍ତି। ଟିକିଏ ହେଲେ ଅନୁଶୋଚନ କରିନାହାନ୍ତି । ମା'ଟିଏ ହୋଇ, ମାତୃତ୍ୱର ବେଦନାକୁ ସହି ମଧ୍ୟ ସେ ମାତୃତ୍ୱର ମହନୀୟ ସତ୍ତା ଉପଲବ୍ଧି କରି ପାରିନାହାନ୍ତି ।

(ଙ) ମହାଭାରତରେ ଗଙ୍ଗା ଜଣେ ସ୍ୱାଧୀନ ନାରୀ ରୂପେ ଅବତୀର୍ଣ୍ଣ । ଶାନ୍ତନୁଙ୍କ ତିରସ୍କାର ଶୁଣି ସର୍ତ୍ତ ଭଂଗ ପରେ ସେ ଅଷ୍ଟମ ପୁତ୍ରକୁ ହତ୍ୟାକରି ନାହିଁ - ଚାଲିଯାଇଛି । ଆଉ ଗଲାବେଳେ କହିଯାଇଛି- ଏ ପୁତ୍ର ଜୀବନ ଧରି ରହିପାରେ ଅଥବା ମୃତ୍ୟୁ ବରଣ କରିପାରେ- ସେଥିରେ ତା'ର କିଛି ଯାଏ ଆସେ ନାହିଁ। ଏପରିକି ସେ କେତେ ହିଂସ୍ର ତା'ର ପ୍ରମାଣ ଦେଇଛି - ପୁତ୍ର ହସ୍ତରେ ଶାନ୍ତନୁ ନିହତ ହେବାର ଅଭିଶାପ ଦେଇ। ବାସ୍ତବରେ ଗଙ୍ଗା ହେଉଛି ଆମ ସମାଜର ଏକ ନିଷ୍ଠୁର ନାରୀ। ଯିଏ ନିଜେ ଜଳିଛି-ସମସ୍ତଙ୍କୁ ଜଳାଇଛି । ସେ ଏକ ଜ୍ୱାଳାମୁଖୀ ।

ଉପରୋକ୍ତ ଚରିତ୍ରଗୁଡିକର ବିବିଧ ରୂପର ସ୍ୱରୂପ ନିର୍ଣ୍ଣୟ କଲାବେଳେ କବିଙ୍କର ଅସାଧାରଣ ନୈପୁଣ୍ୟ ବେଶ୍ ପ୍ରକଟିତ ହୋଇଛି । ବିଶେଷକରି ମୂଳଗ୍ରନ୍ଥର ପାତ୍ରପାତ୍ରୀ ସ୍ଥଳବିଶେଷରେ ସଂପୂର୍ଣ୍ଣ ଭିନ୍ନ ରୁଚିର ଆସ୍ୱାଦ ବହନ କରିଛନ୍ତି। କେତେକ ଚରିତ୍ରରେ ଅତିମାନୁଷ ମହତ୍ତ୍ୱର ଆରୋପ ହୋଇଥିଲେ ମଧ୍ୟ ଅଧିକାଂଶ ଚରିତ୍ରର ସ୍ୱାତନ୍ତ୍ର୍ୟ ନିର୍ଭର କରିଛି ସ୍ନେହ, ମମତା, ସୁଖ ଦୁଃଖ, ଇର୍ଷା ଦ୍ୱେଷ ପ୍ରଭୃତି ମାନବୀୟ ପ୍ରକୃତିର ସ୍ୱଭାବ ସୁଲଭ ଗୁଣାବଳୀ ଉପରେ । ତେଣୁ ସାଧାରଣ ଲୋକଜୀବନର ଅନୁରୂପ ଭାବରେ ସେ ଚରିତ୍ରଗୁଡିକୁ ସଂପୂର୍ଣ୍ଣ ଏକ ନୂତନ ଛାଞ୍ଚରେ ଢାଳି ପ୍ରତ୍ୟେକର ବିଶେଷତ୍ୱକୁ, ଯଥାସମ୍ଭବ ସରଳ ଓ ନିଖୁଣରୂପେ ଅଙ୍କନ କରିଛନ୍ତି । ଶୁଷ୍କ ଆଦର୍ଶବାଦର ତାଡନାରେ ତାଙ୍କ ଚରିତ୍ରଚିତ୍ରଣ ରୀତି କେଉଁଠି ପ୍ରାଣହୀନ, ନିର୍ଜୀବ ପରି ବୋଧ ହୋଇନାହିଁ । ବରଂ ସାମାଜିକ ଗୁଣାବଳୀର ଅନୁରୂପ ଭାବଧାରା ଓ ଘଟଣା ପ୍ରବାହରେ ଚରିତ୍ରଗୁଡିକର

ଗତିବିଧି ନିରୂପିତ ହୋଇଛି । ଏହିସବୁ ଦୃଷ୍ଟିରୁ ବିଚାର କଲେ ଯଥାର୍ଥରେ ସାରଳା ମହାଭାରତ ହେଉଛି ଏକ ଅନୁପମ ଚରିତ୍ର ଗୁଡିକର ବର୍ଣ୍ଣାଢ୍ୟ ଚିତ୍ରଶାଳା ।

**(୫) ଦାଣ୍ଡିବୃତ୍ତ:**

ସାରଳା ଦାସଙ୍କ ଅପୂର୍ବ କଳାତ୍ମକ ଛନ୍ଦରୀତି ହେଉଛି 'ଦାଣ୍ଡୀବୃତ୍ତ' । ଅକ୍ଷରର ଅସମାନତା ମଧ୍ୟରେ ସ୍ୱର ଓ ବିରାମ ସ୍ଥାନର ପ୍ରାଧାନ୍ୟ ନେଇ ଦାଣ୍ଡିବୃତ୍ତର ଅନର୍ଗଳ ସ୍ୱର ଲହର ସୃଷ୍ଟି ଶ୍ରୋତାକୁ ମୁଗ୍ଧ କରେ । ଏହି ବୃତ୍ତରେ ଦୁଇଟି ପାଦ ମଧ୍ୟରେ ବ୍ୟବହୃତ ଅକ୍ଷର ସଂଖ୍ୟା ସବୁଠି ସମାନ ନୁହେଁ । ପ୍ରଥମ ଧାଡି ବାରଅକ୍ଷର ତ ଦ୍ୱିତୀୟ ଧାଡ଼ିର ଅକ୍ଷର ସଂଖ୍ୟା ବାଇଶି । ଅନେକ କ୍ଷେତ୍ରରେ ଏହାର ଦୀର୍ଘତମ ପାଦ ୩୨ ଅକ୍ଷର ବିଶିଷ୍ଟ ଏବଂ କ୍ଷୁଦ୍ରତମ ପାଦ ୯ ଅକ୍ଷର ବିଶିଷ୍ଟ । ଏହାର ପ୍ରତ୍ୟେକ ପାଦ ଦୁଇପାଦ ବିଶିଷ୍ଟ ଏବଂ ଦୁଇ ପାଦର ଶେଷାକ୍ଷରର ମିଳନ ହୋଇଥାଏ । ଏଥିରେ ସମାନ ଅକ୍ଷର ବିଶିଷ୍ଟ ପାଦ ବେଶୀ ସଂଖ୍ୟାରେ ଦେଖାଯାଏ । ଯାହାର ଅକ୍ଷର ସଂଖ୍ୟା ୧୪ । ଡକ୍ଟର ବୃନ୍ଦାବନ ଆଚାର୍ଯ୍ୟଙ୍କ ମତ ଏ କ୍ଷେତ୍ରରେ ବିଚାର୍ଯ୍ୟ । ତାଙ୍କ ମତରେ-

''ଦଣ୍ଡେ ମାତ୍ର ବିଳମ୍ବ ନ କରି ଅନର୍ଗଳ ଯାହା ଏକା 'ଦାଣ୍ଡି'ରେ ଆବୃତ୍ତି କରାଯାଏ, ତାହା ହିଁ ସାରଳାଙ୍କର ଦାଣ୍ଡିବୃତ୍ତ । ଦାଣ୍ଡେ ଦାଣ୍ଡେ ଏ ଦେଶର ଗ୍ରାମୀଣ ଜନତା ଯେଉଁ ଭାବରେ କଥା କହୁଥିଲେ ବା ବୋଲୁଥିଲେ, ସେଥିରୁ ହିଁ ସାରଳା ଦାସ ଦାଣ୍ଡିବୃତ୍ତ ଆହରଣ କରିଅଛନ୍ତି ବୋଲି ମନେ କରିବା ଯଥାର୍ଥ ବୋଧ ହୁଏ । ତେଣୁ ଦାଣ୍ଡୀ ଏକ ଛନ୍ଦ ନୁହେଁ- ଏହା ହେଉଛି ସାରଳାଙ୍କର ଏକ ରଚନା ରୀତି ବା ଭଂଗୀ ।

ସାରଳାଙ୍କ ପୂର୍ବବର୍ତ୍ତୀ ଚର୍ଯ୍ୟାଗୀତିକାରେ ମଧ୍ୟ ପ୍ରାନ୍ତାନୁପ୍ରାସ ସମ ଥିବା ସ୍ଥଳେ ଅକ୍ଷର ସଂଖ୍ୟା ବିଷମ ଥିବାର ଦେଖାଯାଏ । ଏହି ସଂପର୍କରେ ଡଃ ମାୟାଧର ମାନସିଂହଙ୍କ ମତ ବେଶ୍ ପ୍ରଣିଧାନ ଯୋଗ୍ୟ । ତାଙ୍କ ଭାଷାରେ- ''ଖୁବ୍ ସମ୍ଭବତଃ କୃଷକ କବି ରତ୍ନଗିରି ମହାବିହାରର ଭ୍ରାମ୍ୟମାଣ ମହାଯାନୀ ବୌଦ୍ଧଭିକ୍ଷୁମାନେ ଚର୍ଯ୍ୟାପଦ ଗାଉଥିବାର ଶୁଣିଥିବେ ଓ ଶୁଣିଥିବା ପଦ୍ୟଗୀତିର ଅନୁକରଣର ହିଁ ସେ ନିଜ ଗ୍ରନ୍ଥ ରଚନା କରିବାର ଚେଷ୍ଟା କରିଥିବେ'' - ଅକ୍ଷର ବୈଷମ୍ୟ ପ୍ରତି ଧ୍ୟାନ ନଦେଇ ।

ବାସ୍ତବରେ ସାରଳା ଦାସଙ୍କ ରନୋସମ୍ଭାରଗୁଡିକରେ ବ୍ୟବହୃତ 'ଦାଣ୍ଡୀବୃତ୍ତ' ତତ୍‌କାଳୀନ ସମାଜରେ ବିରାମହୀନ କଥନ ଭଂଗୀର ପ୍ରଚଳିତ ଢଗଢମାଳି, କାହାଣୀଛଟା ଓ ବୌଦ୍ଧ ଚର୍ଯ୍ୟାଗୀତିକାର ରଚନା ଓ ଗାୟନ ରୀତି ଅନୁସରଣରେ 'ଦାଣ୍ଡୀବୃତ୍ତ' ପରି ଏକ ମୌଳିକ ରୀତିକୁ ହିଁ କବି ଗ୍ରହଣ କରି ନିଜର ମୌଳିକ ପ୍ରତିଭାର ପରିଚୟ ଦେଇଛନ୍ତି ।

## ସାରଳା ସାହିତ୍ୟର ବିଭିନ୍ନ ଦିଗ

**(୧) ରାଜନୀତିକ ପୃଷ୍ଠଭୂମି :**

ଓଡିଶାର ମାଟିର ଆଦିକବି ସାରଳା ଦାସଙ୍କ ମହାଭାରତ ଏକ ସାହିତ୍ୟକ ଗ୍ରନ୍ଥ । ପୌରାଣିକ ପରିବେଶ ମଧ୍ୟରେ ଏହା ଗଢି ଉଠିଥିଲେ ହେଁ, ଏହା କିନ୍ତୁ ଯଥାର୍ଥରେ ଓଡିଶାର ରାଜନୈତିକ ଇତିହାସର ଏକ ଅମୂଲ୍ୟ ଗନ୍ତାଘର । ଏଥିରେ ତତ୍‌କାଳୀନ ରାଜନୈତିକ ଅବସ୍ଥାର ଏକ ବିଶଦ ଚିତ୍ର ଦେଖିବାକୁ ମିଳିଥାଏ ।

ଖ୍ରୀ: ୧୪ମ, ୧୫ ଶତାବ୍ଦୀ ବେଳକୁ ସାରା ଉତ୍ତର ଭାରତ ମୁସଲମାନ ଶାସନର ଅଧୀନରେ ଥିଲା । ଦିଲ୍ଲୀରେ ସେତେବେଳେ ସୟଦ୍ ଓ ଲୋଦି ବଂଶର ସୁଲତାନମାନେ ରାଜତ୍ୱ କରୁଥିଲେ । ମହମ୍ମଦ ଶାହ (ଖ୍ରୀ: ୧୪୩୫-୧୪୫୫) ଙ୍କ ଠାରୁ ଆରମ୍ଭ କରି ସିକନ୍ଦର ଲୋଦି (ଖ୍ରୀ: ୧୪୮୯-୧୫୦୭) ପର୍ଯ୍ୟନ୍ତ ଦିଲ୍ଲୀ ସୁଲତାନମାନଙ୍କ ଅମଳରେ ହିନ୍ଦୁ ମାନଙ୍କର ଆର୍ଥିକ ଅବସ୍ଥା ଅତୀବ ଶୋଚନୀୟ ଅବସ୍ଥାକୁ ଚାଲିଆସିଥିଲା । ମୁସଲମାନମାନେ ହିନ୍ଦୁଜାତିର ସ୍ୱାଧିକାର ଉପରେ ଅଯଥା ହସ୍ତକ୍ଷେପ କରୁଥିଲେ । ସେମାନେ ହିନ୍ଦୁମାନଙ୍କର ମଠ, ମନ୍ଦିରକୁ ଧ୍ୱଂସ କରିବା ସଂଗେ ସଂଗେ ହିନ୍ଦୁରମଣୀମାନଙ୍କୁ ଅପହରଣ କରି ନିଜ ପରିବାରର ଦାସୀ ରୂପେ ନିଯୁକ୍ତ କରୁଥିଲେ । (୧) ବିଦ୍ୟାଳଙ୍କାର, ସତ୍ୟକେତୁ–ଭାରତୀୟ ସଂସ୍କୃତି ଔର ଉସକା ଇତିହାସ, ପୃ-୪୭୯)। ତେବେ କେତେକ ଉଦାରପନ୍ଥୀ ମୁସଲମାନ ନବାବଙ୍କ ଯୋଗୁଁ ମୁସଲମାନ ଧର୍ମ ଓ ସଂସ୍କୃତିର ପ୍ରଭାବ ହିନ୍ଦୁମାନଙ୍କ ଉପରେ ଓ ହିନ୍ଦୁମାନଙ୍କ ଧର୍ମ ଓ ସଂସ୍କୃତିର ପ୍ରଭାବ ମୁସଲମାନମାନଙ୍କ ଉପରେ ପ୍ରତିଫଳିତ ହୋଇଥିଲା । (୨) (Majumdar, The History of Culture of Indian People, Vol-VI-Page-XXIX) ତେବେ ଅଧିକାଂଶ ମୁସଲମାନ ଶାସକ ହିନ୍ଦୁମାନଙ୍କ ପ୍ରତି ଉତ୍ତମ ବ୍ୟବହାର କରୁ ନଥିଲେ । ସେମାନଙ୍କ ରାଜତ୍ୱକାଳର ହିନ୍ଦୁସମାଜ ଦୁର୍ବଳ ତଥା ମ୍ରିୟମାଣ ଅବସ୍ଥାରେ କେବଳ ବଂଚି ରହିଥିଲା । ବାସ୍ତବରେ ଏହି ଯୁଗ ଥିଲା ହିନ୍ଦୁଜାତି ପାଇଁ ଏକ ସଂକଟ ଓ ଅଶାନ୍ତିର ସମୟ ।

ଭାରତରେ ଏହି ଦୁର୍ଦ୍ଦଶା ସତ୍ତ୍ୱେ ସେତେବେଳେ ଉତ୍କଳ ଏକ ସ୍ୱାଧୀନ ହିନ୍ଦୁରାଜ୍ୟ ରୂପେ ସସମ୍ମାନେ ମୁଣ୍ଡଟେକି ଠିଆ ହୋଇଥିଲା । ବୀରତ୍ୱ, ଶୌର୍ଯ୍ୟ, ଐଶ୍ୱର୍ଯ୍ୟ ସବୁଦିଗରୁ ବିଚାର କଲେ ଓଡିଆ ଜାତି ଏହି କାଳରେ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । ଏହା ସମ୍ଭବ ହୋଇଥିଲା- ଦିଗ୍‌ବିଜୟୀ ସମ୍ରାଟ କପିଳେନ୍ଦ୍ରଦେବଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ , ଯିଏ କି ଓଡିଆ ଜାତିକୁ ଏକ ଦୁର୍ଦ୍ଧର୍ଷ ଜାତିର ପରିଚୟ ଦେଇଥିଲେ ଭାରତ ଇତିହାସରେ ।

ଅତୀତ ଉତ୍କଳରେ ବହୁ ରାଜବଂଶ ପ୍ରତିଷ୍ଠିତ ହୋଇଥିଲା । ଏହି ବଂଶର ରାଜାମାନେ ଉତ୍କଳକୁ ଶାସନ କରୁଥିଲେ । ଐର ଖାରବେଳ, ମୌର୍ଯ୍ୟ ଅଶୋକ ଓ ସମୁଦ୍ରଗୁପ୍ତଙ୍କ ପରି ପରାକ୍ରମଶାଳୀ ରାଜାଙ୍କ ପରେ ଉତ୍କଳ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ଏହାର ବିଭିନ୍ନ ଅଂଶ କଳିଙ୍ଗ, କଙ୍ଗୋଦ, ତୋଷଳ, କୋଶଳ, ଉଡ୍ର ଓ ଉତ୍କଳ ନାମରେ ପରିଚିତ ଥିଲା । ଏହି ସବୁ ରାଜ୍ୟରେ ବିଭିନ୍ନ ରାଜବଂଶ ରାଜତ୍ୱ କରୁଥିଲେ। ସେମାନଙ୍କ ମଧ୍ୟରୁ ଶୈଳୋଦ୍ଭବ ବଂଶ (ଖ୍ରୀ: ୫୭୦-୭୩୫ ଶିଳାରୁ ଉଦ୍‌ଭବ ହୋଇଥିବାରୁ ସେହି ରାଜବଂଶକୁ ଶୈଳୋଦ୍ଭବ ରାଜବଂଶ କୁହାଯାଏ-କବି ଦନ୍ତୀ) କଙ୍ଗୋଦ ରାଜ୍ୟରେ, ଭୌମକର ରାଜବଂଶ (ଖ୍ରୀ: ୭୩୬ ରୁ ୯୫୦) ତୋଷଳ ରାଜ୍ୟରେ, ସୋମ ବା କେଶରୀ ବଂଶ (୧୦ମରୁ ୧୨ମ ଶତାବ୍ଦୀ) ଦକ୍ଷିଣକୋଶଳ ରାଜ୍ୟରେ ଶାସନ କରୁଥିଲେ । ଭୌମବଂଶୀୟ ନାରୀମାନେ ଉତ୍ତରାଧିକାରୀ ସୂତ୍ରରେ ଶାସିକାଭାବେ ଶାସନ କରୁଥିବାର ପ୍ରମାଣ ମିଳେ । ଏହି ରାଜବଂଶ ସମୟରେ ଓଡିଶାରେ ସଂସ୍କୃତ ଭାଷାର ଯଥେଷ୍ଟ ରାଜକୀୟ ଆଦର ଥିଲା । କେଶରୀ ବଂଶ ପରେ ଗଙ୍ଗ ବଂଶର ରାଜା ବଜ୍ରହସ୍ତ ୩ୟ (ଖ୍ରୀ:ଅ ୧୦୩୭-୧୦୭୦) ତ୍ରିକଳିଙ୍ଗାଧିପତି ଉପାଧି ଧାରଣ କରି ଉତ୍କଳକୁ ଶାସନ କରୁଥିଲେ । ଏହି ତ୍ରିକଳିଙ୍ଗ ଥିଲା-କଙ୍ଗୋଦ, ଉତ୍କଳ ଓ କଳିଙ୍ଗ । ତାଙ୍କ ପରେ ଏହି ବଂଶରେ ପ୍ରାୟ ଷୋଳ ଜଣ ରାଜା ରାଜୁତି କରି ଓଡିଶାର ରାଜନୀତି, ସଂସ୍କୃତି ଓ ସମାଜରେ ସ୍ଥିରତା ଆଣିବା ଦିଗରେ ସକ୍ଷମ ହୋଇଥିଲେ। ସେମାନଙ୍କ ରାଜତ୍ୱ କାଳରେ ଓଡିଶାର ସ୍ଥାପତ୍ୟ କଳା ଚରମ ସୀମାରେ ପହଞ୍ଚିପାରିଥିଲା । ସଂସ୍କୃତ ବିଦ୍ୱାନଙ୍କ ଦାନରେ ଓଡିଶାର ସାହିତ୍ୟିକ ପୃଷ୍ଠଭୂମି ବେଶ୍ ସୁଦୃଢ ଥିଲା। ଏହି ସମୟରେ ଓଡିଆ ଲିପି ଅପଭ୍ରଂଶ ସ୍ତରରୁ କ୍ରମବିକଶିତ ସ୍ତର ଦେଇ ତାହାର ସ୍ୱକୀୟ ସ୍ଥିତି ଲାଭ କରିବାକୁ ସମର୍ଥ ହୋଇଥିଲା ।

ସାମ୍ରାଜ୍ୟବାଦୀ ଗଂଗରାଜତ୍ୱକାଳରେ ଓଡିଶାର ଅଭୂତପୂର୍ବ ପ୍ରଗତି ଓ ପରିବର୍ତ୍ତନ ଆସିଥିଲା । ରାଜନୀତି, ସଂସ୍କୃତି ଓ ଅର୍ଥନୀତି ଆଦି ସବୁକ୍ଷେତ୍ରରେ ନୂତନତ୍ୱର ପରିଚୟ ମିଳିଥିଲା । ଏକ ସମୃଦ୍ଧ ନବଯୁଗର ବାର୍ତ୍ତାବହ ରୂପେ ଗଂଗ ରାଜତ୍ୱକୁ ଓଡିଶା ଇତିହାସରେ ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ । ପ୍ରଭାବଶାଳୀ ଓ ଦୂରଦ୍ରଷ୍ଟା ଗଂଗସମ୍ରାଟମାନେ ଓଡିଶା ଦେଶ, ଓଡିଆ ଭାଷା, ଓଡିଆ ଲିପି, ଓଡିଆ ସାହିତ୍ୟ ଓ ଗୌରବମୟ ଓଡିଆ ସଂସ୍କୃତିର ପୃଷ୍ଠପୋଷକ ଓ ପ୍ରବର୍ତ୍ତକ ଥିଲେ । (୩) ମିଶ୍ର, ପ୍ରବୋଧ କୁମାର – ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି– ପୃ-୧୬୨)। ଖ୍ରୀ: ୧୪୩୫ ବେଳକୁ ଗଂଗଯୁଗର ଅବସାନ କାଳରେ ସମାଜ ଓ ସାହିତ୍ୟରେ ଆରମ୍ଭ ହେଲା ନବଯୁଗ । ଯେଉଁ ବଂଶର ଶାସନ କାଳରେ ବ୍ରାହ୍ମଣମାନେ ଅଖଣ୍ଡ କ୍ଷମତା ଜାହିର କରି ସଂସ୍କୃତ ଭାଷା ଓ ସାହିତ୍ୟ ମାଧ୍ୟମରେ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରୁଥିଲେ ଓ ରାଜଦରବାରରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ସାଧାରଣ ଜନତାଙ୍କ ପ୍ରତି ମମତା କ୍ରମଶଃ ସେମାନଙ୍କଠାରୁ ଦୁରେଇଗଲା କ୍ଷଣ ଓ ଦୂଷଣର ପ୍ରାଦୁର୍ଭାବରେ । ଜ୍ଞାନଚର୍ଚ୍ଚା ଓ ପାଣ୍ଡିତ୍ୟ ପ୍ରଦର୍ଶନୀ ବିଳାସ ଆଉ ବ୍ରାହ୍ମଣମାନଙ୍କର ଏକଚାଟିଆ ଅଧିକାର ହୋଇ ରହିଲା ନାହିଁ । ସେମାନଙ୍କ ସ୍ଥାନରେ ଶୁଦ୍ରମାନେ ବିଦ୍ୟାଧ୍ୟୟନ ଓ ସାହିତ୍ୟ ଚର୍ଚ୍ଚାରେ ମନୋନିବେଶ କଲେ । ଫଳରେ ସାମାଜିକ ସ୍ତରରେ ସୃଷ୍ଟିହେଲା ଏକ ଆଲୋଡନ ଓ ବିପ୍ଳବ । ଏହିପରିଭାବେ ଚତୁର୍ଦ୍ଦଶ ଶତାବ୍ଦୀର ସାମାଜିକ ଅନ୍ତର୍ବିପ୍ଳବ ପଞ୍ଚଦଶ ଶତାବ୍ଦୀରେ ରାଜନୀତିକ ରୂପ ଗ୍ରହଣ କଲା । ଏହି ରୂପାୟନର ପୁରୋଧା ଥିଲେ ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ରଦେବ । ସେ ଯେ କେବଳ ଏକ ନୂତନ ରାଜବଂଶର ପ୍ରତିଷ୍ଠତା ନଥିଲେ, ସେ ଥିଲେ ଯଥାର୍ଥରେ ନୂତନ ସଂସ୍କୃତିକ ଜାଗରଣର ଧ୍ରୁବତାରା । ନୂତନ ସଂସ୍କୃତି, ନୂତନ ଭାଷା, ନୂତନ ସମାଜ, ନୂତନ ରାଜତନ୍ତ୍ର, ସାମ୍ରାଜ୍ୟବାଦର ଅବସାନ ଘଟାଇ ସେମାନେ ଇତିହାସ ପୃଷ୍ଠାରେ ନବଯୁଗର ବାର୍ତ୍ତା ପ୍ରଚାର କଲେ ।

ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବଙ୍କ ସିଂହାସନ ଆରୋହଣ କାଳରେ-ଉତ୍କଳର ଚତୁର୍ଦ୍ଦିଗରେ ପ୍ରତାପଶାଳୀ ରାଜାମାନେ ରାଜତ୍ୱ କରୁଥିଲେ । ଗୋଟିଏ ପଟରେ ବଂଗଳାର ସୁଲତାନ ଓ ଅନ୍ୟ ଦିଗରେ ବାହମନୀ ଏବଂ ବିଜୟନଗର ରାଜ୍ୟ ଘେରି ରହିଥିଲା । ପ୍ରଥମେ ସେ ବଂଗ ଓ ମାଳବର ସୁଲତାନମାନଙ୍କୁ ପରାସ୍ତ କରି ପରେ ବିଜୟ ନଗର ଓ ବାହମନୀର ଶାସକମାନଙ୍କୁ

ପରାଭୂତ କଲେ । ଏହାପରେ ସେ 'କାଳବର୍ଗେଶ୍ୱର' ଉପାଧିରେ ଭୂଷିତ ହେଲେ । (୪) Rao, C.V– The Later Eastern Gangas and the Suryavansa Gajapati–P-144). ଦକ୍ଷିଣରେ ଉଦୟଗିରି, ଚନ୍ଦ୍ରଗିରି, ରେଡ୍ଡିରାଜ୍ୟ କୋଣ୍ଡବିଡ୍ଡୁ, ନେଲୋର ଓ କୋଣ୍ଡାପିଲି ତାଙ୍କର ଅଧୀନକୁ ଚାଲିଯାଇଥିଲା । ଏବେ ତାଙ୍କର ସାମ୍ରାଜ୍ୟର ସୀମା ଗଂଗାନଦୀଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହେଲା । ଏହା ଫଳରେ କପିଳେନ୍ଦ୍ର ଦେବ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଉପାଧିରେ ଭୂଷିତ ହୋଇଥିଲେ । (୫) Das M.N, History and Culture of Odisha–P-100).

ଏହିପରି ଏକ ଅନୁକଳ ରାଜନୈତିକ ପରିବେଶ ଓ ସମୃଦ୍ଧ ସମୟରେ ସାରଳାଦାସ ମହାଭାରତ ରଚନା କରିଥିଲେ । ସମଗ୍ର ଓଡିଶା, କପିଳେନ୍ଦ୍ରଙ୍କ ପରି ବୀର ସୁଶାସକ ତଥା ପ୍ରଜାନୁରାଗୀ ଗଜପତିଙ୍କ ଶାସନାଧୀନ ହୋଇ ସୁଖ ଓ ଐଶ୍ୱର୍ଯ୍ୟ ଉପଭୋଗ କରୁଥିଲା । ତେଣୁ ସାରଳାଙ୍କ ମହାଭାରତରେ ଏହାର କେତେକ ଐତିହାସିକ ଘଟଣା ପ୍ରତିବିମ୍ବିତ ହେବା ସ୍ୱାଭାବିକ। ବାସ୍ତବରେ ପୁରାଣ ପୃଷ୍ଠରେ ସାରଳା ଦାସ ଯେଉଁ ଘଟଣାସବୁ ସୁସଜ୍ଜିତ କରିଯାଇଛନ୍ତି, ସେସବୁ ଇତିହାସ ନ ହେଲେ ବି ଇତିହାସର ଆଭାସିକ ଚିତ୍ର ରୂପେ ଗ୍ରହଣ କରାଯାଇପାରେ । (୬) ସାହୁ, ଉଦୟନାଥ–ପୂର୍ବ ଭାରତୀୟ ମହାଭାରତ ପରଂପରା–ପୃ-୨୯)।

## ସାରଳା ସାହିତ୍ୟର ସାମାଜିକ ପୃଷ୍ଠଭୂମି ଓ ଦିଗ

### ସାମାଜିକ ପୃଷ୍ଠଭୂମି :

ପଞ୍ଚଦଶ ଶତାବ୍ଦୀର ସାମାଜିକ ପୃଷ୍ଠଭୂମିରେ ସାରଳାଦାସଙ୍କ ଗ୍ରନ୍ଥଗୁଡିକର ତାତ୍ପର୍ଯ୍ୟ ବୁଝିବାକୁ ହେଲେ ଆମକୁ ସମସାମୟିକ କାଳଖଣ୍ଡକୁ ପ୍ରଥମେ ଅନୁଶୀଳନ କରିବାକୁ ହେବ । କାରଣ ସାରଳା ଦାସ ଜଣେ ସମାଜ ସଚେତନ ଶିଳ୍ପୀଭାବେ ସମାଜରେ ପ୍ରଚଳିତ ପରଂପରା ପ୍ରତି ବିଶେଷ ଭାବେ ସଚେତନ ଥିବାର ଜଣାଯାଏ । ସେଥିପାଇଁ ତ ସେ ସଂସ୍କୃତର ବହୁ ପ୍ରସିଦ୍ଧ କଥା ଓ ପ୍ରଥାକୁ ସାମାଜିକ ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରିଦେଇଛନ୍ତି । ଏ ଦୃଷ୍ଟିରୁ ବିଚାର କଲେ ସାରଳାଙ୍କ ସାହିତ୍ୟ ଏ ଢାଞ୍ଚିରେ, ସମାଜ-ଜୀବନର ଏକ ମନୋରମ ଚିତ୍ରଶାଳା ହୋଇଛି।

**(୧) ବର୍ଣ୍ଣାଶ୍ରମ:** (କ) ପ୍ରାଚୀନ ଇତିହାସରୁ ଜଣାଯାଏ, ଗୁପ୍ତ ସମ୍ରାଟମାନେ ଥିଲେ ବ୍ରାହ୍ମଣ୍ୟଧର୍ମର ପ୍ରଧାନ ପୃଷ୍ଠପୋଷକ। ସେମାନଙ୍କ ପୃଷ୍ଠପୋଷକତାରେ ବ୍ରାହ୍ମଣ୍ୟଧର୍ମର ଅଭ୍ୟୁଦୟ ଘଟିଥିଲା । ପରବର୍ତ୍ତୀ ସମୟରେ ଓଡିଶାରେ ମାଠର, ଶୈଳୋଦ୍ଭବ, ସୋମ ଓ ଭୌମକର ପ୍ରଭୃତି ରାଜବଂଶ ଏବଂ ସେମାନଙ୍କ ସାମନ୍ତଗୋଷ୍ଠୀ ଗୁପ୍ତମାନଙ୍କର ଧର୍ମନୀତିକୁ ଅନୁସରଣ କରି ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକତା ମଧ୍ୟ କରିଥିଲେ। ପରବର୍ତ୍ତୀ କାଳରେ ଗଂଗ ଓ ସୂର୍ଯ୍ୟବଂଶୀ ରାଜାଗଣଙ୍କ ଶାସନ କାଳରେ ବ୍ରାହ୍ମଣମାନଙ୍କୁ ସମାଜରେ ଉଚ୍ଚାସନର ଅଧିକାରୀ ତଥା ଦେବତୁଲ୍ୟ ଜାତିରୂପେ ଅନେକ ଭୂମି ଗ୍ରାମାଦି ଦାନ କରିଥିଲେ। ସେତେବେଳକାର ' ବର୍ଣ୍ଣାଶ୍ରମ ଧର୍ମ' ଅନୁସାରେ ସମାଜରେ ଚାରିଗୋଟି ବର୍ଣ୍ଣ ବା ଜାତିର ପ୍ରଚଳନ ଥିଲା। ଯଥା- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ଏପରିକି ବ୍ୟକ୍ତିଗତ ଜୀବନଚର୍ଯ୍ୟା ମଧ୍ୟ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଯତିବ୍ରତ ଆଦି ପର୍ଯ୍ୟାୟରେ ବିଭକ୍ତ ଥିଲା। ପ୍ରତ୍ୟେକ ବର୍ଣ୍ଣ ବା ଜାତିର ବ୍ୟକ୍ତି ଜୀବନର ପ୍ରତ୍ୟେକ ସ୍ତରରେ ଶାସ୍ତ୍ରସମ୍ମତ କର୍ତ୍ତବ୍ୟ ସଂପାଦନ କରୁଥିଲେ । ରାଜାମାନେ ସେମାନଙ୍କ ରାଜ୍ୟରେ ବର୍ଣ୍ଣାଶ୍ରମଧର୍ମର ପ୍ରତିପାଳନ ଓ ସୁରକ୍ଷା ନିମନ୍ତେ ବିଶେଷଭାବେ ଧ୍ୟାନ ଦେଉଥିଲେ ।

ବର୍ଣ୍ଣାଶ୍ରମଧର୍ମ ଅନୁସାରେ ରାଜାଙ୍କଠାରୁ ସାଧାରଣ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ବ୍ରାହ୍ମଣମାନଙ୍କୁ ଦେବତୁଲ୍ୟ ଜ୍ଞାନ କରୁଥିଲେ। କାରଣ ସେମାନଙ୍କ ମୁଖ୍ୟ ଦାୟିତ୍ୱ ଥିଲା ବୈଦିକ ଧର୍ମ ଓ ସଂସ୍କୃତିର ସୁରକ୍ଷା । ସେମାନେ ଆଦର୍ଶ ଜୀବନ ଯାପନ କରୁଥିଲେ। ପ୍ରଶାସନ କ୍ଷେତ୍ରରେ ମଧ୍ୟ ବ୍ରାହ୍ମଣମାନେ ପ୍ରବେଶ କରି ନିଜର ଦକ୍ଷତା ପ୍ରମାଣିତ କରୁଥିଲେ । ଉଦାହରଣ ସ୍ୱରୂପ ସୋମବଂଶୀ ରାଜା ମହାଭାବଗୁପ୍ତ ପ୍ରଥମ ଜନ୍ମେଜୟଙ୍କ ତିଳକ ନାମକ ଜଣେ ମନ୍ତ୍ରୀ ଥିଲେ । ପ୍ରଶାସନ କ୍ଷେତ୍ରରେ ତାଙ୍କର ବେଶ୍ ସୁଖ୍ୟାତିଥିଲା। ଗଙ୍ଗ ସମ୍ରାଟ ଚୋଡଗଂଗ ଶ୍ରୀକୂର୍ମରଙ୍କ ଏକ ଅଭିଲେଖରୁ ଜଣାଯାଏ, ଦେବତା , ପିତୃପୁରୁଷ ଓ ବ୍ରାହ୍ମଣମାନଙ୍କ ସନ୍ତୋଷ ବିଧାନ ପାଇଁ ଅନେକ ଅର୍ଥ, ଭୂମି ଓ ଗ୍ରାମାଦି ଦାନ କରିଥିଲେ। ସେସମୟରେ କେତେକ ବ୍ରାହ୍ମଣ ସମାଜରେ ବୈଦିକ ସାହିତ୍ୟର ଅଧ୍ୟୟନ ଓ ଅଧ୍ୟାପନା ବ୍ୟତୀତ ପୌରୋହିତ୍ୟ କାର୍ଯ୍ୟକରି ଜୀବିକା ନିର୍ବାହ କରୁଥିଲେ। ଆଉ କେତେକ ବ୍ରାହ୍ମଣ ମନ୍ଦିରରେ କେବଳ ପୂଜକ ଭାବେ ନିଯୁକ୍ତ ହୋଇଥିଲେ । ମୋଟ ଉପରେ ସେତେବେଳେର ସମାଜରେ ବ୍ରାହ୍ମଣକୂଳ ଥିଲା ଅଖଣ୍ଡ କ୍ଷମତାର ଅଧିକାରୀ।

ସମାଜରେ ଶିକ୍ଷାଦାନ କାର୍ଯ୍ୟରେ ସେମାନଙ୍କୁ ସର୍ବମାନ୍ୟ ଆଚାର୍ଯ୍ୟ (ଗୁରୁ) ଭାବରେ ଗ୍ରହଣ କରାଯାଉଥିଲା । ଯାହାର ପ୍ରମାଣ ମିଳେ ସାରଳାଙ୍କ ମହାଭାରତରୁ । ଯଥା- ଧୃତରାଷ୍ଟ୍ର ଓ ପଣ୍ଡୁଙ୍କ ଶିକ୍ଷାଦାତା ଥିଲେ ଲୋକେଶ୍ୱର ଗୁରୁ । ଶ୍ରୀକୃଷ୍ଣ ଓ ବଳରାମଙ୍କ ଶିକ୍ଷାଗୁରୁ ଥିଲେ ଶାନ୍ତିପନି । ଆଉ କୌରବ ଓ ପାଣ୍ଡବଙ୍କ ବିଦ୍ୟାଗୁରୁ ଥିଲେ କାଶୀପତି । ଏମାନେ ସମସ୍ତେ ବ୍ରାହ୍ମଣ କୁଳର ଥିଲେ।

**(ଖ) କ୍ଷତ୍ରିୟ**

ସମାଜରେ କ୍ଷତ୍ରିୟମାନଙ୍କର ଏକ ଗୌରବମୟ ଭୂମିକା ଥିଲା । ଦେଶର ଶାସନ ଓ ସୁରକ୍ଷା ସେମାନଙ୍କ ଉପରେ ସଂପୂର୍ଣ୍ଣ ଭାବେ ନ୍ୟସ୍ତ ଥିଲା । ଓଡିଶାରେ ବ୍ରାହ୍ମଣ୍ୟଧର୍ମର ପ୍ରତିଷ୍ଠା କାଳରେ ପ୍ରଶାସନିକ କ୍ଷେତ୍ରରେ ବିଭିନ୍ନ ଆଦିବାସୀ ସଂପ୍ରଦାୟର ଦଳପତିମାନେ ଅବସ୍ଥାପିତ ହୋଇଥିଲେ । ପରେ ବ୍ରାହ୍ମଣମାନେ ସେମାନଙ୍କୁ ଆର୍ଯ୍ୟ ସଂସ୍କୃତିରେ ଦୀକ୍ଷିତ କରାଇ କ୍ଷତ୍ରିୟ ବର୍ଣ୍ଣରେ ଗ୍ରହଣ କରିନେଇଥିଲେ । ଗଂଗମାନଙ୍କ ଅଧିନରେ କେତେକ କ୍ଷତ୍ରିୟ ରାଜବଂଶ ବି ଥିଲେ । ସୂର୍ଯ୍ୟବଂଶୀ ନରପତିଗଣ ଥିଲେ କ୍ଷତ୍ରିୟ ବଂଶଜ । ଦେଶରକ୍ଷା କାର୍ଯ୍ୟରେ ନିଯୁକ୍ତ ଥିବାରୁ କ୍ଷତ୍ରିୟମାନେ ଯୁଦ୍ଧବିଦ୍ୟାରେ ସୁଶିକ୍ଷା ଲାଭ କରିଥିଲେ । ଏବିଷୟ ସାରଳାଦାସ ରାଜପୁତ୍ରମାନଙ୍କ ଶିକ୍ଷା ପ୍ରସଂଗରେ ଉପସ୍ଥାପନ କରିଛନ୍ତି ।

**(ଗ) ବୈଶ୍ୟ**

ସେସମୟରେ ସମାଜରେ ବୈଶ୍ୟମାନଙ୍କର ମୁଖ୍ୟ କର୍ମଥିଲା ବାଣିଜ୍ୟ, କୃଷି ଓ ପଶୁପାଳନ । ବାଣିଜ୍ୟ ସହିତ ସଂପୃକ୍ତ ଥିବାରୁ ଏମାନଙ୍କୁ 'ବଣିକପୁତ୍ର' ବୋଲି କୁହାଯାଉଥିଲା । ଏମାନେ ବ୍ୟବସାୟ ଓ ବାଣିଜ୍ୟଦ୍ୱାରା ଦେଶକୁ ସମୃଦ୍ଧ କରୁଥିଲେ । ରାଜା ବା ସାମନ୍ତମାନଙ୍କଠାରୁ ଏମାନେ ଯଥେଷ୍ଟ ସାହାଯ୍ୟ ଲାଭ କରୁଥିଲେ । କଳିଙ୍ଗର ଗଂଗବଂଶୀ ରାଜା ମଧୁକାମାର୍ଣ୍ଣବଙ୍କର ଚିକାକୋଲ ତାମ୍ରଶାସନରେ 'ବୈଶ୍ୟକୁଳ ବଂଶ'ର ଶ୍ରୀ ଏରମା ନାୟକଙ୍କୁ ତିନୋଟି ଗ୍ରାମ ଦାନ କରାଯାଇଥିବାର ଉଲ୍ଲେଖ ରହିଛି । ସାରଳାଦାସ 'ମହାଭାରତର' ସ୍ୱର୍ଗାରୋହଣ ପର୍ବରେ ଯୁଧିଷ୍ଠିରଙ୍କ ସୁହାଣୀକନ୍ୟା ସହ ବିବାହ ପ୍ରସଂଗରେ ସୁନାରୁପା ବ୍ୟବସାୟ କରୁଥିବା ହରି ସାହୁ କଥା ଛଳରେ ବୈଶ୍ୟଜାତିର ପରିଚୟ ପ୍ରଦାନ କରିଛନ୍ତି । ଏହି କ୍ରମରେ ସାରଳା ଦାସ ବୈଶ୍ୟ ଜାତି ମଧରେ ବ୍ୟବସାୟିକ ମିଥ୍ୟାଚାର ଓ ଲୋଭ ପରାୟଣୀତା ତୀବ୍ର ଥିବାର ଉଲ୍ଲେଖ କରିଛନ୍ତି ।

**(ଘ) ଶୁଦ୍ର**

ବର୍ଣ୍ଣାଶ୍ରମଧର୍ମର ଚତୁର୍ଥ ତଥା ଶେଷବର୍ଣ୍ଣ ହେଉଛନ୍ତି ଶୁଦ୍ର । ସେମାନେ ଉପରୋକ୍ତ ତିନି ଜାତିର ଥିଲେ ସେବକ । ସେମାନେ ମୁଖ୍ୟତଃ କୃଷିକାର୍ଯ୍ୟରେ ନିପୁଣ ଥିଲେ । ଗୋପାଳନ, ବାଣିଜ୍ୟ, ଚିତ୍ରକଳା, ନୃତ୍ୟ, ଗାୟନ ଓ ବାଦନ ଇତ୍ୟାଦି ଥିଲା ସେମାନଙ୍କର ସାମାଜିକ କାର୍ଯ୍ୟ । କାଳକ୍ରମେ ବୃତ୍ତି ଭିତିରେ ସେମାନେ ବିଭିନ୍ନ ଜାତିରେ ବିଭକ୍ତ ହେଲେ । ଏପରିକି କେତେକ ବୃତ୍ତି ବୈଶ୍ୟ ଓ ଶୁଦ୍ରବର୍ଣ୍ଣର ଉଭୟଙ୍କ ପାଇଁ ଜୀବିକାର୍ଜନ ପାଇଁ ସ୍ୱୀକୃତ ହେଲା । ଫଳରେ ଶୁଦ୍ର ଓ ବୈଶ୍ୟ ମଧ୍ୟରେ ପ୍ରଭେଦ ରେଖା କ୍ରମଶଃ ସଂକୁଚିତ ହୋଇଆସିଲା । ବର୍ଣ୍ଣ ଅପେକ୍ଷା ଜାତି ଉପରେ ଅଧିକ ଗୁରୁତ୍ୱ ଆରୋପିତ ହେଲା। ସାରଳା ଦାସଙ୍କ ସମୟରେ ଏହିପରି ଜାତିପ୍ରଥା ଥିଲା । ସେହିକାରଣରୁ ସାରଳାଦାସ ନିଜକୁ 'ଶୁଦ୍ରମୁନି' ଭାବରେ ପରିଚିତ ଥିଲେ।

**(୨) ବାଲ୍ୟବିବାହ ପ୍ରଥା :**

ତତ୍‌କାଳୀନ ସମାଜରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା । ଏଥିରେ ବର ତୁଳନାରେ କନ୍ୟାର ବୟସ ଖୁବ୍ କମ୍ ଥିଲା । ତା'ର ପରିଣତିରେ ଅନେକ ବ୍ରାହ୍ମଣକୁଳର କନ୍ୟା ବାଲ୍ୟବିଧବା ହେଉଥିଲେ। ଅନ୍ୟ ଜାତିରେ ବିଧବା ବିବାହ ପ୍ରଥା ପ୍ରଚଳିତ ଥିବାବେଳେ ବ୍ରାହ୍ମଣ ସମାଜରେ ତାହା ନିଷିଦ୍ଧ ଥିଲା । ଫଳରେ ବ୍ରାହ୍ମଣକୁଳର ବାଲ୍ୟବିଧବାରମଣୀ ସମାଜରେ ନିରାପଦ ଆଶ୍ରୟଟିଏ ନ ପାଇଁ ଘୋର ଅନିଶ୍ଚିତତା ମଧ୍ୟରେ କାଳାତିପାତ କରୁଥିଲେ । ଏହାର ସୁଯୋଗ ନେଇ ଅନ୍ୟମାନେ ସେମାନଙ୍କ ଉପରେ ନାନା ପ୍ରକାରର ଅତ୍ୟାଚାର କରୁଥିଲେ । ବିଶେଷକରି ବ୍ରାହ୍ମଣ ଜାତି ପରି ଏକ ଶ୍ରେଷ୍ଠଜାତି ଏପରି କୁକର୍ମରେ ଜଡିତ ହେବା ଦେଖି ସମାଜ ସଚେତନ ଶିଳ୍ପୀ ସାରଳା ଦାସ ମହାଭାରତର ଆଦିପର୍ବରେ ବର୍ଣ୍ଣିତ ଶିଶିକର ବିପ୍ରଙ୍କ ପତ୍ନୀ ଶ୍ରିୟା, ବନଖଣ୍ଡର ମଧୁଶ୍ରବଣ ବିପ୍ରର ପତ୍ନୀ ବିଧବା କୁରଙ୍ଗୀନୀ ଆଦି ଉପାଖ୍ୟାନ ଛଳରେ ଏହି ସତ୍ୟକୁ ପ୍ରମାଣିତ କରିଛନ୍ତି । ବିଶେଷ କରି ବିଧବାର ନୈତିକସ୍ଖଳନ ସମାଜରେ ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ଭାବେ ବିବେଚିତ ହେଉଥିଲା। ଯାହାକୁ ସାରଳା ଦାସ ଉପରୋକ୍ତ ଉପାଖ୍ୟାନ ଓ ପରିଣତିକୁ ନେଇ ବାଲ୍ୟ-ବିବାହ ପ୍ରଥାର ଘୋର ସମାଲୋଚନା କରିଛନ୍ତି।

ସେହି ସମୟର ସମାଜରେ କ୍ଷତ୍ରିୟ ନାରୀମାନେ ବର ନିର୍ବାଚନରେ ଅପେକ୍ଷାକୃତ ସ୍ୱାଧୀନ ଥିଲେ। ସେମାନେ ଯଦିଓ ଯୁବତୀ ବୟସରେ ବିବାହ କରୁଥିଲେ, ତଥାପି ବିବାହ ପୂର୍ବରୁ ଗୋପନରେ ପ୍ରିୟ ସହିତ ମିଳିତ ହେବାରେ କୌଣସି ବାଧା ନଥିଲା । ଏ ଦିଗରେ ବୃଦ୍ଧା ସହଚରୀମାନେ ସେମାନଙ୍କ ଗୋପନ ଅଭିସାର କାର୍ଯ୍ୟର ପ୍ରେରଣାଦାତ୍ରୀ ଥିଲେ। ଏହାକୁ ସାରଳା ଦାସ ନିନ୍ଦା କରିଛନ୍ତି । ମଧ ପର୍ବରେ ବର୍ଣ୍ଣିତ ଚନ୍ଦ୍ରାବତୀ-ଶାମ୍ବ, ଉଷା-ଅନିରୁଦ୍ଧ ଓ ସୁଭଦ୍ରା- ଅର୍ଜ୍ଜୁନଙ୍କ ପ୍ରାକ୍-ବିବାହ ପ୍ରେମରେ ଅଂଗ ସଙ୍ଗର ବୃତ୍ତାନ୍ତର ଅବତାରଣା ଦେଇ ।

ସେତେବେଳେ ସମାଜରେ କନ୍ୟା ଋତୁମତୀ ହେବା ପୂର୍ବରୁ ବିବାହ କରିବାଥିଲା ସାମାଜିକ ନୀତି । ଯାହାକୁ କି ସାରଳା ଦାସ ମହାଭାରତର ଆଦିପର୍ବରେ ବର୍ଣ୍ଣିତ ତପତୀର ବିବାହ ବେଳେ ଆଦିତ୍ୟଙ୍କ ବଚନୀରେ ପ୍ରକାଶ ପାଇଛି - ଏହିପରି

''ଦୋହିତା ପିତା ଘରେଣ ହୋଇଲେ ରଜବତୀ
ପିତୃଲୋକମାନେ ଯେ ହୁଅନ୍ତି ନର୍କ ଗତି ।

ବିବାହ ନିମିତ୍ତ କୁଳ, ଶୀଳ, ମାନ ମର୍ଯ୍ୟାଦା ପ୍ରତି ଧ୍ୟାନରଖି ପିତାମାତା ବରପାତ୍ର ନିର୍ଣ୍ଣୟ କରୁଥିଲେ, କିନ୍ତୁ କେତେକ ରାଜପରିବାରରେ କନ୍ୟାର ମତ ଉପରେ ବିବାହ କରାଯାଉଥିବାର କବି ସାରଳାଦାସ ବର୍ଣ୍ଣନା କରିଛନ୍ତି । ହାରାବତୀ, ଉଷା, ସୁଭଦ୍ରା ନିଜ ନିଜର ପତି ନିଜେ ନିର୍ବାଚନ କରିଥିଲେ । କେତେକ କ୍ଷେତ୍ରରେ ବର-କନ୍ୟାଙ୍କର ଲକ୍ଷଣ ନିର୍ଣ୍ଣୟ କରି ପିତା ସେହି ଲକ୍ଷଣ ବିଶିଷ୍ଟ ପାତ୍ର ପାଇଁ ଅନ୍ୱେଷଣ କରୁଥିଲେ । ଉଦାହରଣ ସ୍ୱରୂପ ଭାନୁମତୀଙ୍କ ସ୍ୱୟଂବରରେ ତାଙ୍କର ପିତା ଆଗରୁ ସ୍ଥିର କରିଥିଲେ ଯେ, ଯାହାଙ୍କ ହସ୍ତରେ ଶଂଖନିଧି ଚିହ୍ନ ଥିବ-ସେ ତାହାକୁ କନ୍ୟାଦାନ କରିବେ ।

## (୩) ଶୃଙ୍ଖଳିତ ପାରିବାରିକ ଜୀବନଧାରା :

(କ) ପୁରୁଷ ଓ ନାରୀ -ଉଭୟଙ୍କ ମିଳନରେ ସମାଜର ସୃଷ୍ଟି । ବିବାହ ପରେ ଶୃଙ୍ଗାର ବଂଗଇବା ଯେପରି ଏକ ଅପରାଧ, ଦିନବାର ନ ମାନି ଶୃଙ୍ଗାରରେ ଜଡିତ ହେବା ମଧ ସେହିପରି ଏକ ଦୋଷାବହ କାର୍ଯ୍ୟ । ଯାହାକି ଭୀଷ୍ମଙ୍କ ଉପଦେଶ ଛଳରେ ପ୍ରକାଶିତ ହୋଇଛି ।

''ପଞ୍ଚମ ଦିନୁ ଯେ ସପତମ ଦିନ ପରିଯନ୍ତେ
ଯେବଣ ପୁରୁଷ ଉପେକ୍ଷା କରନ୍ତି ନାନା ବ୍ରତ କର୍ମ ଅର୍ଥେ ।
ସେ ବୋହିଲା ଶ୍ରୋଣିତ ଆହାର କରନ୍ତି ତାହାର ପିତୃଲୋକେ
ଯେସନେକ ଅଛି ଶାହାସ୍ର ଧର୍ମ ବାକ୍ୟେ ।''

ଅର୍ଥାତ୍, କବି ସାରଳାଦାସ ପାରିବାରିକ ଶୃଙ୍ଖଳା ତଥା ଧର୍ମୀୟ ଆଧାରୀ ବ୍ରତଧାରୀ ହେବାକୁ ପରାମର୍ଶ ଦେଇଛନ୍ତି।

(ଖ) ସୁସ୍ଥ ସମାଜ ବା ପରିବାର ଗଠନରେ ପୁରୁଷ ଅପେକ୍ଷା ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିବାହିତା ନାରୀ ପକ୍ଷରେ କାମଜ୍ୱାଳାର ବ୍ୟଗ୍ରତାରେ ପରପୁରୁଷ ଗ୍ରହଣ କରିବା ହେଉଛି ଏକ ଗର୍ହିତ କାର୍ଯ୍ୟ । ସାରଳା ଦାସ ଏହାକୁ ଆଦୌ ଶୁଭଙ୍କରୀ ବୋଲି ଗ୍ରହଣ କରିନାହାନ୍ତି । ପ୍ରତ୍ୟେକ ପ୍ରସଂଗରେ ସେ ନାରୀର କର୍ମ ଓ ଅକର୍ମର ବିଚାର କରିଛନ୍ତି । ସେମାନଙ୍କ ନିଷ୍ଠା ଓ ପବିତ୍ରତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଯାହାର ପ୍ରମାଣ ମିଳେ ତାଙ୍କ ମହାଭାରତରେ ବର୍ଣ୍ଣିତ ଅମ୍ବିକାଙ୍କ ମୃତ୍ୟୁ ଓ ଅମ୍ବାଳିକାର ପ୍ରୟାଗରେ ଝାସ ଦେବାର ଉପଖ୍ୟାନରୁ । ସେମାନେ ନିଜ ନିଜର ପାପର ପରିଣାମ ଭୋଗ କରିଛନ୍ତି । କିନ୍ତୁ ଦେବତାଙ୍କ ସହିତ ମିଳନକୁ ସେ ନାରୀକୁ ଅସତୀ, କଳଙ୍କିନୀ ନ କହି 'ଦେବଭୋଗ୍ୟା ସତୀ' ରୂପେ ଗ୍ରହଣ କରିଛନ୍ତି ।

## (୪) ସପତଣୀ ସୁଲଭ ହିଂସା ଓ କଳହର ଚିତ୍ର:

ସାରଳାଦାସ ସମାଜରେ ଦେଖାଯାଉଥିବା ସପତଣୀ ସୁଲଭ ହିଂସା ଓ କଳହର ଚିତ୍ରକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । କାରଣ ସମାଜରେ ତଥା ପାରିବାରିକ ଜୀବନଧାରାରେ ଏହା ଏକ ନିନ୍ଦନୀୟ କାର୍ଯ୍ୟ । ରାଜସୂୟ ଯଜ୍ଞରେ ହିଡିମ୍ବାର ଗର୍ଭଜାତ ପୁତ୍ର ଘଟୋତ୍କଚ ପଞ୍ଚୁପାଣ୍ଡବଙ୍କୁ ଯଥାବିଧି ପ୍ରଣାମ କରିବା ପରେ ଦ୍ରୌପଦୀଙ୍କୁ ନମସ୍କାର ନ କରିବାରୁ କୁପିତା ଦ୍ରୌପଦୀ ଏବଂ ହିଡିମ୍ବୀ ମଧରେ କଳହର ସୂତ୍ରପାତ ହୋଇଥିବାର ଘଟଣା ବର୍ଣ୍ଣିତ ହୋଇଛି-ସାରଳାଙ୍କ ମହାଭାରତର ସଭାପର୍ବରେ । ଏହା ସାରଳାଙ୍କ ସମୟରେ ଓଡିଆର ଗାଁ ଗହଳିରେ ସପତ୍ନୀ କଳହର ଚିତ୍ରକୁ ସ୍ମରଣ କରାଇଦିଏ ।

**(୫) ଏକପତ୍ନୀ ବ୍ରତ ଆଚରିତ ଶୁଦ୍ଧ ଦାମ୍ପତ୍ୟ ଜୀବନ:**

ସେ ସମୟରେ ଉତ୍କଳୀୟ ରାଜବଂଶରେ ଏକାଧିକ ପତ୍ନୀ ଗ୍ରହଣ କରିବାର ପ୍ରଥା ଥିଲା । ଗଙ୍ଗ ବଂଶର ପ୍ରତିଷ୍ଠାତା ଚୋଡଗଂଗଦେବଙ୍କର ସତର ଜଣ ରାଣୀ ଥିବାର ଐତିହାସିକ ବିବରଣୀରୁ ଜଣାଯାଏ । କିନ୍ତୁ ସୂର୍ଯ୍ୟବଂଶର ରାଜା କପିଳେନ୍ଦ୍ର ଦେବଙ୍କର ଏକମାତ୍ର ରାଣୀ ଥିଲେ । ସାରଳା ଦାସ ତାହାଦ୍ୱାରା ପ୍ରଭାବିତ ହୋଇ ବହୁ ସ୍ଥଳରେ ଏକପତ୍ନୀ ଗ୍ରହଣ ରୀତିର ପ୍ରଶଂସା କରିଅଛନ୍ତି । ଦୁର୍ଯ୍ୟୋଧନଙ୍କ ଉକ୍ତିରେ ଏକ ପତ୍ନୀ ଗ୍ରହଣର ପ୍ରଶଂସା ଓ ବହୁ ଗ୍ରହଣର ନିନ୍ଦା ପ୍ରକାଶ ପାଇଛି । (ମହାଭାରତ-ଉଦ୍‌ଯୋଗ ପର୍ବ) । ଏକପତ୍ନୀ ବ୍ରତ ଧର୍ମ ଆଚରିତ ଶୁଦ୍ଧ ନିର୍ମଳ ଦାମ୍ପତ୍ୟ ଜୀବନ ହେଉଛି ଉତ୍କଳୀୟ ଜାତୀୟ ଜୀବନର ଆଦର୍ଶ। ଅନ୍ୟପକ୍ଷରେ ବହୁସ୍ୱାମୀ ଗ୍ରହଣ ପ୍ରଥା ମଧ୍ୟ ନିନ୍ଦନୀୟ । ତେଣୁ ହିଡମ୍ବିକା ଦ୍ରୌପଦୀଙ୍କୁ ଅସତୀ ବୋଲି ଭର୍ତ୍ସନା କରିଥିବାର ଉଲ୍ଲେଖ କରିଛନ୍ତି ।

**(୬) ସ୍ୱୈରାଚାର ଓ ଉଲଗ୍ନ ବ୍ୟଭିଚାରର ଚିତ୍ର:**

ସାରଳା ଦାସଙ୍କ ସମୟରେ ପୂର୍ବଭାରତ ଭୂଖଣ୍ଡରେ ସମାଜ ଜୀବନ ସହଜ ତାନ୍ତ୍ରିକ ବ୍ୟଭିଚାର ମଧ୍ୟରେ ପ୍ରଦୂଷିତ ହୋଇପଡିଥିଲା । ସେହି ପୃଷ୍ଠଭୂମିର ପ୍ରଭାବରେ ତାନ୍ତ୍ରିକ ବ୍ୟଭିଚାରର ଚିତ୍ର ସାରଳା ଦାସ ପ୍ରଦାନ କରିଛନ୍ତି । ଯଥା- ବ୍ରହ୍ମମୁନି କାମ ଭୋଳରେ ରମଣ ପାଇଁ ରମଣୀ ନ ପାଇ ମୃଗୁଣୀ ହରଣରୁ ବିରତ ହୋଇ ନାହାନ୍ତି (ସା:ମ= ଆଦି) ଯାହାକି ଅନଙ୍ଗ ସେନଙ୍କ ପତ୍ନୀ ରତ୍ନାବତୀ ଘୋର ବ୍ୟଭୀଚାରିଣୀ ହୋଇ ଅଗ୍ନିକ ଋଷିଙ୍କୁ ରତିଭିକ୍ଷା ଆଖ୍ୟାନରେ ପ୍ରକାଶ ପାଇଛି। ଦ୍ରୋଣଙ୍କ ମାତୃହରଣ ଉପାଖ୍ୟାନ ମଧ୍ୟ ଏ ପ୍ରସଂଗକୁ ପ୍ରମାଣ କରିଛି । ଏ ସମସ୍ତ ବର୍ଣ୍ଣନାରୁ ତତ୍କାଳୀନ ସମାଜରେ ସ୍ୱୈରାଚାର ଓ ଉଲଗ୍ନ ବ୍ୟଭିଚାରର ଚିତ୍ର ପରିଲକ୍ଷିତ ହୋଇଥାଏ ।

**(୭) କନ୍ୟାର ବିବାହ ସମୟରେ ଦାସୀମାନଙ୍କୁ ଉପହାର ଦ୍ରବ୍ୟ ଭାବେ ଗ୍ରହଣ:**

ସେ ସମୟରେ ଦାସୀମାନଙ୍କୁ ବିବାହିତ କନ୍ୟା ସହିତ ଉପହାର ଦ୍ରବ୍ୟଭାବେ ପଠାଯାଉଥିଲା। ଯାହାର ଚିତ୍ର ରହିଛି ସାରଳାଙ୍କ ମହାଭାରତର ବର୍ଣ୍ଣିତ ଦ୍ରୌପଦୀଙ୍କ ପରିଣୟ ବେଳେ ଅଳଙ୍କାରରେ ଭୂଷିତା ଏକ ଲକ୍ଷ ପୋଇଲିଙ୍କୁ ଯୌତୁକ ଭାବେ ପ୍ରଦାନର ଉପାଖ୍ୟାନରୁ। ସେହିପରି ଉତ୍ତରାଙ୍କ ବିବାହ ବେଳେ ଏକ ସହସ୍ର ଦାସୀ, ଭାନୁମତୀଙ୍କ ପରିଣୟବେଳେ ନୃତ୍ୟକାରୀ ଗଣିକା, ଦୁଃଶୀଳାର ବିବାହ ସମୟରେ ବହୁଦାସୀ ଯୌତୁକ ସ୍ୱରୂପ ପ୍ରଦତ୍ତ ବିବରଣୀରୁ ।

**(୮) ଲୋକ ବିଶ୍ୱାସ- 'ସାହାଡା ବୃକ୍ଷ ବିବାହ':**

ଏହି ଆଖ୍ୟାନଟି ଭିତରେ ରହିଛି ତତ୍କାଳୀନ ଓଡିଶାର ସମାଜ ଚିତ୍ର-ଲୋକବିଶ୍ୱାସ । ଯାହାକି ଓଡିଆ ଜନ ସମାଜରେ 'ସାହାଡା ବିବାହ' ନାମରେ ପରିଚିତ। ଦ୍ୱିତୀୟବାର ସ୍ତ୍ରୀର ମୃତ୍ୟୁପରେ, ତୃତୀୟ ବିବାହ ପୂର୍ବରୁ ସ୍ତ୍ରୀ-ମୃତ୍ୟୁ-ଅରିଷ୍ଟ ଖଣ୍ଡନ ପାଇଁ ବେଦୀ ଉପରେ ସାହାଡାଗଛ ବିବାହ କରିବାର ବିଧି ଓଡିଶାରେ ଏବେ ସୁଦ୍ଧା ସ୍ଥାନେ ସ୍ଥାନେ ପ୍ରଚଳିତ । ତେଣୁ ଗାନ୍ଧାରୀ ଯାହାଙ୍କୁ ପତିରୂପେ ବରଣ କରିବେ, ସେ ସଂଗେ ସଂଗେ ମୃତ୍ୟୁ ବରଣ କରିବେ, ସେଥିପାଇଁ ଅରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ବିଧାନ ଅନୁସାରେ ଗାନ୍ଧାରୀ ଗୋଟିଏ ସାହାଡା ବୃକ୍ଷକୁ ପ୍ରଥମେ ବିବାହ କରିଥିଲେ ।

**(୯) ଚାଟଶାଳୀ ଶିକ୍ଷା ପଦ୍ଧତି:**

ପଞ୍ଚଦଶ ଶତାବ୍ଦୀରେ ଉତ୍କଳରେ ଅନୁସୃତ ଚାଟଶାଳୀ ଶିକ୍ଷା ପଦ୍ଧତିର କବି ସାରଳାଦାସ ସୁବିସ୍ତୃତ ଚିତ୍ର ପ୍ରଦାନ କରିଛନ୍ତି । ରାମ- କୃଷ୍ଣଙ୍କର ବିଦ୍ୟାଶିକ୍ଷା ବର୍ଣ୍ଣନା ପ୍ରସଂଗରେ ବର୍ଣ୍ଣଶିକ୍ଷା ଓ ପଦ୍ୟାବୃତ୍ତି ସହିତ ଗଣିତ ଶିକ୍ଷା ଓ ପତ୍ରଲିଖନ ଆଦି ସେକାଳର ଚାଟଶାଳୀ ଶିକ୍ଷାର ଥିଲା ପ୍ରଧାନ ଅଂଗ ବୋଲି ଉଲ୍ଲେଖ କରିଛନ୍ତି । (ସାମ:=ମଧ୍ୟପର୍ବ) । ଏହାଛଡା ସାରଳାଦାସ ତାଙ୍କର ଗ୍ରନ୍ଥ ସମୂହରେ ଯେଉଁସବୁ ଆଜ୍ଞାପତ୍ରିକା ଓ ଶ୍ରୀମୁଖର ବର୍ଣ୍ଣନା କରିଛନ୍ତି - ସେଗୁଡିକରୁ ସେ କାଳର ବିଦ୍ୟାଳୟମାନଙ୍କରେ ପଢାଯାଉଥିବା ପତ୍ରଲିଖନର ଆଦର୍ଶ ସୂଚିତ ହୁଏ ।

**(୧୦) ତାନ୍ତ୍ରିକ କ୍ରିୟାକଳାପ ଉପରେ ଅଖଣ୍ଡ ବିଶ୍ୱାସ:**

ତତ୍‌କାଳୀନ ସମାଜରେ ବିଶେଷ କରି ଗ୍ରାମୀଣ ସମାଜରେ ତନ୍ତ୍ର, ମନ୍ତ୍ରର ଗଭୀର ପ୍ରଭାବ ଥିଲା । ଯାହାର ଚିତ୍ର ଆମେ ଦେଖିବାକୁ ପାଇବା ରାମ-କୃଷ୍ଣଙ୍କ ଗୁରୁଗୃହରେ ବିଦ୍ୟାପାଠ ପ୍ରସଂଗରୁ । ଏଥିରୁ ସମସାମୟିକ ସମାଜରେ ସ୍ତମ୍ଭନ, ମୋହନ,

ମାରଣ, ତାରଣ, ବଶୀକରଣ ଓ ଉଚ୍ଚାଟନ ଆଦି ଆଭିଚାରିକ କ୍ରିୟାକଳାପ ଏବଂ ରୋଗବ୍ୟାଧିର ନିରାକରଣ ପାଇଁ ଗ୍ରାମଦେବତାଙ୍କ ନିକଟରେ ପୂଜା ଓ ବଳି ପ୍ରଦାନ ଆଦି ତାନ୍ତ୍ରିକ ବିଧି ବିଧାନର ପରିଚୟ ମିଳିଥାଏ । ଏହା ସାମାଜିକ ପରିବେଶର ସ୍ୱାଭାବିକ ଏକ ପ୍ରତିଫଳନ ମାତ୍ର । ଏହାଛଡା ସାରଳାଦାସ ଭଦ୍ରାହରଣ, ହାରାବତୀବିଭା, ତ୍ରିଭୁବନ ମୋହିନୀ ବିଭା, ବାବନାଭୂତ କଥାରେ ଶମୀକୋଟରୁ ଅର୍ଜୁନଙ୍କର ଅସ୍ତ୍ର ଆହରଣ ଇତ୍ୟାଦି ଉପାଖ୍ୟାନର ବର୍ଣ୍ଣନାରେ ତତ୍‌କାଳୀନ ତାନ୍ତ୍ରିକ କ୍ରିୟାକଳାପର ପ୍ରମାଣ ସୁସ୍ପଷ୍ଟ ।

**(୧୧) ଭାଗ୍ୟ-ଭବିଷ୍ୟତ ଉପରେ ଅଖଣ୍ଡ ବିଶ୍ୱାସ:**

ସାରଳାଙ୍କ ସମୟରେ ସାଧାରଣ ଜନତା ଭାଗ୍ୟ-ଭବିଷ୍ୟତ ଗଣନା ଓ ତା'ର ଫଳାଫଳ ଉପରେ ଥିଲା ଅତୁଟ ବିଶ୍ୱାସ। ସେଥିପାଇଁ ଜ୍ୟୋତିଷ ଶାସ୍ତ୍ରକୁ ଖୁବ୍ ସମ୍ମାନ ସହ ବିଶ୍ୱାସ କରାଯାଉଥିଲା । ସେତେବେଳେ ଯେକୌଣସି ଶୁଭକର୍ମ ଓ ଯାତ୍ରାକାଳରେ ଜ୍ୟୋତିଷ ଶାସ୍ତ୍ର ସମ୍ମତ ଶୁଭବେଳା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ପୁତ୍ରଟିଏ ଜନ୍ମ ହେଲେ ଲୋକେ ଶୁଭାଶୁଭ ବିଚାର କରୁଥିଲେ। ରାଜାମାନଙ୍କର ଅଭିଷେକ ବେଳା ମଧ୍ୟ ଜ୍ୟୋତିଷ ଶାସ୍ତ୍ର ସମ୍ମତ ମାସ, ତିଥି, ନକ୍ଷତ୍ର, ବାର, କରଣ ଓ ଯୋଗାଦି ଭିତ୍ତିରେ ନିର୍ଣ୍ଣୟ କରାଯାଉଥିଲା । ଦୁର୍ଯ୍ୟୋଧନଙ୍କ ଅଭିଷେକକାଳୀନ ଚିତ୍ରରୁ ଏହା ସ୍ପଷ୍ଟରୂପେ ପ୍ରମାଣିତ ହୁଏ । ବିଦ୍ୟାର ଅନୁକୂଳ, ଯାଗ-ଶାଳା ପ୍ରତିଷ୍ଠା ମଧ୍ୟ ଶୁଭ ଲଗ୍ନରେ କରାଯାଉଥିଲା। ଗୃହପ୍ରବେଶ ଦିନ ବାର ଓ କରଣାଦି ଦେଖି କରାଯାଉଥିଲା । ଗଣିକାମାନେ ଜାତକ ଦେଖି ଫଳାଫଳ ନିର୍ଣ୍ଣୟ କରୁଥିଲେ । ସୁହାଣୀ କନ୍ୟା ଉପାଖ୍ୟାନରେ ଉଦ୍ଦାଳକ ନାମକ ଗଣକ କୋଷ୍ଠୀ ବିଚାରକରି ଫଳାଫଳ ପ୍ରକାଶ କରିବାର ବର୍ଣ୍ଣନା ମଧ୍ୟରେ ତତ୍‌କାଳୀନ ସମାଜରେ ଜ୍ୟୋତିଷ ଶାସ୍ତ୍ରପ୍ରତି ସାଧାରଣ ଜନତାର ଅତୁଟ ବିଶ୍ୱାସର ଚିତ୍ର ସ୍ପଷ୍ଟରୂପେ ପ୍ରତିଭାତ ହୁଏ ।

**(୧୨) ନୃତ୍ୟ, ସଂଗୀତ ଓ ବାଦ୍ୟର ଆଦର:**

ପଞ୍ଚଦଶ ଶତାବ୍ଦୀରେ ଓଡିଶାର ସାମାଜିକ ଜୀବନଧାରାରେ ନୃତ୍ୟ, ସଂଗୀତ ଓ ବାଦ୍ୟର ଖୁବ୍ ଆଦର ଥିଲା । ଯାହାର ଚିତ୍ର ରହିଛି ସାରଳାଙ୍କ ମହାଭାରତରେ ବର୍ଣ୍ଣିତ ଦ୍ରୌପଦୀ ବିବାହ, ଚନ୍ଦ୍ରାବତୀ ପରିଣୟ ଓ ଉତ୍ତରା ବିବାହ କାଳରେ ଗଣିକମାନେ ନୃତ୍ୟ ପରିବେଷଣ କରିବା ପ୍ରସଂଗରେ । ତେବେ ଏଥିରୁ ଏକଥା ସ୍ପଷ୍ଟ, ସମ୍ଭ୍ରାନ୍ତ ବଂଶୀୟ ଉତ୍ସବକାଳୀନ ଆସରରେ ମୁଖ୍ୟତଃ ଗଣିକାମାନେ ହିଁ ସେସମୟରେ ନୃତ୍ୟ ଓ ସଂଗୀତର ବ୍ୟାପକ ଚର୍ଚ୍ଚା କରୁଥିଲେ ।

**(୧୩) ବାର-ବ୍ରତ ଓ ଉପବାସ ପାଳନ:**

ପଞ୍ଚଦଶ ଶତାବ୍ଦୀରେ ବହୁପର୍ବ, ବ୍ରତ ଓ ଉପବାସ ପାଳିତ ହେଉଥିଲା । ସାଧାରଣ ଜନତାର ଗଭୀର ବିଶ୍ୱାସ ଥିଲା ଏକାଦଶୀ ବ୍ରତ ପାଳନ କଲେ ବୈକୁଣ୍ଠ ଲାଭ ମିଳେ, ସାଂସାରିକ ମୋହମାୟାରୁ ମୁକ୍ତି ମିଳେ । ତେଣୁ ତ ଗଙ୍ଗାଦେବୀ ଏହି ବ୍ରତକୁ ବ୍ରତରାଜ' ବୋଲି କହିଛନ୍ତି । ଅର୍ଜୁନ ଅଜ୍ଞାତବାସ ସମୟରେ ଥିବାବେଳେ ଦ୍ରୌପଦୀ ବନଦୁର୍ଗା ପାଳନ କରିବାରୁ ସେ ସର୍ବଶୁଭରେ ଘରକୁ ଫେରିଆସିଥିଲେ ବୋଲି ସାରଳା ମହାଭାରତରେ ବର୍ଣ୍ଣିତ ଅଛି । ଚନ୍ଦ୍ରାବତୀକୁ ନାରଦ 'ମଙ୍ଗଳବାର ଓଷା' ପାଳନ କରିବାପାଇଁ ପରାମର୍ଶ ଦେଇଛନ୍ତି । ଏତଦ୍ ଭିନ୍ନ କବି ସାରଳାଦାସ ଅକ୍ଷୟ ତୃତୀୟା, ଗଣେଶପୂଜା, ରଥଯାତ୍ରା, ଦୁର୍ଗାପୂଜା, କୁମାର ପୂର୍ଣ୍ଣିମା, ପୁଷ୍ୟାଭିଷେକ ଓ ମାଘସ୍ନାନ ଆଦି ବ୍ରତର ବିଧିଗୁଡିକ ସଂପର୍କରେ ବର୍ଣ୍ଣନା କରିଛନ୍ତି । ଯାହାକି ତତ୍କାଳୀୟ ଉତ୍କଳୀୟ ସାମାଜିକ ବ୍ୟବସ୍ଥାକୁ ମନେ ପକାଇଦିଏ ।

ଏହିପରି ବିଶାଳ ସାମାଜିକ ପୃଷ୍ଠଭୂମିକୁ ଆଧାର କରି ସାରଳାଦାସ ନିଜର ସୃଷ୍ଟିଗୁଡିକୁ ରୂପାୟିତ କରିଛନ୍ତି। ବିଶେଷକରି ସଂସ୍କୃତ ମହାଭାରତର ପରଂପରା ଓ ପୌରାଣିକ ଐତିହ୍ୟକୁ ବର୍ଜିତ କରି ଜଣେ ଖାଣ୍ଟି ଓଡିଆ ଭାବେ ଏ ଜାତିର ଜୀବନଗାଥାକୁ ଅତି ନିଛକ ଭାବେ ଜଣେ ସଚେତନ ଶିଳ୍ପୀ ରୂପେ ନିଜ ସୃଷ୍ଟିର ପରିଧି ମଧ୍ୟରେ ରୂପାୟିତ କରିଛନ୍ତି ଅତି ଜୀବନ୍ତ ଭାବରେ।

## ସାରଳା ସାହିତ୍ୟର ସାମାଜିକ ଦିଗ :

ସାରଳାଙ୍କ ସୃଷ୍ଟି ସମ୍ଭାର ବିଶେଷ କରି ତାଙ୍କର ସର୍ବଶ୍ରେଷ୍ଠ କୃତି 'ମହାଭାରତ'ରେ ପଞ୍ଚଦଶ ଶତାବ୍ଦୀର ଉତ୍କଳୀୟ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ଜୀବନ ଧାରାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ । ଯାହାକି ଏବେ ବି ଆମର ସାମାଜିକ ରୀତିନୀତି, ଆଚାର ବ୍ୟବହାର ଓ ଚଳଣି ଆଦିରେ ମଧ୍ୟ ପରିଲକ୍ଷିତ ହୋଇଥାଏ । ତେଣୁ ସାରଳାଙ୍କ ମହାଭାରତକୁ

ଏ ଜାତିର ଏକ ସାମାଜିକ, ସାଂସ୍କୃତିକ ଇତିଗ୍ରନ୍ଥଭାବେ ଆଖ୍ୟା ଦିଆଯାଇପାରେ । ପ୍ରମାଣସ୍ୱରୂପ ଏଠାରେ ତାହାର କେତୋଟି ଛଳକ ଆଲୋଚନାର ଅନୁରୋଧରେ ପ୍ରକାଶ କରାଯାଇପାରେ ।

(୧) ସାରଳାକାଳୀନ ଉତ୍କଳୀୟ ସମାଜରେ ଧର୍ମଭାବ ପ୍ରତି ସାଧାରଣ ଜନତାର ଥିଲା ଅତୁଟ ବିଶ୍ୱାସ । ତେଣୁ ଜନସାଧାରଣଙ୍କ ଜୀବନରେ ଧର୍ମାଚାରଣର ପ୍ରତି ଥିଲା ଅହେତୁକ ବିଶ୍ୱାସ । ଯାହାର ପ୍ରମାଣ ମିଳେ 'ଶାନ୍ତନୁ-ଗଂଗାଙ୍କ ଉପାଖ୍ୟାନ'ରେ । ଏଥିରେ କବି ଶାନ୍ତନୁଙ୍କର ଧର୍ମାଚରଣ ବିଷୟରେ ଅତ୍ୟନ୍ତ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ସେବା, ପୂଜା, ହୋମ, ଅର୍ଚ୍ଚନାଦି ଥିଲା ଶାନ୍ତନୁଙ୍କ ଦୈନନ୍ଦିନୀ ଧର୍ମାଚାର । ଶାନ୍ତନୁ ନିଜେ ଏକାଦଶୀବ୍ରତ ପାଳନ କରିବା ସହିତ ଗଂଗାଙ୍କୁ ଅନୁରୋଧ କରିଛନ୍ତି ଏକାଦଶୀ ବ୍ରତ ପାଳନ କରିବା ପାଇଁ । ଏହି ସୂତ୍ରରେ କବି ଶାନ୍ତନୁଙ୍କ ମୁଖରେ ଏକାଦଶୀ ବ୍ରତର ମାହାତ୍ମ୍ୟ ପ୍ରକାଶ କରିଛନ୍ତି ।

''ନରାୟଣ ଆତ୍ମା ଯେ ଅଟଇ ମହାବ୍ରହ୍ମ
ସଂସାର ଅଗାଦକୁ ନାଉକା ଅଟଇ ଧର୍ମ ।
ରାଗ ମୋହ ଅହଂକାର ଯେ ସଂସ୍କାର ରଞ୍ଜନା
ଅଦଉଡ଼ି ବନ୍ଧନ ଯେ ସଂସାର ଧାରଣା
ଯେମାନ ଯେତେକ ରାଗ ମୋହ ହିଂସା
ସଂସାର ସାଗର ଯେ ଅଣାକାର ଜଳ ଧ୍ୱଂସା ।

ଏଥିରୁ ମୁକ୍ତି ପାଇବାକୁ ହେଲେ ''ତୋହର ମୋହୋର ଏକାଦଶୀବ୍ରତ ପାଳନ କରି ବୈକୁଣ୍ଠବାସୀ ହୋଇ ନିଜକୁ ଧନ୍ୟ ମନେ କରିବା ।''

(୨) ଭାରତୀୟ ପରଂପରାରେ ତୀର୍ଥସ୍ନାନ ଧର୍ମାଚରଣର ଏକ ବିଶିଷ୍ଟ ଅଂଗ ଭାବେ ଗୃହୀତ । ସେଥିପାଇଁ ସାରଳା ମହାଭାରତରେ ଶୁଭତିଥି ବେଳା ଦେଖି ତୀର୍ଥସ୍ନାନ କରିବା ଛଳରେ ବିବିଧ ବର୍ଣ୍ଣନା ରହିଛି । ଶାନ୍ତନୁ, ଗଂଗା, ପରାଶର ଓ ସତ୍ୟବତୀ ସମୁଦ୍ରସ୍ନାନ କରିବା ପ୍ରସଂଗରେ ବର୍ଣ୍ଣନା ଏହିପରି ରହିଛି-

''ମକର ମାସ (ମାଘ ମାସ) କୃଷ୍ଣପକ୍ଷ ତିଥି ପ୍ରତିପଦା
ସୋମବାର ଅଶ୍ଳେଷା ନକ୍ଷତ୍ର ଯୁଗତା ।
ସେଦିନ ଋଷି ଗଲେ ସମୋଦ୍ର ସ୍ନାହାନେ
ଗଂଗାକଇଂ ସଙ୍ଗେ ଘେନି ତପୋଧନେ ।'' (ଆଦିପର୍ବ)

(୩) ସେକାଳରେ ସମାଜରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା । ଯାହାକି ମହାଭାରତର ଆଦିପର୍ବରେ ବର୍ଣ୍ଣିତ ଶମ୍ଭୁରାଣ ଓ ତପତୀ ବିବାହ ପ୍ରସଂଗରେ ଉପଲବ୍ଧ କବିଙ୍କ ଉକ୍ତି ହେଉଛି-

''ଦୋହିତା ହୋଇଂ ଯେବେ ପିତା ଘରେଣ ରଜୋବତୀ
ପିତୃଲୋକମାନେ ଯେ ପାବନ୍ତି ନର୍କଗତି ।

ସାରଳାଦାସ ଏକଥା ବର୍ଣ୍ଣନା ଛଳରେ ସେସମୟର ସାମାଜିକ ଅନ୍ଧବିଶ୍ୱାସକୁ ବିଦ୍ରୁପ କରିଥିବାର ମନେହୁଏ ।

(୪) ସାମାଜିକ ଜୀବନଧାରାରେ ନାରୀ ପୁରୁଷ ସଂପର୍କ ବିଷୟରେ ସାମାଜିକ ବିଧିବିଧାନର ଚିତ୍ର କବିଙ୍କ ବର୍ଣ୍ଣନାରେ ବେଶ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ରଜସ୍ୱଳା ନାରୀ ସହିତ ପ୍ରଥମ ଦିବସଠାରୁ ଚତୁର୍ଥ ଦିବସ ପର୍ଯ୍ୟନ୍ତ ସହବାସ ନିଷିଦ୍ଧ । ପଞ୍ଚମ ଦିବସଠାରୁ ଶୁଦ୍ଧ ସ୍ନାହାନ ଅନ୍ତେ ସପ୍ତମ ଦିବସ ପର୍ଯ୍ୟନ୍ତ ସହବାସ ସମର୍ଥିତ ବୋଲି ଶାସ୍ତ୍ରୀୟ ବିଧି ବିଧାନ ସଂପର୍କରେ ସୂଚନା ଦିଆଯାଇଛି । ଏଥିରୁ ବିଚ୍ୟୁତ ହେଲେ ''ସେ କହିଲା ଶ୍ରୋଣିତ ଆହାର କରନ୍ତି ତାହାର ପିତୃଲୋକେ'' ବୋଲି କହିବା ସହିତ କବି ''ଶାହାସ୍ତ୍ର ଧର୍ମ ବାକ୍ୟେ' ବୋଲି କହି ସାଧାରଣ ଜନତାଙ୍କୁ ସଚେତନ କରାଇ ଦେଇଛନ୍ତି ।

(୫) ଶାସ୍ତ୍ରୋଚିତ ଶୃଙ୍ଗାର ନିମନ୍ତେ ସେସମୟରେ ସମାଜରେ ପ୍ରତ୍ୟେକ ଦଂପତି ସଚେତନ ଥିଲେ । ନୌକାରେ ପରାଶର ସତ୍ୟବତୀଙ୍କ ନିକଟରେ ଶୃଙ୍ଗାର କାମନା କରିବାରୁ ସତ୍ୟବତୀ ଅସମୟରେ ଶୃଙ୍ଗାରର ଅପକାରିତା ବିଷୟରେ ତାଙ୍କୁ ସଚେତନ କରାଇଛନ୍ତି ଏହିପରି-

''ଦିବସେ ଶୃଙ୍ଗାର କଲେ ଆୟୁଷ ହୋଇ କ୍ଷୟେ
ସନ୍ତାନ ଉତ୍‌ପତ୍ତି ହୋଇଲେ ଦୁଷ୍ଟ ହୋଅଇ ତନୟେ ।
ଦୁହିତା ହୋଇଲେ ସେ ହୋଅି ମହାରୋଗୀ
ହୁତବୀର୍ଯ୍ୟ ହତଆକ୍ଷ୍ୟ ହୋଇ ନାଶ ଯାଇ ବେଗି ।''

ତେଣୁ ହେ ମୁନି ଶ୍ରେଷ୍ଠ- ଆପଣ ତ ବ୍ରହ୍ମଋଷି, ଆପଣଙ୍କୁ ମୁଁ ବା କ'ଣ ବୁଝାଇବି ? ଏଥିରୁ କବିଙ୍କ ସମାଜ ସଚେତନତାର ପ୍ରମାଣ ସ୍ପଷ୍ଟ ରୂପେ ବାରିହୋଇପଡେ ।

(୬) ବଂଶରକ୍ଷା ଓ ପୁତ୍ରପ୍ରାପ୍ତି ନିମନ୍ତେ ସେସମୟର ସମାଜରେ ନିଜ ପତିଙ୍କ ଔରସରେ ସନ୍ତାନପ୍ରାପ୍ତି ଯେତେ ଅସମ୍ଭବରେ ପରିଣତ ହେଉଥିଲା ତେବେ ଅନ୍ୟପୁରୁଷଙ୍କ ସାହଚର୍ଯ୍ୟାରେ ନାରୀମାନେ ସନ୍ତାନଲାଭ କରୁଥିଲେ । ଏଥିପାଇଁ ପତିଙ୍କର ସମ୍ମତି ମଧ ନିଆଯାଉଥିଲା । ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟ ଅପୁତ୍ରକ ହୋଇ ପ୍ରାଣତ୍ୟାଗ କରିବା ପରେ ସତ୍ୟବତୀଙ୍କ ପ୍ରରୋଚନାରେ ଅମ୍ବିକା ଓ ଅମ୍ବାଳିକାଙ୍କ ସହିତ ବ୍ୟାସଙ୍କ ମିଳନ ହୋଇଥିଲା । ଏଥିରୁ ଧୃତରାଷ୍ଟ ଓ ପାଣ୍ଡୁ ଦେବ ଜନ୍ମଗ୍ରହଣ କରିଥିଲେ। ଏପରିକି ସେ ସମୟରେ ବିଶ୍ୱାସ ଥିଲା ଯେ ଦେବତା ବା ଋଷିମାନଙ୍କ ସହିତ ମିଳିତ ହେଲେ ସତୀତ୍ୱ ନଷ୍ଟ ହୁଏ ନାହିଁ । ସେମାନେ ଇଚ୍ଛାନୁରୂପ ବଳବନ୍ତ, ଧର୍ମିକ ଓ ବୀର୍ଯ୍ୟବନ୍ତ ସନ୍ତାନର ଜନନୀ ହୁଅନ୍ତି । ଏହି ପ୍ରଥାକୁ ସେ ସମୟର ସମାଜରେ 'ନୟୋଗ ପ୍ରଥା' ବୋଲି କୁହାଯାଉଥିଲା ।

(୭) ସମାଜରେ ପାପ ପୂଣ୍ୟର ବିଚାରବୋଧ ଥିଲା । କୌଣସି ପ୍ରକାର ଅନୀତିପୂର୍ଣ୍ଣ ଆଚରଣ ଲାଗି ମଧ ସମାଜରେ ବ୍ୟବସ୍ଥା ଥିଲା । ବିଶେଷକରି ଗର୍ହିତ ଦୋଷ ବା ଅପରାଧ କ୍ଷମାଲାଗି ପ୍ରୟାଗରେ ଆତ୍ମବିସର୍ଜନ ବା ଅନ୍ୟାନ୍ୟ ଧର୍ମାଚରଣ ସମାଜରେ ବହୁଭାବରେ ପ୍ରଚଳିତ ଥିଲା । ଯାହାକି ପ୍ରମାଣିତ ହୋଇଛି ସତ୍ୟବତୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସନ୍ତାନ ଲାଭ ଉଦ୍ଦେଶ୍ୟରେ ବ୍ୟାସଙ୍କ ସହିତ ମିଳିତ ହେବା ଅମ୍ବାଳିକାଙ୍କ ପକ୍ଷରେ ଥିଲା ଏକ ଗର୍ହିତ ଦୋଷାବହ କାର୍ଯ୍ୟ। ସେଥିପାଇଁ ସେ ପାପର ପ୍ରାୟଶ୍ଚିତ କରିଛନ୍ତି-

''ଯେକ ପାତକେ କଲି ମୁଂ ବଂଶରକ୍ଷାର ନିମନ୍ତେ
ଜ୍ୟୋଷ୍ଠାଶୁର ଶୃଙ୍ଗାର କରାଇଲୁଂ ଗୁରୁ ବଚନର ଅର୍ଥେ ।
ଯେ ମୋହୋର ଦୋଷ ଖଣ୍ଡଣ କରିବା ଶିରିରଂଗ
ସ୍ତିରୀଧର୍ମ ଦୋଷରୁ ମୋତେ ଉଦ୍ଧାରିବା ବେଗ ।
ଯେତକ ଦୋଷ ସେ ପଦ୍ମନାଭର କୁମାରୀ
ତ୍ରିବେଣୀ ସଂଗମେ ଝାସିଲା କରତାର ସୁମରି ।'' (ଆଦିପର୍ବ)

(୮) ସେତେବେଳକାର ସମାଜରେ କନ୍ୟା ଯେବେ ରଜୋବତୀ ହେବା ପୂର୍ବରୁ ବିବାହ କରିପାରୁ ନଥିଲା, ସେଥିପାଇଁ କନ୍ୟାପିତାର ପିତୃପୁରୁଷ କୁଫଳ ଭୋଗ କରିବା ଥିଲା ଲୋକ ବିଶ୍ୱାସ । ଗାନ୍ଧାରୀଙ୍କ ବିବାହ ପ୍ରସଂଗରେ ଗାନ୍ଧାରସେନ ବ୍ୟାସଙ୍କୁ କହିବା ଉକ୍ତିରେ ଏହା ବ୍ୟଞ୍ଜିତ-

''ଦୁହିତା ଯେବେ ପିତାଘରେ ଅବିବାଇତ ରଜବତୀ
ତାହାର ଶୋଣିତେ ପିତୃଲୋକେ ସ୍ନାହାନ କରନ୍ତି ।'' (ଆଦି ପର୍ବ)

(୯) ସେସମୟରେ ସମାଜରେ ସନ୍ତାନଟିଏ ଲାଭ କରିବାର ବର୍ଣ୍ଣନା ଅଗସ୍ତି ଋଷିଙ୍କ ମୁହଁରେ କବି ପ୍ରକାଶ କରିଛନ୍ତି । ଏହିପରି-

''ନିଜ ସ୍ୱାମୀ ବୀର୍ଯ୍ୟେ ଯେବେ ନୋହିଲା ସନ୍ତତି
ଯଗ୍ୟଂ କରାଇ ସେ ସନ୍ତାନ କରିବ ଉତପତ୍ତି ।
ତେଣେ ପୁତ୍ର ଯେବେ ନୋହିଲାକ ଜାତ
ତୀର୍ଥ ସେ ପଶି ଲୋଡିବ ଯେ ଫଳ ପ୍ରାପତ ।

SPECIMEN COPY

ତେତେ ବାଗେ ଯେବେ ନୋହିଲା ସନ୍ତାନ
ପରପୁତ୍ର ଗୋଟିଏ କିଣି କରିବ ପାଳନ ।
ତହିଂରେ ଯେବେ ପୁତ୍ର ନ ପାଇବ ଲୋଡ଼ି
ପରଦାରା କରାଇ ହୋଇବ ଦୋଚାରୀ ।
ତେତେ ବାଗେ ଯେବେ ନୋହିବ ଆତ୍ମଜା
ଧର୍ମ ଅର୍ଥେ ବିଭା ହୋଇବା ଆପଣା ଭଣଜା ।
ଯେତେ ବାଗେ ଯେବେ ନୋହିବ ସନ୍ତତି
ବାଟେ ବୃକ୍ଷ ଲଗାଇବା ବୋଇଲେ ଅଗସ୍ତି ।
ଅଷ୍ଟପ୍ରକାରେଣ ସନ୍ତତି ବୋଇଲେ ଅଗସ୍ତି ।
ଅଷ୍ଟପ୍ରକାରଣ ସନ୍ତତି ଜାତ କଥା
ସ୍ତ୍ରୀରୀଜନମାନଙ୍କୁ ଗୋ ବଡ଼ ଦୁର୍ଲଭ ଅଟଇ ମାତା ।''

(ଆଦି ପର୍ବ)

ଏହିପରି ସବୁପ୍ରକାର ଉଦ୍ୟମ କରି ଯଦି କୌଣସି ନାରୀ ପୁତ୍ରଲାଭ କରି ନ ପାରେ, ତେବେ ତା'ପକ୍ଷରେ ପ୍ରୟାଗରେ ଝାସ ଦେଲେ ସେ ଅପୁତ୍ରିକ ଦୋଷରୁ ମୁକ୍ତି ପାଇଥାଏ ବୋଲି ସମାଜରେ ବିଶ୍ୱାସ କରାଯାଉଥିବାର ପ୍ରମାଣ ମିଳିଥାଏ ।

(୧୦) ଲୋକ ସମାଜରେ ଗଭୀର ବିଶ୍ୱାସ ଅଛି ଯେ, ସାହାଡ଼ା ପତ୍ରକୁ ମଥାରେ ମାରିଲେ ଦିବ୍ୟାନ୍ନଭୋଜନ ମିଳିଥାଏ । ଏହା ସୂଚିତ ହୋଇଛି ସାରଳା ମହାଭାରତର 'ସାହାଡ଼ା ବୃକ୍ଷ ଉପାଖ୍ୟାନ'ରେ କବିଙ୍କ ବର୍ଣ୍ଣନାରେ-

''ବୃଷଭ ବୋଇଲା ଦେବ ବାମେ ଯେବେ ସାହାଡ଼ା ବୃକ୍ଷ ଥାଇ
ପତ୍ର ଗୋଟିଏ ଶିରେ ଘେନିଲେ ଅମୃତ ଯୋଗାଡ଼ ପାଇ । (ଆଦି ପର୍ବ)

(୧୧) ଭାରତୀୟ ପୁରାଣ ଶାସ୍ତ୍ରାଦିରେ ରାଜତନ୍ତ୍ର ଶାସନର ଭୂୟସୀ ପ୍ରଶଂସା କରାଯାଇଛି । ରାଜା ଯେପରି ନ୍ୟାୟପୂର୍ଣ୍ଣ ରୀତିରେ ଶାସନ କରୁଥିଲେ, ପ୍ରଜାଗଣ ବି ସେପରି ରାଜାଙ୍କୁ ଦେବତା ବୋଲି ମନେ କରୁଥିଲେ । ମୁନିଋଷିମାନେ ଯେବେ ରାଜାଙ୍କ ସମ୍ମୁଖରେ ଉପନୀତ ହେଉଥିଲେ, ସେତେବେଳେ ସେମାନେ ରାଜାଙ୍କୁ ଯଥାରୀତି କୁଶଳାଦି ପ୍ରଶ୍ନ ପଚାରି ଶୁଭାଶୀଷ ପ୍ରଦାନ କରୁଥିଲେ । ସମାଜର ଏତାଦୃଶ ଭାବନା ପ୍ରତିଫଳିତ ହୋଇଛି ମହାଭାରତରେ ବର୍ଣ୍ଣିତ ବ୍ୟାସ ଗାନ୍ଧାରସେନଙ୍କୁ ପଚାରି କୁଶଳ ପ୍ରଶ୍ନ ପଚାରିବା ପ୍ରସଂଗରେ। ଏଥିରେ ରାଜାର ଧର୍ମ ଓ ରାଜ୍ୟର ଅବସ୍ଥା ବିଷୟରେ କେତେକ ତଥ୍ୟ ପ୍ରକାଶ ପାଇଛି ।

''ସଂସାର ପାଳନ କରୁଅଛୁ କି ନା ରାଜା
କୁଶଳେ ବ୍ରତନ୍ତି ନା ତୋହୋର ଜନପ୍ରଜା ।
ପ୍ରଜାନ୍ତ ପାଳିଣ ରାଜା ନ କରୁନା ଅବିଧି
ଦଇତ ଦାନବମାନନ୍ତ ରାଜା କରୁଅଛୁ ନା ସାଧି ।
ତୀର୍ଥେଣ ଉପଦର୍ପ ନାହିଂ ନା କଉଣୋପ
ତପିଜନ ରକ୍ଷା କରୁଅଛୁ କିନା ସର୍ବ ।
ସର୍ବ ସୁଛଧାନେ ହୋଉଅଛି ନା ରାଜ୍ୟ
ସଂସାର ଶୁଭଧୁନି ରାଜାଙ୍କୁ ସର୍ବକାର୍ଯ୍ୟ ।'' (ଆଦିପର୍ବ)

(୧୨) ସାରଳା ମହାଭାରତରେ ବିଭିଧ ବର୍ଣ୍ଣନା ମଧ୍ୟରୁ ବିବାହରୀତି ସଂପର୍କୀୟ ଚିତ୍ର ଦେଖିବାକୁ ମିଳିଥାଏ। ସେସମୟରେ ରାଜକନ୍ୟା ବିବାହଯୋଗ୍ୟ ହେବାପରେ ସ୍ୱୟଂବର ପ୍ରଥାରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେଉଥିଲା । ସ୍ୱୟଂବରରେ କୌଣସି ଗୋଟିଏ ପଣ ରଖାଯାଉଥିଲା । ଯେଉଁ ରାଜପୁତ୍ର ସେହି ପଣକୁ ରକ୍ଷା କରୁଥିଲେ ସେ ହିଁ କନ୍ୟାର ପାଣିଗ୍ରହଣ

କରୁଥିଲେ । ଯାହାର ଚିତ୍ର ଦେଖିବାକୁ ମିଳିଥାଏ ଦ୍ରୌପଦୀଙ୍କ ସ୍ୱୟଂବର ପ୍ରସଂଗରେ । ଅନ୍ୟ ପକ୍ଷରେ ତତ୍କାଳୀନ ସମାଜରେ ମଧ୍ୟ ସ୍ଥିରୀକୃତ ବିବାହ ମଧ୍ୟ ଅନୁଷ୍ଠିତ ହେଉଥିଲା । ଗାନ୍ଧାରୀଙ୍କ ସହିତ ଧୃତରାଷ୍ଟ୍ରଙ୍କ ବିବାହ ଏହି ପ୍ରସଂଗରେ ଏକ ଉଦାହରଣ । ସେ ସମୟରେ ବର କନ୍ୟାଗୃହକୁ ଜ୍ଞାତି ପରିଜନ ସହ ମହାଆଡମ୍ବର ସହକାରେ ଯାଉଥିଲେ। ଏହି ପ୍ରସଂଗରେ ଭୀଷ୍ମଙ୍କର ବରବେଶ ଓ ଯାତ୍ରା ପ୍ରସ୍ତୁତି ପ୍ରସଂଗରେ ବର୍ଣ୍ଣିତ ହୋଇଛି।

(୧୩) ସେସମୟର ସମାଜରେ ଗଭୀର ବିଶ୍ୱାସ ଥିଲା- ରୋଷଘର ହେଉଛି- ଲକ୍ଷ୍ମୀଙ୍କ ଆବାସସ୍ଥଳ। ତେଣୁ ଏହି ପବିତ୍ର ଗୃହରେ ପ୍ରସ୍ତୁତ ବ୍ୟଞ୍ଜନ ଦେବଭୋଗ୍ୟ । ଯଦି କେହି ପ୍ରଥମେ ଏହି ବ୍ୟଞ୍ଜନକୁ ଅଇଂଠା କରିଦିଏ- ତାହା ପାପକାର୍ଯ୍ୟଭାବେ ସମାଜ ଗ୍ରହଣ କରିଥାଏ । ଯାହାକି ପ୍ରମାଣିତ ହୋଇଛି- ବାଳୁତବେଳେ ଭୀମ ରୋଷଘରେ ପଶି ହାଣ୍ଡିରୁ ଖାଦ୍ୟ ଆଣି ସମସ୍ତ ଖାଦ୍ୟକୁ ଉଚ୍ଛିଷ୍ଟ କରିଦେବାରୁ ପାଣ୍ଡୁ ରାଗିଯାଇ ତାଙ୍କୁ ମାରିବାକୁ ଆଗେଇ ଯିବା ଅବସରରେ ସ୍ୱୟଂ ଅଗ୍ନିଦେବ ସେଠାରେ ଉପସ୍ଥିତ ହୋଇ ଭୀମକୁ ରକ୍ଷା କରିବା ସହିତ ପଣ୍ଡୁଙ୍କୁ ଉପଦେଶ ଦେଇଛନ୍ତି ।

''ବାଳପୁଅ ଆବର ମାଛିସଙ୍ଗେ ସରି
ଅଗ୍ୟାନ ମୂଢ଼ଲୋକ ସେ ଯେଥକୁ ବିଚାରି
ତୁ ଯେ ବୋଇଲୁ ମୁଁ ଦିଅଇ ପିତୃଲୋକଙ୍କୁ
ପିତୃଲୋକେ ଆଶା କରନ୍ତି ବାଳୁତ ଉଚ୍ଛିଷ୍ଟକୁ । (ଆଦି ପୂର୍ବ)

ଏପରିକି କବିଙ୍କ ମତରେ ପିତୃଲୋକମାନେ ଯେବେ ବାଳୁତର ଉଚ୍ଛିଷ୍ଟ ପାଆନ୍ତି, ସେଥିରେ ସେମାନେ ଅତ୍ୟନ୍ତ ଖୁସି ହୋଇଥାନ୍ତି ।

(୧୪) କେଉଁ କର୍ମ କଲେ କି କି ଫଳ ମିଳେ ତାହା ବିଭିନ୍ନ ଶାସ୍ତ୍ରପୁରାଣୋକ୍ତ ବାକ୍ୟାନୁସାରେ ଲୋକମାନେ ବିଶ୍ୱାସ କରୁଥିଲେ । ଲୋକମାନଙ୍କର ଏ ପ୍ରକାର ବିଶ୍ୱାସ ସାରଳା ମହାଭାରତର ବହୁସ୍ଥଳରେ ଦେଖିବାକୁ ମିଳିଥାଏ । 'କର୍ଣ୍ଣଦୈତ୍ୟ ବଧ' ପ୍ରସଂଗରେ କୌଣସି ବ୍ୟକ୍ତିର ନିଦ୍ରା ଭାଙ୍ଗିଲେ କି ଦଣ୍ଡ ମିଳେ ତାହା ଭୀମଙ୍କ ମୁଖରେ ପ୍ରକାଶ ପାଇଛି ।

''ପରର ନିଦ୍ରା ଭାଞ୍ଜିଣ ନ ଯୋଗାଇ
ଆପଣାର ପୁତ୍ର ଶିର ଛେଦନ ଦୋଷ ପାଇ । (ଆଦି ପର୍ବ)

ଏପରିକି ସେସମୟରେ ଲୋକବିଶ୍ୱାସ ଥିଲା-ଯେବେ କୌଣସି କାର୍ଯ୍ୟ କରିବା ସମୟରେ ବା କୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ କୌଣସି ଅଶୁଭ ସଂକେତ ଦେଖିବାକୁ ମିଳେ ତେବେ ସେଥିରୁ ଶୁଭ ବା ଅଶୁଭ ନିର୍ଣ୍ଣୟ କରାଯାଏ ।

(୧୫) ସାରଳା ଦାସଙ୍କ ସମସାମୟିକ ସମାଜରେ ଓଡିଶାର ସାମାଜିକ ଜୀବନରେ ଜାତିଭେଦ ପ୍ରଥା ବିଶେଷଭାବେ ଦେଖାଦେଇଥିଲା । ସାରଳା ଦାସଙ୍କ ମହାଭାରତରେ ବର୍ଣ୍ଣିତ ଗୁରୁଦ୍ରୋଣ କୌରବ ଓ ପାଣ୍ଡବ କୁମାରମାନଙ୍କୁ ଶସ୍ତ୍ରଶିକ୍ଷା ଦେଉଥିଲେ। ସେତେବେଳେ ସେ ଜାରା ଶବରକୁ ଶିଷ୍ୟ ଭାବରେ ଗ୍ରହଣ କରିବାଲାଗି ଅନିଚ୍ଛା ପ୍ରକାଶ ପ୍ରସଂଗରେ ସୂଚିତ ହୋଇଛି । ଜାତିଭେଦ ଏତେ ପରିମାଣରେ ସମାଜକୁ ପ୍ରଭାବିତ କରିଥିଲା ଯେ କେତେକ ସ୍ଥଳରେ ଶ୍ରୀକୃଷ୍ଣଙ୍କୁ 'ଗଉଡ଼ ବାଉଡ଼' ଭାବରେ ମଧ୍ୟ ନିନ୍ଦା କରାଯାଇଅଛି । ଦ୍ରୌପଦୀ ସ୍ୱୟଂବର ସଭାରେ ଜରାସନ୍ଧ ଶ୍ରୀକୃଷ୍ଣଙ୍କୁ ନିନ୍ଦା କରିବା ପ୍ରସଂଗରେ ଏହା ସୂଚିତ ।

''ଜରାସନ୍ଧ ବୋଇଲା ତୁମ୍ଭେ କିଛି ହିଂ ନ ଜାଣ
ନନ୍ଦ ଗଉଡ଼ ପୁଅ କୃଷ୍ଣ ଅତି ହୀନ ।
ତୁମ୍ଭେ ତାହାନ୍ତ ବୋଲ ଗୋବିନ୍ଦ ଗୋବିନ୍ଦ
ଗଉଡକୁଳେ ଜନ୍ମ ସେ ଅଟଇ ବଡ ମନ୍ଦ ।
ଅଗ୍ୟାନ ଗଉଡ ସେ ଗ୍ୟାନ ତା'ର ନାହିଁ
ଶଙ୍ଖ ଗୋଟିଯେ ଘେନି ଅବିଚ୍ଛନ୍ନେ ବାଉଥାଇ ।'' (ଆଦିପର୍ବ)

SPECIMEN COPY

(୧୬) ସେକାଳର ସମାଜରେ ବିଶ୍ୱାସ ଥିଲା ଯେ କୁଳୀନତା ପ୍ରତି ଦୃଷ୍ଟି ନ ଦେଇ ଯେବେ କନ୍ୟାକୁ ବିବାହ ଦିଆଯାଏ ତେବେ ଉଭୟ କୁଳର କ୍ଷତି ସାଧିତ ହୁଏ । ଦ୍ରୌପଦୀଙ୍କ ବିବାହ ପ୍ରସଂଗରେ ଦ୍ରୁପଦଙ୍କ ସହିତ କଥୋପକଥନ ସମୟରେ କବି ଯୁଧିଷ୍ଠିରଙ୍କ ମୁଖରେ ଏକଥା ପ୍ରକାଶ କରିଛନ୍ତି-

''ଯେହେନେକ କର୍ମେଣ ଯେବେ ଉପୁଜଇ ଦୁଲଣୀ
ପୁଣ୍ୟବନ୍ତ ଧାର୍ମିକ ଦେଖି ପ୍ରଦାନ କରିବ ଜାଣି ।
ଅମହତ ଅପଣ୍ଡିତ ଅକୁଳୀଣ ଜାତି
ଅବିଚାରେ ଦିଲେ ତହିଂ ଉପୁଜଇ ଅନେକ ଶାସ୍ତି ।
ଓହୋକୁଳ ନାଶ ଯାଇଂ କଳଙ୍କ ଦୋଷ ଥିଲେ
ବଡ଼ାଇ ଦୁରାପଦ ନ ବିଚାରି କାର୍ଯ୍ୟ କଲେ ।'' (ଆଦିପର୍ବ)

(୧୭) ସାରଳା ମହାଭାରତରେ ତତ୍କାଳୀନ ସାମାଜିକ ବିଧିବିଧାନ ଏବଂ କର୍ମକାଣ୍ଡ ପଦ୍ଧତି ଅନୁସାରେ ବିବାହ କର୍ମ ଅନୁଷ୍ଠିତ ହେବାର ଚିତ୍ର ଦେଖିବାକୁ ମିଳିଥାଏ । ଯାହାକି ଦ୍ରୌପଦୀଙ୍କ ସହିତ ପାଣ୍ଡବ ପାଞ୍ଚଭାଇଙ୍କ ବିବାହ ପ୍ରସଂଗରେ ବର୍ଣ୍ଣିତ ହୋଇଛି । ବ୍ୟାସଙ୍କ କୋଳରେ ପାଣ୍ଡବ ପାଞ୍ଚ ଭାଇ ବସିଲେ । ଧୌମ୍ୟ ପୁରୋହିତ ମନ୍ତ୍ରପାଠ କଲେ। ଶାଳଗ୍ରାମ ସ୍ନାନ ଜଳରେ ଦ୍ରୌପଦୀଙ୍କର ମସ୍ତକ ଧୌତ କରିବା, ଅକ୍ଷାଳୁଆ ସୂତାରେ ପଇତା ଗ୍ରହଣ, ଦୁର୍ବାଙ୍କୁର ଓ ବଦରିପତ୍ର (ବରକୋଳିପତ୍ର) ସଂଯୁକ୍ତ ସୂତା ବନକନ୍ୟାଙ୍କ ଭୁଜରେ ଗ୍ରହଣ, ଗ୍ରହଶାନ୍ତି ମନ୍ତ୍ର ପଠନ, ବନକନ୍ୟାଙ୍କୁ ଯୌତୁକ ଦେବା ଲକ୍ଷ୍ୟରେ ଧୌମ୍ୟ ପୁରୋହିତ ଦକ୍ଷିଣାବର୍ତ୍ତ ଶଂଖରେ ଜଳ ଦେଇ ଦ୍ରୁପଦଙ୍କୁ ପ୍ରଦାନ ଆଦି ବିବିଧ ବର୍ଣ୍ଣନା ରହିଛି । ଯାହାକି ଏବେ ବି ଆମ ସମାଜରେ ପ୍ରଚଳିତ ଅଛି ।

(୧୮) ପରିବାରରେ ନବଜାତ ଶିଶୁ ଉଦ୍ଦେଶ୍ୟରେ ଯେଉଁ ବିଧିବିଧାନ ପାଳିତ ହୁଏ । ତାହା ତାଙ୍କ ରଚନା ମଧ୍ୟରେ ବହୁସ୍ଥଳରେ ପ୍ରସଂଗକ୍ରମେ ବର୍ଣ୍ଣନା କରାଯାଇଛି । ଏହି ପ୍ରକାର ବର୍ଣ୍ଣନାରେ କବିଙ୍କ ସାମାଜିକ ଚଳଣି ସଂପର୍କୀୟ ଦୃଷ୍ଟିକୋଣ ପ୍ରକାଶ ପାଇଛି । ବଭ୍ରୁବାହନ ଜନ୍ମପରେ କବି ନିମ୍ନୋକ୍ତ ରୀତିରେ ସାମାଜିକ ଅନୁଷ୍ଠାନାଦିର ବର୍ଣ୍ଣନା କରିଛନ୍ତି -

''ମକରଧ୍ୱଜ ପ୍ରାୟେ ଦିଶଇ ବାଳୁତ
ନାଭିଛେଦି ସ୍ନାନ କରାଇଲେକ ତୁରିତ ।
ଅନ୍ତୁଡି ଲଗାଇ ଯେ ସେକନ୍ତି ସ୍ତିରୀଗଣ
ଧାଇମାନେ ଖିର ଦିଅନ୍ତି ଯେ ତାହାର ମୁଖେଣ ।''(ମଧ୍ୟପର୍ବ)

(୧୯) ଆଲୋଚ୍ୟ ମହାଭାରତରେ ବର୍ଣ୍ଣିତ ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ଅର୍ଜ୍ଜୁନ ଲକ୍ଷ୍ୟଭେଦ କରିବା ପରେ କୌରବମାନେ ପାଣ୍ଡବମାନଙ୍କ ଉପରେ ଆକ୍ରମଣ କଲେ, ସେତେବେଳେ ବ୍ରାହ୍ମଣବେଶୀ ପାଣ୍ଡବମାନେ ସେମାନଙ୍କୁ ଯେପରି ଆକ୍ରମଣ କରିଛନ୍ତି, ତାହା ଆମ ସମାଜର ଗାଁ-ଗହଳିରେ ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଯେପରି ଗଣ୍ଡଗୋଳ, ହାତାହାତି ହୁଅନ୍ତି- ତା'ର ଚିତ୍ର କବିଙ୍କ ବର୍ଣ୍ଣନାରେ-

''ବ୍ରାହ୍ମଣମାନେ ତହିଂ ଧାଇଂଲେ ଧାଡିକାରେ
ଆମ୍ବର ପ୍ରତଗ୍ୟାଂ ଭ୍ରଷ୍ଟ କରି ଲୋଡ଼ଇ ଚକରେ
କେହୁ ପୀଢାନ୍ତ ଘେନିଲେ ଡାହାଣ ହସ୍ତରେ
କେହୁ ଗଡୁ କପୋରା ଘେନିଲେ ବାମକରେ ।
ସ୍ରୁବଡାଙ୍ଗ ପ୍ରୋକ୍ଷଣୀ କେ ବୋଲଇ କୋପଭରେ ।
ମାର ମାର ବୋଲି ଧାଇଂଲେ ଦ୍ୱିଜବରେ ।'' (ଆଦି ପର୍ବ)

(୨୦) ସାରଳା ମହାଭାରତରେ ବିଭିନ୍ନ ପର୍ବପର୍ବାଣୀ ଓ ବ୍ରତକଥାର ଉଲ୍ଲେଖ ରହିଛି । ଓଡିଆ ସମାଜରେ ତୁଳସୀ ପୂଜା, ଷଠିଦୁଶୀ ପୂଜା, କନକ ପୂଜା, କାମାକ୍ଷୀବ୍ରତ ଆଦିର ବର୍ଣ୍ଣନା ରହିଛି । କାର୍ତ୍ତିକ ମାସ ପୂର୍ଣ୍ଣମୀ ଉପଲକ୍ଷେ ଡଙ୍ଗା ଭସାଯାଇ

ଆକାମା ବେି ପାନ ଗୁଆ ଖାଇ' ବୋଲି ଆମେ ଯେଉଁ ପ୍ରଥା ଏବେ ପାଳନ କରୁଛେ- ତାହା ସାରଳାଙ୍କ ସମକାଳୀନ ସମାଜରେ ମଧ୍ୟ ପ୍ରଚଳିତ ଥିବାର ବର୍ଣ୍ଣନା ରହିଛି-

''କାର୍ତ୍ତିକ ମାସ ଶୁକ୍ଳପକ୍ଷ ବୁଧବାର ଯେ ପୂର୍ଣ୍ଣମୀ
ଆକାମାବଇ ସ୍ନାହାନ ଦିନ ଗଙ୍ଗାକୁ ଗଲେ କୁନ୍ତ ଭୋଜ ସ୍ୱାମୀ ।'' (ଆଦି ପର୍ବ)

ଏସବୁ ଛଡା ଏକାଦଶୀ ବ୍ରତ, ମଙ୍ଗଳବାର ଓଷା, ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା, ଗଣେଷ ପୂଜା, ଦୁର୍ଗାପୂଜା, ମାଘସ୍ନାନ, ଶିବରାତ୍ରି, ରଥଯାତ୍ରା ଇତ୍ୟାଦି ନାନାବିଧ ବ୍ରତର ବର୍ଣ୍ଣନା ମଧ୍ୟ ରହିଛି ।

(୨୧) ସାରଳା ମହାଭାରତର କେତେକ ସ୍ଥାନରେ 'ଅତିଥି ସତ୍କାର' ପ୍ରସଂଗ ଅତି ସୁନ୍ଦରଭାବେ ବର୍ଣ୍ଣନା କରାଯାଇଛି । ରାଜସୂୟ ଯଜ୍ଞ ଅନୁଷ୍ଠିତ ହେବା ପୂର୍ବରୁ ଶ୍ରୀକୃଷ୍ଣ ପାଣ୍ଡବଙ୍କ ଗୃହରେ ଉପସ୍ଥିତ ହୋଇଛନ୍ତି । କୁନ୍ତୀଦେବୀ ଆଦରରେ ସେମାନଙ୍କୁ ପାଛୋଟି ନେଇଛନ୍ତି । ବଧୂ ଦ୍ରୌପଦୀ ଷଡରସରେ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ କରିଛନ୍ତି । କୁନ୍ତୀଦେବୀ ସ୍ୱହସ୍ତରେ ଶ୍ରୀକୃଷ୍ଣଙ୍କୁ ଖାଦ୍ୟ ପରିବେଷଣ କରିଛନ୍ତି । ଭୋଜନ ପରେ ଶ୍ରୀକୃଷ୍ଣଙ୍କୁ ସୁବାସିତ ବିଡିଆ ପାନ ଦିଆଯାଇଛି । ଏପରି ଦୃଷ୍ଟାନ୍ତରୁ ଆମ ସମାଜ ଓ ସଂସ୍କୃତିର ପରିଚୟ ମିଳିଥାଏ ।

(୨୨) ଓଡ଼ିଆ ଘରର ରାନ୍ଧଣାପ୍ରଣାଳୀ ଓ ଖାଦ୍ୟ ପାନୀୟ ସଂପର୍କୀୟ ବର୍ଣ୍ଣନା ସାରଳାଙ୍କ ରଚନାରେ ବେଶ୍ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ପୋଡପିଠା, ଚିତଉ ପିଠା, ଗଣ୍ଡାମାଂସକାରୀ ଆଦି ପ୍ରସ୍ତୁତ ପ୍ରଣାଳୀ, ଦିବା ଅରୁଅନ୍ନ, ବ୍ୟାସଘୃତ, କ୍ଷିରିସା, ପଞ୍ଚବର୍ଣ୍ଣ ପିଠା, ଏଣ୍ଡୁରି ପିଠା, ଧୂଆ ପଖାଳ ଆଦିର ପ୍ରସ୍ତୁତି ପ୍ରଣାଳୀ ସଂପର୍କରେ ବର୍ଣ୍ଣନା ରହିଛି । ଯାହାକି ଆମ ସମାଜରେ ପ୍ରଚଳିତ । ପାର୍ବତୀ ଶିବଙ୍କ ପାଇଁ ଯେଉଁ ଯେଉଁ ଖାଦ୍ୟ ସବୁ ପ୍ରସ୍ତୁତ କରିଥିଲେ- ତା'ର ଏକ ତାଲିକା ପ୍ରଦାନ କ୍ରମରେ ଏହା ସ୍ପଷ୍ଟ-

'ରନ୍ଧନ କଲେ ଯାଇଂ ବେଗେ ଶାଳି ଅନ୍ନ
ହେଙ୍ଗୁ ଜୀରା ମେଥି ପକାଇଣ ମୃଗ ଯେ ତିଉଣ
କନ୍ଦ ଲୁଚି ପୁରି ବଢା ଝିଲି ଯେ ମିଠାଇ
ଆରିସା ଲଡୁ କଚୋରୀ ସିଙ୍ଗଡା ଯେ ଖଇ
ଶୁଆ ଯେଣ୍ଡୁରୀ ଗଇଁଠା ଯେଉଟ ଫୁଲ
ଚିନି ପକାଇଣ ପଣାକଲେ ସମତୁଲ ।''

(୨୩) ସାରଳାକାଳୀନ କୃଷି ଓ କୃଷକର ଚିତ୍ର ସାରଳା ମହାଭାରତରେ ସ୍ଥାନବିଶେଷରେ ବର୍ଣ୍ଣିତ ହୋଇଛି । ଉଦ୍‌ଯୋଗ ପର୍ବରେ 'ବାବନାଭୂତ' ପ୍ରସଂଗରେ କବି ତତ୍‌କାଳୀନ କୃଷି ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଛନ୍ତି । ଏହିପରି-

''ଚାଷ ଚଷିଣ ଆମ୍ଭେ ନାନା କୃଷି କରି
ଧାନର ଚାଷ କାକୁଡି ମାଣ୍ଡିଆ ଆଦି କରି ।''

ଏହାଛଡା ହଳ, ଲଙ୍ଗଳ ଓ ହଳିଆଙ୍କ ନିମିତ୍ତ ବିଲବାଡିକୁ ଭାତ ନେଇଯିବା ପ୍ରଭୃତି ଚିତ୍ର ଓଡିଶାର ଜୀବନ୍ତ କୃଷକ ଜୀବନର ଚିତ୍ର ପରି ମନେହୁଏ । ଏହି ପର୍ବରେ ମଧ୍ୟ ଗୋଚର ଭୂମିରେ କୃଷିକର୍ମ ନ କରିବାକୁ ବାରଣ କରାଯାଇଛି । କୃଷି ହେଉଛି ଧର୍ମ । କୃଷିକାର୍ଯ୍ୟ କଲେ ସମସ୍ତ ପାପର କ୍ଷୟ ହୁଏ ବୋଲି ସାରଳାଦାସ କହିଛନ୍ତି-

''ଶୁଦ୍ର ପାପ କ୍ଷୟେ ଯିବ ଉପୁଜାଇଲେ କୃଷି ।''
(ସ୍ୱର୍ଗାରୋହଣ ପର୍ବ)

ପୁଣି କବି 'ବନପର୍ବ'ରେ ଅନ୍ୟ ଏକ ପ୍ରସଂଗରେ ବୀଜବପନ ସମ୍ବନ୍ଧରେ କହିଛନ୍ତି- ଅମାବାସ୍ୟାରେ ବୀଜବପନ ନିଷିଦ୍ଧ - ଏହା ମଧ୍ୟ ଶାସ୍ତ୍ରସମ୍ମତ । ତାଙ୍କ ବର୍ଣ୍ଣନାରେ-

''ଅମାବଇ ଦିନ ପଡ଼ଇ ଯେବେ ବୀଜଇ
ଶସ୍ୟ ନୁହଇଂ ସନ୍ତାନ ନ ଉପୁଜଇ ।'' (ବନ ପର୍ବ)

ଶ୍ରୀକୃଷ୍ଣଙ୍କ ଗୁରୁଗୃହରେ ବିଦ୍ୟାଶିକ୍ଷା ପ୍ରସଙ୍ଗରେ କବି ଯେଉଁ ଚିତ୍ର ଦେଇଛନ୍ତି ତାହା ତତ୍କାଳୀନ ଓଡ଼ିଶାର ଗ୍ରାମ୍ୟ [illegible] ଦେଇଥାଏ । ଶ୍ରୀକୃଷ୍ଣ, ବଳରାମ ସାନ୍ଦୀପନି ଋଷିଙ୍କ ଆଶ୍ରମରେ ଯେଉଁ ବିଧିରେ ପାଠ ପଢ଼ିଛନ୍ତି- [illegible] ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ସୂଚନା ମିଳିଥାଏ । ଏହିପରି-

''ପ୍ରଥମେଣ ଲେଖିଦେଲେ ଶିରୀ ପଟା
ନିଶ୍ଚାପକେ ଶିଖିଗଲେ ଦେବକୀର ବଳା ।
ଦ୍ଵିତୀୟେଣ ଲେଖିଦେଲେ 'କ' ପଟା
ଚଉତିଂଶ ଅକ୍ଷର ଅଟଇ ବାରମାତ୍ରା ।
ତାହା ଶିଖିଲେ ସେ ଧାର୍ମିକ ବଳଭଦ୍ରା
କ କ୍ୟ କ୍ର କ୍ଲ କ୍ୱ କ୍ୱ କ୍ଷ କ୍ୟ, କ୍ରୀ କ୍ଲି କ୍ଲି
କୁଟା କୁଳୁ ଅଙ୍କ ଅଙ୍କ ଅଷ୍ଟାତ୍ରୟୀ ବିଧାନ ।''

ଶ୍ରୀକୃଷ୍ଣ ବ ଶ୍ରୀପଟା ଲେଖିବା ପରେ ଅକ୍ଷର ଶିକ୍ଷା, ମାତ୍ରାଶିକ୍ଷା, ଫଳା, ଯୁକ୍ତାକ୍ଷର ଶିକ୍ଷା ଏବଂ ଶ୍ଳୋକସାଧନା ଶିକ୍ଷା [illegible] ଶିକ୍ଷା ପଦ୍ଧତିକୁ ମନେ ପକାଇଦିଏ ।

୪. ସାରଳା ମହାଭାରତରେ ରାଜସ୍ୱ ସମ୍ବନ୍ଧରେ ବିବିଧ ବର୍ଣ୍ଣନା ରହିଛି । ବନପର୍ବରେ ଚାଷୀମାନେ କିଛି କର ଦେଉଥିବାର ସୂଚନା ରହିଛି । ପୁଣି ବିଭିନ୍ନ ରାଜାଙ୍କ ଶାସନରେ ପ୍ରଜାମାନେ ମାଣ ପ୍ରତି ତିନାଏ (୪ରତି), ବାଟି ପ୍ରତି [illegible] ପଣଟିଏ ହିସାବରେ ଖଜଣା ଦେଉଥିବାର ବର୍ଣ୍ଣନା ରହିଛି ।

''ଅଷ୍ଟ ଉତ୍ତର ଶତେ ଭାଗ କରିବେ ସେ କୃଷି
ରାଜାଙ୍କୁ ଆଠଭାଗ ପ୍ରଜାଙ୍କୁ ଭାଗ ଅଶି ।
ଦୁହିଙ୍କର ଭାଗରୁ କୋଡ଼ିଏ ଭାଗ ଥୋଇଥିବେ
ସେ ମାଙ୍କି ହୋଇବ ତାହା କ୍ଷେତରେ ବୁଣାଇବେ ।
ଯେ ଅବା ପ୍ରଜାଙ୍କୁ ଯେମନ୍ତ କରିବା ଦେବଟି ସଂଖା,
ସୁନାକୁ ଯାହାର ଇଚ୍ଛା ମାଢ ତିନାଏ ଦେଉ ସଂଖା (ବନ ପର୍ବ)

ମହାକବି ସାରଳା ଦାସଙ୍କ ବିଶାଳ ରଚନାସମ୍ଭାର, ବିଶେଷକରି ମହାଭାରତ ଗ୍ରନ୍ଥରେ ସମାଜଚିତ୍ର କ୍ରମରେ ଓଡ଼ିଆ ଜାତିର ଜୀବନଧାରା, ସମାଜର ବିବିଧ କ୍ଷେତ୍ରର ଯେଉଁସବୁ ବର୍ଣ୍ଣନା ରହିଛି- ତାହା ଅତୀବ ବାସ୍ତବ ତଥା ଅନୁଭୂତିଲବ୍ଧ ବୋଲି ପ୍ରମାଣ ହୋଇଥାଏ । ଯେଉଁଥିରୁ କବିଙ୍କ ସମାଜ ସଚେତନତା ବେଶ୍ ବାରି ହୋଇପଡ଼େ । ଯେଉଁଠି ସେ ଦେଖିଛନ୍ତି କିଛି ଦୁର୍ନୀତି ତଥା ଅନୀତି କର୍ମ - ସେଠି ସେ ନିର୍ଭିକ ଚିତ୍ତରେ ଏହା ବିରୁଦ୍ଧରେ ସ୍ୱରୋତ୍ତୋଳନ କରି ଜଣେ ନିରପେକ୍ଷ ସମାଲୋଚକ ଭୂମିକା ନିର୍ବାହ କରିଛନ୍ତି । ବାସ୍ତବରେ ସାରଳା ଦାସ ଏ ଜାତିର ଶିକ୍ଷକ, ମାର୍ଗଦର୍ଶକ ତଥା ସଂସ୍କାରକ । ତାଙ୍କର ମହାଭାରତ କୃତିଟି ହେଉଛି ଏ ଜାତିର ସାମାଜିକ ଜନ ଜୀବନର ଏକ ବିଶ୍ୱକୋଷ ।